READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୩୦ ୭ - ୧୩ ଅଗଷ୍ଟ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-30 7th - 13th AUGUST, 2023 BHUBANESWAR ₹ 5/- (8 Pages)

## ଖୋଲିବ ରନ୍ନଭଣ୍ଡାର

# ଏବେ ନୁହେଁ

**ପୁରୀ :** ପୁରୀ : ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର। ଆସନ୍ତାବର୍ଷ ରଥଯାତ୍ରା ସମୟରେ ଖୋଲାଯାଇପାରେ ରତ୍ନଭଣ୍ଡାର। ନ୍ଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ସୁପାରିଶ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଆଗାମୀ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବାକୁ ସୁପାରିଶ କରିଛି କମିଟି। ଶୁକ୍ରବାର ବସିଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ବୈଠକ ଶେଷ ହେବା ପରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ୨୦୨୪ ରଥଯାତ୍ରାରେ ଖୋଲିବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗଜପତି ମହାରାଜା ଶ୍ରୀଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ବସିଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଖୁବ ଶୀଘ୍ର ଏଏସଆଇ ପକ୍ଷରୁ



ରତ୍ନଭଣ୍ଡାର ବାହାରୁ ଯାଞ୍ଚ କାର୍ଯ୍ୟ ଶେଷ ହେବା ପରେ ଆସନ୍ତାବର୍ଷ ରଥଯାତ୍ରା ବେଳେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଯାଞ୍ଚ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ୨୦୧୮ ମାର୍ଚ୍ଚ ୨୨ରେ ମାସରେ ହାଇକୋର୍ଟ ନିର୍ଦ୍ଦେଶ ମୁତାବକ ପ୍ରଥମେ ମାର୍ଚ୍ଚ ୨୬ରେ ଏଏସଆଇ ଟିମ୍ ଯାଞ୍ଚ କରିଥିଲେ। ପରେ ଏପ୍ରିଲ ୪ରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ୧୭ ଜଣିଆ ପ୍ରାଧିକୃତ ଟିମ୍ ଯାଇଥିଲା। ତେବେ ଚାବି ହଜିଥିବା ଯୋଗୁଁ ଭିତର ରତ୍ନଭଣ୍ଡାର ଖୋଲାଯାଇ ପାରିନଥିଲା। ଭିତର ରତ୍ନଭଣ୍ଡାରର ତିନୋଟି ବିମ୍ ସହ ପ୍ଲାଷ୍ଟର ଖରାପ ଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଭିତର ରତ୍ନଭଣ୍ଡାର ଖୋଲିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ଏଏସ୍ଆଇ ପକ୍ଷରୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା। ଭିତର ରତ୍ନଭଣ୍ଡାର ୩ଟି ବିମ୍‌ରେ ଫାଟ ସୃଷ୍ଟି ହେବା ସହ ପାଣି ଗଳୁଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ରଘୁନାଥ ବେଶ୍ ପାଇଁ ସମସ୍ତ ଦୁର୍ମୂଲ୍ୟ ଅଳଙ୍କାର ରହିଛି। ଶ୍ରୀମନ୍ଦିର ପ୍ରଶାସନର ସ୍ଥାୟୀ ଅଧ୍ୟକ୍ଷ ଗଜପତି ଶ୍ରୀ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ନେଇ ଆଲୋଚନା ହେବା ସହ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ➤ ପୃ-୬

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା-ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ

# କାହିଁକି ବଦଳିଗଲା ବିଜେଡି

**ଭୁବନେଶ୍ୱର :** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକୁ ହାସଲ ପାଇଁ ବିଜେଡି ଲଢ଼େଇ କରିବ ବୋଲି ୨୦୦୯,୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ନିଜର ଦଳୀୟ ଇସ୍ତାହାରରେ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି। ଆଉ ଯା' ଭିତରେ ନିଜର ସ୍ୱରକୁ ବଦଳାଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ନୁହେଁ ବରଂ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ମାନ୍ୟତା ଦିଅ ବୋଲି ଦାବି ଦୋହରାଉଛି। ତେବେ ରାଜ୍ୟବାସୀଙ୍କୁ ପ୍ରାୟ ଏକ ଦଶନ୍ଧି ଧରି ନିର୍ବାଚନୀ ପ୍ରତିଶ୍ରୁତି ଦେଇ ଆସୁଥିବା ବିଜେଡି କାହିଁକି ନିଜର ସ୍ୱରକୁ ବଦଳାଇଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ସବୁ ପ୍ରସଙ୍ଗରେ ଗତ ୭-୮ ବର୍ଷ ଧରି କେନ୍ଦ୍ରର ଏନଡିଏ ସରକାରକୁ ଅଯାଚିତ ସମର୍ଥନ ଦେଇ ଆସୁଥିବା ବିଜେଡି କାହିଁକି 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା' ଦାବି ହାସଲ ଦିଗରେ ରାଜନୀତିକ ମୂଳଚାଲ୍ କରିବାରେ ବିଫଳ ହେଲା ତାକୁ ନେଇ ଚର୍ଚ୍ଚା। ସୂଚନା ଅନୁସାରେ ରାଜ୍ୟସଭାରେ ବିଜେଡି ସାଂସଦ ସସ୍ମିତ ପାତ୍ର 'ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ' ମାନ୍ୟତା ଦେବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ସେ ଗୃହରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଓଡ଼ିଶା ପ୍ରତିବର୍ଷ ପ୍ରାୟତଃ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ବ୍ୟାପକ ଭିତ୍ତିଭୂମି ନଷ୍ଟ ହେଉଥିବାରୁ ଓଡ଼ିଶାର ମେରୁଦଣ୍ଡ ଦୋହଲି ଯାଉଛି। ତେଣୁ ସ୍ପେଶାଲ ଫୋକସ ଷ୍ଟେଟ୍ ମାନ୍ୟତା ପାଇବାକୁ ଓଡ଼ିଶା ହକଦାର। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଦାବି ଜଣାଇଛନ୍ତି। କେନ୍ଦ୍ର ସରକାର 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା' ମାନ୍ୟତା ଦେବାକୁ ରାଜି ନାହାନ୍ତି। ମାତ୍ର ସ୍ପେଶାଲ ଫୋକସ୍ ଷ୍ଟେଟ୍ ମାନ୍ୟତା ଦେବାରେ ଅସୁବିଧା କ'ଣ ବୋଲି ସେ ପ୍ରଶ୍ନ କରିବା ସହ ସ୍ପେଶାଲ ଫୋକସ ଷ୍ଟେଟ ମାନ୍ୟତା ଅବଧି ମାତ୍ର ୩ବର୍ଷ ରହୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଉପରେ କୌଣସି ଆର୍ଥିକ ଚାପ ବି ସୃଷ୍ଟି ହେଉନି। ତେଣୁ ଏଦିଗରେ କେନ୍ଦ୍ର ସରକାର ଗୁରୁତ୍ୱର ସହ ବିଚାର କରିବାକୁ ସେ ଦାବି କରିଥିଲେ। ତେବେ ବିଗତ ➤ ପୃ-୬

## ଗୋପ ଥାନାର ପୂର୍ବତନ ପୋଲିସ ଏଏସ୍ଆଇ ଦୋଷୀ ସାବ୍ୟସ୍ତ

# ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଦଣ୍ଡାଦେଶ

**ଭୁବନେଶ୍ୱର :** ଦୁର୍ନୀତି ନିର୍ବାରଣ ଆଇନ ୧୯୮୮ ଧାରା ୭ ଓ ୧୩ (୨) ଅନୁସାରେ ଅଭିଯୁକ୍ତ ପୁରୀ ଜିଲ୍ଲା ଗୋପ ଥାନାର ଅବସରପ୍ରାପ୍ତ ସହକାରୀ ଆରକ୍ଷୀ ଉପନିରୀକ୍ଷକ (ଏଏସ୍ଆଇ) ଭିକ୍ଷାକାରୀ ମହାପାତ୍ରଙ୍କୁ ଭୁବନେଶ୍ୱର ଭିଜିଲାନ୍ସର ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାଢ଼ୀ ଗତ ୩୧.୭.୨୦୨୩ରେ (ଭିଜିଲାନ୍ସ ମାମଲା ସଂଖ୍ୟା ୧୯/୨୦୦୧) ନିଜର ମହନୀୟ ରାୟ ଦ୍ୱାରା ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ଆଉ ଦୁଇମାସ ଜେଲ୍ ଦଣ୍ଡ ଆଦେଶ ହୋଇଛି। ଏଏସ୍ଆଇ ଶ୍ରୀ ମହାପାତ୍ର ୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଘଟଣାରୁ ପ୍ରକାଶ ୧୪.୬.୨୦୦୧ରେ ସେକ୍ ଯୋଗବକ୍ସ ନାମ ଜନୈକ ବ୍ୟକ୍ତି ଗ୍ରାମର ଏକ ଗୋଷ୍ଠୀ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ମାମଲାରେ ତଦନ୍ତ ଅଧିକାରୀ ଭାବେ ଭିକ୍ଷାକାରୀ ମହାପାତ୍ର ନେଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ଯେଉଁଥିପାଇଁ ମାନସିକ ସ୍ତରରେ ଅଭିଯୋଗକାରୀ ସେକ୍ ଯୋଗବକ୍ସ ଭାଙ୍ଗି ପଡିଥିଲେ। ତେଣୁ ସେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଏଏସ୍ଆଇ ଶ୍ରୀ ମହାପାତ୍ରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ବି ସିଏ ଏଥିଉପରେ କୌଣସି ନଜର ନଦେଇ ବରଂ ତାଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲାଞ୍ଚ ମାଗିଥିଲେ। ଯେଉଁଥିପାଇଁ ଅଭିଯୋଗକାରୀ ଉକ୍ତ ମାମଲା ଭିଜିଲାନ୍ସକୁ ଦେଇଥିଲେ। ଯାହାର ରାୟ ଏବେ ପ୍ରକାଶ ପାଇଛି। ଏହି ମାମଲା ପରିଚାଳନା କରୁଥିଲେ ଆଇନଜୀବୀ କାମଦେବ ତ୍ରିପାଠୀ ଏବଂ ତଦନ୍ତକାରୀ ଅଧିକାରୀ ଥିଲେ ନରହରି ପଣ୍ଡା।

## ସୁପ୍ରିମ୍‌କୋର୍ଟରୁ ମିଳିଲା ବଡ ଆଶ୍ୱସ୍ତି

# ସଦସ୍ୟତା ଫେରିପାଇବେ ରାହୁଲ !

**ନୂଆଦିଲ୍ଲୀ :** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ବଡ ଆଶ୍ୱସ୍ତି। ମୋଦୀ ସାଙ୍ଗିଆ ନେଇ ସେ ଦେଇଥିବା ଆପତ୍ତିକର ଟିପ୍ପଣୀ ଉପରେ ସୁପ୍ରିମକୋର୍ଟ ତାଙ୍କୁ ବଡ଼ ଆସ୍ୱସ୍ତି ଦେଇଛନ୍ତି। ଏହାପରେ ସଂସଦରେ ତାଙ୍କ ପୁନଃପ୍ରବେଶ ପାଇଁ ପଥ ପରିଷ୍କାର ହୋଇଯାଇଛି। ବର୍ତ୍ତମାନ ବଡ଼ ପ୍ରଶ୍ନ ହେଉଛି କି, ଏପରି ମାମଲାରେ ଲୋକସଭା ସଚିବାଳୟ ସଦସ୍ୟତା ଫେରାଇବାକୁ କେତେ ସମୟ ନେଇଥାଏ ? ଆସନ୍ତା ମଙ୍ଗଳବାର ସଂସଦରେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବାକୁ ଥିବାରୁ ରାହୁଲ ଗାନ୍ଧୀ ବିତର୍କରେ ଭାଗ ନେଇ ପାରିବେ କି ? ସଦସ୍ୟତା ପୁନରୁଦ୍ଧାର ପ୍ରକ୍ରିୟା ଅନୁଯାୟୀ, ରାହୁଲ ଗାନ୍ଧୀଙ୍କୁ ଲୋକସଭା ସଚିବଙ୍କ ନିକଟରେ ଏନେଇ ଏକ ପତ୍ର ଦାଖଲ କରିବାକୁ ପଡ଼ିବ। ଯେଉଁଥିରେ ସୁପ୍ରିମକୋର୍ଟ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ କରିଥିବାରୁ ୱାଏନାଡ଼ରୁ ସାଂସଦ ଭାବରେ ତାଙ୍କର ସ୍ଥିତି ପୁନଃସ୍ଥାପିତ ହେବା ଉଚିତ ବୋଲି ଉଲ୍ଲେଖ କରିବେ। ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟଙ୍କ ଆଦେଶର ଏକ ନକଲ ସଚିବାଳୟରେ ଦାଖଲ କରିବାକୁ ପଡ଼ିବ। ଏହାପରେ ଏକ ବିଜ୍ଞପ୍ତି ପ୍ରକାଶ ପାଇବ। ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶର ଏକ ଘଣ୍ଟା ପୂର୍ବରୁ କଂଗ୍ରେସ ନେତା ଆଧୀର ରଞ୍ଜନ ଚୌଧୁରୀ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଗାନ୍ଧୀଙ୍କ ସଦସ୍ୟତା ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଚୌଧୁରୀ କହିଛନ୍ତି, 'ରାହୁଲ ଗାନ୍ଧୀଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଆସ୍ୱସ୍ତି ହେଉଛି ସତ୍ୟର ବିଜୟ। ଆମେ ଆଶା କରୁଛୁ ସତ୍ୟ ଜିତିବ।' ୨୦୧୯ ନିର୍ବାଚନୀ ପ୍ରଚାର ସମୟରେ 'ସବୁ ମୋଦୀ ଚୋର କାହିଁକି' ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ ରାହୁଲ ଗାନ୍ଧୀ। ଏନେଇ ଗୁଜରାଟର ଜଣେ ବିଜେପି ନେତା ସୁରଟ ଟ୍ରାଏଲ୍ କୋର୍ଟରେ ଅପରାଧିକ ➤ ପୃ-୬



## 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ବିରୁଦ୍ଧରେ କୋର୍ଟ ଯିବ କଂଗ୍ରେସ

**ଭୁବନେଶ୍ୱର :** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ବିଜେଡି ସରକାର କାର୍ଯ୍ୟକାରୀ କରୁଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାକୁ କଂଗ୍ରେସ ବିରୋଧ କରିଛି। ଏହି ଯୋଜନାକୁ ସମ୍ବିଧାନବିରୋଧୀ ଓ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି କୁଠାରଘାତ ବୋଲି କହିବା ସହ ଏହା ବିରୁଦ୍ଧରେ କଂଗ୍ରେସ ଖୁବଶୀଘ୍ର କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି। ଏହାସହିତ ଆସନ୍ତା ୨୦ତାରିଖରେ ଦଳ ପକ୍ଷରୁ ପଞ୍ଚାୟତ ପ୍ରତିନିଧିମାନଙ୍କ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇ ଉକ୍ତ ଯୋଜନା ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ପ୍ରୟାସ କରାଯିବ ବୋଲି କହିଛି। ପିସିସି ମୁଖପାତ୍ର ତଥା ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ, ୭୩ତମ ସମ୍ବିଧାନ ସଂଶୋଧନ ଆଇନ ପଞ୍ଚାୟତର ବିକାଶମୂଳକ କାମରେ ଗ୍ରାମସଭାକୁ ପ୍ରାଧାନ୍ୟ ଦେଇଛି। ଗ୍ରାମସଭାର ବିନା ସୁପାରିଶ ଓ ଅନୁମୋଦନରେ ପଞ୍ଚାୟତରେ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି ସମ୍ବିଧାନ କହିଛି। ତୃଣମୂଳ ସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ପଞ୍ଚାୟତ ବ୍ୟବସ୍ଥାରେ ଫଣ୍ଡ, ଫଙ୍କସନ ଓ ଫଙ୍କସ୍ନାରୀ ବା ଅର୍ଥ, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା ଉପରେ ଗୁରୁତ୍ୱ ସମ୍ବିଧାନ ଦେଇଛି। ମାତ୍ର 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଗ୍ରାମସଭା, ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ ବ୍ୟବସ୍ଥାକୁ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ କିମ୍ବା ଏ ବିଷୟରେ ଗାଇଡଲାଇନରେ କୌଣସି ସ୍ଥାନରେ ଉଲ୍ଲେଖ କରାଯାଇ ନାହିଁ। ଏହା ସମ୍ବିଧାନ ପ୍ରତି ଉପହାସ। ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ଦିଆଯିବ ବୋଲି ଯୋଜନାରେ ଉଲ୍ଲେଖ ଅଛି। ଏଥିରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହିତ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ମାତ୍ର ଏହାକୁ କାର୍ଯ୍ୟକାରି କରିବା କ୍ଷେତ୍ରରେ ➤ ପୃ-୬

## ବିଦ୍ୟାଳୟ ଓ ହସ୍ପିଟାଲ୍ ସହ ଯୋଡ଼ିହେବ ମିଲେଟ୍ ମିଶନ

# ମିଲେଟ୍ ଫୁଡ୍ ଯୋଗାଣ ଦାୟିତ୍ୱରେ ରହିବ ମିଶନ ଶକ୍ତି

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ଡାକ୍ତରଖାନା ମିଲେଟ୍ସ ମିଶନ ସହ ଯୋଡ଼ି ହେବାକୁ ଯାଉଛି। ଏନେଇ ରାଜ୍ୟ ସରକାର କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର କିଛି ଡାକ୍ତରଖାନା କ୍ୟାଣ୍ଟିନ୍ ଓ ରୋଗୀମାନଙ୍କ ଖାଦ୍ୟରେ ମିଲେଟ୍ ଖାଦ୍ୟ ଶସ୍ୟକୁ ସାମିଲ କରାଯାଇପାରିଛି। ପୋଷଣଯୁକ୍ତ ପୁଷ୍ଟିକର ଖାଦ୍ୟ ପ୍ରଦାନ କ୍ଷେତ୍ରରେ ଏହି ପରୀକ୍ଷାମୂଳକ ଉଦ୍ୟମ ସଫଳ ହୋଇପାରିଛି। ଏଣୁ ସରକାର ଆଉ ପାଦେ ଆଗେଇବା ନେଇ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ ତଥା ବେସରକାରୀ ଡାକ୍ତରଖାନା ଓ ବିଦ୍ୟାଳୟଗୁଡ଼ିକରେ ମିଲେଟଯୁକ୍ତ ମିଲ୍‌ର ବ୍ୟବସ୍ଥା କରାଇବା ନେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ। ପୁଷ୍ଟିଶସ୍ୟର ଉପାଦେୟତା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଶାକର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ କେବଳ ସରକାରୀ ଡାକ୍ତରଖାନା ନୁହେଁ, ଘରୋଇ ଡାକ୍ତରଖାନାଗୁଡ଼ିକରେ ମଧ୍ୟ କିଭଳି ମିଲେଟ୍ ସାମିଲ ହୋଇପାରିବ ସେନେଇ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ବୃନ୍ଦା ଡି. କହିଛନ୍ତି। ମିଲେଟଯୁକ୍ତ ପ୍ୟାକେଟ୍ ଖାଦ୍ୟ ଯୋଗାଣର ଦାୟିତ୍ୱ ମିଶନ ଶକ୍ତି ସମ୍ପାଦନ କରିବ। ମିଶନ ଶକ୍ତି ସହ ଯୋଗାଯୋଗ କରି ମିଲେଟଯୁକ୍ତ ଖାଦ୍ୟ ନିଆଯାଇପାରିବ। ଜିଲ୍ଲାସ୍ତରରେ ମିଶନ ଶକ୍ତି ଗୋଷ୍ଠୀଗୁଡ଼ିକୁ ମିଲେଟ୍ ଖାଦ୍ୟ ପ୍ରଦାନ ନେଇ ଦାୟିତ୍ୱ ଦିଆଯିବ। ସେହିଭଳି ବିଦ୍ୟାଳୟଗୁଡ଼ିକରେ ସରକାରଙ୍କ ପକ୍ଷରୁ ହୋଇଥିବା ମଧ୍ୟାହ୍ନ ଭୋଜନରେ ମିଲେଟକୁ ସାମିଲ କରାଯିବ। ଏହା କେତେକ ସ୍ଥାନରେ ପରୀକ୍ଷାମୂଳକ ଭାବେ ଚାଲୁ ରହିଥିବା ବେଳେ ଆଗାମୀ ଦିନରେ ସାରା ରାଜ୍ୟରେ ବଡ଼ଧରଣରେ ଲାଗୁ ହେବାକୁ ଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟପେୟର ଅଭ୍ୟାସ ➤ ପୃ-୬

## ହାଇକୋର୍ଟରେ ଏଏସଓ ପରୀକ୍ଷା ଅନିୟମିତତା ମାମଲା

# ୬ ସପ୍ତାହ ମଧ୍ୟରେ ଚୟନ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ

**କଟକ :** ଏଏସଓ ପରୀକ୍ଷା ଅନିୟମିତତା ମାମଲାରେ ହାଇକୋର୍ଟ ୬ ସପ୍ତାହ ମଧ୍ୟରେ ପୂର୍ବରୁ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ନୂଆ ମେଧା ତାଲିକା ପ୍ରକାଶ କରିବାକୁ ଓପିଏସସିକୁ ନିର୍ଦ୍ଦେଶ ଦେଇଛନ୍ତି। ମେ ୧୯ ରେ ହାଇକୋର୍ଟ ଦେଇଥିବା ଏହି ରାୟ ଦୁଇ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ବିଳମ୍ବ ହେଉଥିବା ଦର୍ଶାଇ ହାଇକୋର୍ଟରେ ଓପିଏସସି ବିରୁଦ୍ଧରେ ଅଦାଲତ ଅବମାନନା ମାମଲା କରିଥିଲେ କିଛି ପରୀକ୍ଷାର୍ଥୀ। ଆଉ ଏହାକୁ ନେଇ ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବାସ୍ତବରେ ମେ ୧୯ରେ ଏଏସଓ ନିଯୁକ୍ତି ନେଇ ଓପିଏସସିର ମେରିଟ୍ ଲିଷ୍ଟକୁ ଖାରଜ କରିଥିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ଆଗାମୀ ୨ ମାସ ମଧ୍ୟରେ ସାନି ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଓପିଏସସି ଏହା କରିନଥିଲା। ଏହାକୁ ଚ୍ୟାଲେଞ୍ଜ କରି କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ➤ ପୃ-୬



## ବକ୍ରବାଣୀ



ଠିକ୍ ଜାଣିଥେଲେ ପୁଅକୁ ବୋଲି
ଚିହ୍ନେଇ ନ ଥିଲେ କାହାକୁ କେବେ
କୁଳାଙ୍ଗାରଟା ନ ଥିଲା ପାଖରେ
ଛାଡ଼ି ଚାଲିଗଲେ ଆମକୁ ଯେବେ
ଘଉଡ଼ଉଥେଲେ ସିଏ ଯାହାକୁ
କିଆ ଫୁଲ ପରି ବାସେ ପୁଅକୁ
ଅଲଜ୍ୟା ମୁହଁକୁ ସରମ ନାହିଁ
ବିକୁଚି ସେ ଆଜି ନିଜ ବୋପାକୁ
ଏମିତି ଲୋକଟେ ଦେଖିଚ ଭାଇ
ଦିନରେ ଅଣ୍ଡିରା ରାତିକି ମାଇ।

——ଟୁଟୁ

## ମହାନଦୀ ବିବାଦ

# କେବେ ମିଳିବ ଓଡ଼ିଶାକୁ ନ୍ୟାୟ !

**ଭୁବନେଶ୍ୱର :** ତାରିଖ ପରେ ତାରିଖ ଗଡୁଛି, ଶୁଣାଣି ପରେ ଶୁଣାଣି ହେଉଛି। ମାତ୍ର ଓଡ଼ିଶାକୁ ଆଜି ପର୍ଯ୍ୟନ୍ତ ରାୟ ମିଳିପାରି ନାହିଁ। ମହାନଦୀ ଜଳବିବାଦ କ୍ଷେତ୍ରରେ ସବୁବେଳେ ନିରବତା ପ୍ରଦର୍ଶନ କରି ଆଶୁଥିବା କେନ୍ଦ୍ର ସରକାର ପୁଣିଥରେ ଅତି ଚତୁରତାର ସହ ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛନ୍ତି। ଏହି ବିବାଦରେ କେନ୍ଦ୍ର ସରକାର ପକ୍ଷଭୁକ୍ତ ନ ଥିବାରୁ ଓଡ଼ିଶା ପ୍ରତି ହେଉଥିବା ଅବିଚାର ନେଇ ଟ୍ରିବ୍ୟୁନାଲଙ୍କ ଆଗରେ କୌଣସି ଆଭିମୁଖ୍ୟ ରଖିପାରିବେ ନାହିଁ ବୋଲି ସଫାସଫା ମନା କରିଦେଇଛନ୍ତି। କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି ଯେ ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିଥିଲେ। ତେବେ ଉକ୍ତ କମିଟି ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହୋଇପାରିବ ନାହିଁ ବୋଲି ୨୦୧୭ ମସିହା ମେ ମାସ ଜଳଶକ୍ତି ମନ୍ତ୍ରାଳୟକୁ ରିପୋର୍ଟ ପ୍ରଦାନ କରିଥିଲା। ଏହାପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କଲେ ବୋଲି ମନ୍ତ୍ରୀ ନିଜ ଉତ୍ତରରେ ଦର୍ଶାଇଛନ୍ତି। ବିଶ୍ୱେଶ୍ୱର ଟୁଡୁ ହେଉଛନ୍ତି ଓଡ଼ିଶାର ସାଂସଦ ଓ କେନ୍ଦ୍ରରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ। ମାତ୍ର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ତାଙ୍କର ଏପରି ଉତ୍ତରକୁ ନେଇ ବିଶେଷଜ୍ଞ ମହଲ ଚକିତ। ବିଶେଷଜ୍ଞଙ୍କ ମତ ଅନୁଯାୟୀ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର କେବେ ବି ତତ୍ପରତା କିମ୍ବା ଆଗ୍ରହ ଦେଖାଇନାହାନ୍ତି। କେନ୍ଦ୍ର ସରକାର ଯେଉଁ କମିଟି ଗଠନ କରିଥିବା କଥା କହୁଛନ୍ତି; ତାହା କେତେଥର ଉଭୟ ରାଜ୍ୟର ପ୍ରମୁଖ ଅଧିକାରୀଙ୍କୁ ଭେଟି ବିବାଦର ସମାଧାନ ପାଇଁ ଉଦ୍ୟମ କରିଛି ତାହାର କୌଣସି ପ୍ରମାଣିକ ତଥ୍ୟ ନାହିଁ। ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ କୌଣସି ଆଲୋଚନା କରାଯାଇ ନାହିଁ। ପୁନଶ୍ଚ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଗଳାରେ ଯନ୍ତ୍ରଣା ଅନୁଭବ କରିବେ। ଆୟର ନୂଆ ସ୍ରୋତ ଖୋଜିବ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନ ବଢ଼ିବ। ଛାତ୍ରମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ପ୍ରେମୀ ମାନେ ସତର୍କ ରହନ୍ତୁ। (ଶୁଭ ତାରିଖ-୮,୯, ଭାଗ୍ୟଫଳ-୮୦%)। ପ୍ରତିକାର : ହନୁମାନ ଅଷ୍ଟକେ ପାଠ କରନ୍ତୁ।

**ବୃଷ**
ପେଟରେ ସମସ୍ୟା ହୋଇପାରେ। ଅର୍ଥ ଦେଣ ନେଣରେ ସତର୍କତା ଅବଲମ୍ବନ କରନ୍ତୁ। ଶତ୍ରୁ ବଢ଼ିବେ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ। (ଶୁଭ ତାରିଖ-୧୦,୧୧, ଭାଗ୍ୟଫଳ-୬୦%)। ପ୍ରତିକାର : ସବୁଜ ଦ୍ରବ୍ୟ ଦାନ କରନ୍ତୁ।

**ମିଥୁନ**
ଆଖିରେ ସମସ୍ୟା ଦେଖା ଦେବ। ଆୟ ବ୍ୟୟ ସାମାନ୍ୟ ରହିବ। କାର୍ଯ୍ୟରେ ପଦୋନ୍ନତି ହୋଇପାରେ। ଛାତ୍ରଙ୍କ ପାଇଁ ସମୟ ଅନୁକୂଳ। ଦମ୍ପତିଙ୍କ ଭିତରେ ଛୋଟଛୋଟ ଝଗଡା ହୋଇପାରେ। (ଶୁଭ ତାରିଖ-୯,୧୧, ଭାଗ୍ୟଫଳ-୮୦%)। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ।

**କର୍କଟ**
ଦାନ୍ତରେ କଷ୍ଟ ହେବ। ଅର୍ଥ ପ୍ରାପ୍ତି ପାଇଁ କଷ୍ଟକର ପରିସ୍ଥିତି ଦେଖାଦେବ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ଛାତ୍ରମାନେ କଠିନତାର ସାମନଶ କରିବେ। ଦମ୍ପତିମାନେ ଉଭୟଙ୍କ ସହଯୋଗ କରନ୍ତୁ। (ଶୁଭ ତାରିଖ-୧୦,୧୨,୧୩, ଭାଗ୍ୟଫଳ-୬୦%)। ପ୍ରତିକାର : ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ସିଂହ**
ହୃଦୟ ରୋଗୀ ଓ ରକ୍ତଚାପ ରୋଗୀ ସତର୍କ ରହନ୍ତୁ। ଆୟର ନୂଆ ସ୍ରୋତ ଖୋଲିବ। ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ଦମ୍ପତି ଓ ପ୍ରେମୀ ମାନଙ୍କ ପାଇଁ ସମୟ ଅନୁକୂଳ। (ଶୁଭ ତାରିଖ-୧୦,୧୨, ଭାଗ୍ୟଫଳ-୭୦%)। ପ୍ରତିକାର : କେଶର ତିଲକ ଲଗାଇ ଘରୁ ବାହାରକୁ ଯାଆନ୍ତୁ।

**କନ୍ୟା**
ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଅଳସୁଆ ହେବେ। ଚାକିରିରେ କଷ୍ଟ ମିଳିପାରେ। ଛାତ୍ରମାନେ ପାଠରୁ ଦୂରେଇ ଯିବେ। ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇପାରେ। (ଶୁଭ ତାରିଖ-୯,୧୧, ଭାଗ୍ୟଫଳ-୭୦%)। ପ୍ରତିକାର : ନାରାୟଣ କବଚ ପାଠ କରନ୍ତୁ।

**ତୁଳା**
ପୁରୁଣଶ ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ନୂତନ ମାର୍ଗ ଦେଖାଦେବ। ପଦ ଓ ପ୍ରତିଷ୍ଠାରେ ଉନ୍ନତି ହେବ। ଦମ୍ପତିମାନେ ଖୁସି ଖବର ପାଇପାରନ୍ତି। (ଶୁଭ ତାରିଖ-୧୦, ଭାଗ୍ୟଫଳ-୮୦%)। ପ୍ରତିକାର : ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।

**ବିଛା**
ପୁରୁଣା ରୋଗରୁ ଆରୋଗ୍ୟ ଲାଭ କରିବେ। ଧନପ୍ରାପ୍ତିର ଯୋଗ ଅଛି। ନୂଆ ଚାକିରି ପାଇପାରନ୍ତି। ପ୍ରେମୀମାନେ ଅଧିକ ନିବିଡ ହେବେ। ଛାତ୍ରମାନେ ନୂଆ ମାର୍ଗଦର୍ଶନ ପାଇବେ। ଜୀବନସାଥୀଙ୍କ ପାଇଁ ସମୟ ଅନୁକୂଳ। (ଶୁଭତାରିଖ-୮,୯,୧୦,୧୧,୧୨, ଭାଗ୍ୟଫଳ-୧୦୦%)। ପ୍ରତିକାର : ହନୁମାନ ଚାଳିସା ପାଠ କରନ୍ତୁ।

**ଧନୁ**
ଶରୀରରେ ପୀଡା ଓ ଧନହାନୀ ହୋଇପାରେ। ପରିଶ୍ରମ ତୁଳନାରେ ଲାଭ ପାଇବେ ନାହିଁ। ସତର୍କତା ଅବଲମ୍ବନ କରନ୍ତୁ। ପ୍ରେମରେ ଧୋକା ହୋଇପାରେ। ଦମ୍ପତି ମାନଙ୍କୁ ଝଗଡାରୁ ଦୂରେଇ ରହିବା ପରାମର୍ଶ। (ଶୁଭ ତାରିଖ-୯, ୧୦,୧୧, ଭାଗ୍ୟଫଳ-୭୦%)। ପ୍ରତିକାର : ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରନ୍ତୁ, ଶିବ ଚାଳିସା ପଢ଼ନ୍ତୁ।

**ମକର**
ଆଖି ଓ ଦାନ୍ତରେ ସମସ୍ୟା ହୋଇପାରେ। ବ୍ୟବସାୟରେ ପରିଶ୍ରମ ତୁଳନାରେ ଫଳ ମିଳିବ ନାହିଁ। ପରିବାରରେ ସମସ୍ୟା ବଢ଼ିବ। ପ୍ରେମ ବିଛେଦ ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। (ଶୁଭ ତାରିଖ-୯,୧୦, ଭାଗ୍ୟଫଳ-୬୦%)। ପ୍ରତିକାର : ହନୁମାନ ଚାଳିସା ପାଠ କରନ୍ତୁ।

**କୁମ୍ଭ**
ମେରୁଦଣ୍ଡ ଓ ସ୍ନାୟୁଗତ ବେମାରୀ ହୋଇପାରେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। କର୍ମ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରେମୀମାନଙ୍କ ପାଇଁ ସମୟ ଅନୁକୂଳ ନୁହେଁ। (ଶୁଭ ତାରିଖ-୮,୧୨, ଭାଗ୍ୟଫଳ-୭୦%)। ପ୍ରତିକାର : ତେଲ ଦାନ କରନ୍ତୁ।

**ମୀନ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆର୍ଥିକ ସ୍ଥିତି ମଜବୁତ ହେବ। ଭାଗୀଦାରୀ ବ୍ୟବସାୟ ପାଇଁ ସମୟ ଅନୁକୂଳ। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। କିନ୍ତୁ ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। (ଶୁଭ ତାରିଖ-୧୦,୧୩, ଭାଗ୍ୟଫଳ-୮୦%)। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଭାରତର ମିଶନ ସମୁଦ୍ରଯାନ

# ସମୁଦ୍ର ଭିତରକୁ ୩ ଜଣଙ୍କୁ ପଠାଇବ ଭାରତ

**ନୂଆଦିଲ୍ଲୀ :** ଭାରତର ସମୁଦ୍ରଯାନ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚା। ସମୁଦ୍ରର ଗଭୀର ଜଳ ରାଶି ଓ ଏହାର ସମ୍ପଦ ସମ୍ପର୍କରେ ତଥ୍ୟ ଯୋଗାଡ଼ ଏହି ମିଶନର ଲକ୍ଷ୍ୟ। ଏଥିପାଇଁ ସମୁଦ୍ର ପତ୍ତନରୁ ୬୦୦୦ ମିଟର ବା ୬ କିମି ଗଭୀର ଜଳରାଶିକୁ ଭାରତ ସରକାର ୩ ଜଣଙ୍କୁ ପଠାଇବେ। ଏଥିପାଇଁ ସ୍ୱତନ୍ତ୍ର ଗୋଲାକୃତି ବୁଡ଼ା ଜାହାଜ ମଧ୍ୟ ତିଆରି କରାଯାଇଛି। ଆଜି ରାଜ୍ୟସଭାରେ ଭାରତର ସମୁଦ୍ରଯାନ ମିଶନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଘୋଷଣା କରିଛନ୍ତି। ସମୁଦ୍ରଯାନ ପ୍ରୋଜେକ୍ଟ ହେଉଛି ଭାରତର ପ୍ରଥମ ମାନବଯୁକ୍ତ ସାଗର ମିଶନ। ଏହି ପ୍ରୋଜେକ୍ଟ ମାଧ୍ୟମରେ ଗଭୀର ସମୁଦ୍ରରେ ଥିବା ସମ୍ପଦ ବିଷୟରେ ତଥ୍ୟ ସଂଗ୍ରହ କରାଯିବ ଓ ଜୈବ ବିବିଧତାର ଆକଳନ କରାଯିବ। ଉକ୍ତ ମିଶନ ଆଦୌ ଇକୋସିଷ୍ଟମକୁ ପ୍ରଭାବିତ କରିବ ନାହିଁ। କାରଣ ଏଥିପାଇଁ ସ୍ୱତନ୍ତ୍ର ଭାବେ ବୁଡ଼ା ଜାହାଜ ପ୍ରସ୍ତୁତ କରାଯାଇଛି।



ଏହି ବୁଡ଼ା ଜାହାଜଟି ସଂପୂର୍ଣ୍ଣ ଭାବେ ପରିବେଶ ଉପଯୋଗୀ। ବିଶାଳ ଗଭୀର ସାଗର ମିଶନ ଅଧୀନରେ ଏହି ପ୍ରକଳ୍ପ ବା ପ୍ରୋଜେକ୍ଟ ରହିଛି। ଯାହା କେନ୍ଦ୍ରର ନୀଳ ଅର୍ଥନୀତିକ ନୀତିକୁ ସହାୟତା କରିବ। ସାଗର ସମ୍ପଦକୁ ବ୍ୟବହାର କରି ଦେଶର ଅର୍ଥନୀତିକୁ ବୃଦ୍ଧି କରିବା, ଜୀବନଶୈଳର ଉନ୍ନତିକରଣ, ନିଯୁକ୍ତି ସୃଷ୍ଟି ଓ ସମୁଦ୍ରର ଇକୋସିଷ୍ଟମକୁ ସୁଧାରିବା ଏହି ନୀତିର ଲକ୍ଷ୍ୟ। ସମୁଦ୍ରଯାନ ପ୍ରକଳ୍ପ ୨୦୨୬ରେ ବାସ୍ତବ ରୂପ ନେବ ବୋଲି ଆଶା କରାଯାଉଛି। ଚେନ୍ନାଇରେ ଥିବା ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଓସେନ ଟେକ୍ନୋଲୋଜି (ଏନଆଇଓଟି) ଏହାକୁ ବିକଶିତ ଓ ଡିଜାଇନ କରୁଛି। ଏଥିପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ବୁଡ଼ା ଜାହାଜର ନାଁ 'ଏମ୍‌ଏଟିଏସ୍‌ୱାଇଏ ୬୦୦୦' ରଖାଯାଇଛି। ଏହା ସ୍ୱାଭାବିକ ଅପରେସନରେ ୧୨ ଘଣ୍ଟା ଓ ଜରୁରୀ ସମୟରେ ମାନବ ସୁରକ୍ଷା ପାଇଁ ୯୬ ଘଣ୍ଟା କାର୍ଯ୍ୟକ୍ଷମ ହୋଇ ରହିବ। ସମୁଦ୍ରଯାଦ ପ୍ରକଳ୍ପ ସହ ଗଭୀର ସାଗର ମିଶନ ପାଇଁ ଭାରତ ସରକାର ୪,୦୭୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ୫ ବର୍ଷ ମଧ୍ୟରେ ଏହି ଟଙ୍କାକୁ ପର୍ଯ୍ୟାୟକ୍ରମେ ଖର୍ଚ୍ଚ କରାଯିବ। ଏହି ମିଶନ ଜରିଆରେ ଆମେରିକା ରୁଷ, ଫ୍ରାନ୍ସ, ଜାପାନ ଓ ଚାଇନା କ୍ଲବରେ ଭାରତ ସାମିଲ ହେବ।

## ଦେଶରେ ୨୦ ନକଲି ବିଶ୍ୱବିଦ୍ୟାଳୟ

**ନୂଆଦିଲ୍ଲୀ :** ନକଲି ବିଶ୍ୱବିଦ୍ୟାଳୟ ନେଇ ସତର୍କ କରାଇଲା ୟୁଜିସି। ଓଡ଼ିଶାରେ ନାହିଁ, ଦେଶରେ ରହିଛି ୨୦ଟି ନକଲି ବିଶ୍ୱବିଦ୍ୟାଳୟ। କୌଣସି ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସତର୍କ ରହିବାକୁ ନୋଟିସ ଜାରି କରିଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି। ଓଡ଼ିଶାରେ କୌଣସି ନକଲି ଶିକ୍ଷାନୁଷ୍ଠାନ ନଥିବାବେଳେ ଦେଶରେ ୨୦ଟି ନକଲି ବିଶ୍ୱବିଦ୍ୟାଳୟ ରହିଥିବା ୟୁଜିସି ପ୍ରକାଶ କରିଛି। ଏହି ବିଶ୍ୱବିଦ୍ୟାଳୟ ଗୁଡିକ ପାଖରେ ଡିଗ୍ରୀ ସାର୍ଟିଫିକେଟ ଦେବାକୁ କୌଣସି ଯୋଗ୍ୟତା ନାହିଁ। ଦିଲ୍ଲୀରେ ସର୍ବାଧିକ ୮ଟି ନକଲି ବିଶ୍ୱବିଦ୍ୟାଳୟ ଥିବା ବେଳେ ଉତ୍ତରପ୍ରଦେଶରେ ୪ଟି, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ୨ଟି ଲେଖାଏଁ ବିଶ୍ୱବିଦ୍ୟାଳୟ ରହିଛି। ପଣ୍ଡିଚେରୀ, ମହାରାଷ୍ଟ୍ର, କେରଳ ଓ କର୍ଣ୍ଣାଟକରେ ଗୋଟିଏ ଲେଖାଏଁ ନକଲି ବିଶ୍ୱବିଦ୍ୟାଳୟ ରହିଛି। ସାର୍ଟିଫିକେଟ ଦେବା ପାଇଁ ସ୍ୱତନ୍ତ୍ର ଅଧିନିୟମ ବଳରେ ବିଶ୍ୱବିଦ୍ୟାଳୟ ମାନଙ୍କୁ ସାର୍ଟିଫିକେଟ ଦେବାକୁ କ୍ଷମତା ମିଳିଥାଏ। ଏହି ଅଧିନିୟମ ଦ୍ୱାରା କ୍ଷମତା ପ୍ରାପ୍ତ ନଥିବା ଶିକ୍ଷାନୁଷ୍ଠାନ ନିଜକୁ ବିଶ୍ୱବିଦ୍ୟାଳୟ କହିପାରିବେ ନାହିଁ।

### ଜଟିଳ ସ୍ଥିତି ସୃଷ୍ଟି କରୁଛି ଜଳବାୟୁ ପରିବର୍ତ୍ତନ

# ତାପମାତ୍ରା ବୃଦ୍ଧି ଯୋଗୁଁ ପଶୁପକ୍ଷୀ ଅବସାଦଗ୍ରସ୍ତ

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପରିବେଶ ଏବଂ ମଣିଷ ନୁହେଁ, ପଶୁପକ୍ଷୀଙ୍କ ଉପରେ ମଧ୍ୟ ପଡୁଛି। ତାପମାତ୍ରା ବୃଦ୍ଧି ପଶୁପକ୍ଷୀଙ୍କ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ପଶୁପକ୍ଷୀ ଅବସାଦଗ୍ରସ୍ତ ହେଉଛନ୍ତି। ଏଥିପାଇଁ ସେମାନଙ୍କ ପ୍ରଜନନ କ୍ଷମତା ପ୍ରଭାବିତ ହେଉଛି। ଗାଈର କ୍ଷୀର ଦେବା କ୍ଷମତା ୩୫ ପ୍ରତିଶତ ହ୍ରାସ ପାଇଛି। ଅତ୍ୟଧିକ ଗରମ ଯୋଗୁଁ ହାତୀଙ୍କ ମୃତ୍ୟୁ ହେଉଛି। କୁକୁରଙ୍କ ଓଜନ ବୃଦ୍ଧି ପାଉଛି। ଏକ ନୂଆ ଅଧ୍ୟୟନରୁ ଏହା ଜାଣିପଡ଼ିଛି। 'ସିଏବିଆଇ ରିଭ୍ୟୁଜ'ରେ ଏହି ଅଧ୍ୟୟନର ତଥ୍ୟ ପ୍ରକାଶ ପାଇଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଜାଣିବା ପାଇଁ ବାଦୁଡ଼ି, ବେଙ୍ଗ, କୋଆଲା, ଆଫ୍ରିକୀୟ ହାତୀ, ହରିଣ, ପକ୍ଷୀ, ଜେବ୍ରା ଫିସ ଏବଂ ଗାଈ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ଗବେଷକମାନେ କହିଛନ୍ତି ଯେ ପକ୍ଷୀଙ୍କଠାରେ ଉତ୍ତାପ ସହିବାର କ୍ଷମତା ସୀମିତ ଥାଏ। କାରଣ ପକ୍ଷୀଙ୍କର ଝାଳଗ୍ରନ୍ଥି ନ ଥାଏ। ପରିସ୍ଥିତି ଅନୁଯାୟୀ ପକ୍ଷୀ ନିଜ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାନ୍ତି ଏବଂ ଅଧିକ ପାଣି ପିଇଥାନ୍ତି। ଅଧିକ ତାପମାତ୍ରା ଥିବା ଅଞ୍ଚଳରେ କୁକୁଡ଼ାଙ୍କ ଜୀବନ ଏବଂ ମାଂସର ମାନ ମଧ୍ୟ ହ୍ରାସ ପାଇଛି। ଏହା ଜାଣିବା ପାଇଁ କୁକୁଡାଙ୍କୁ ଚାରି ଦିନ ପର୍ଯ୍ୟନ୍ତ ଗରମ ପରିବେଶରେ ରଖା ଯାଇଥିଲା। ଗବେଷକ ଡ. ଏଡୱାର୍ଡ ନାରାୟଣ କହିଛନ୍ତି ଯେ ତାପମାତ୍ରା ବୃଦ୍ଧି ଯୋଗୁଁ ଆଫ୍ରିକୀୟ ଦେଶରେ ମରୁଡ଼ି ସ୍ଥିତି ଗଭୀର ହେବାରେ ଲାଗିଛି। ପାଣି ଅଭାବରୁ ହାତୀଙ୍କ ମୃତ୍ୟୁ ହେଉଛି। ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁସନ (ଡବ୍ଲ୍ୟୁଡବ୍ଲ୍ୟୁଏ) ରିପୋର୍ଟରେ ପୂର୍ବ ଆଫ୍ରିକାରେ ମରୁଡି ଆଶଙ୍କା ଶହେ ପ୍ରତିଶତ ବୃଦ୍ଧି ପାଇଛି। ଅଢ଼େଇ ବର୍ଷ ହେଲା ଆଫ୍ରିକାରେ ହାରାହାରିଠାରୁ କମ୍ ବର୍ଷା ହୋଇଛି। ଅନେକ ସମୟରେ ତାପମାତ୍ରା ଗରମ ରହୁଛି। ଏଥିଯୋଗୁଁ ଫସଲ ନଷ୍ଟ ହେଉଛି। ଅନେକ ପଶୁପକ୍ଷୀ ପ୍ରାଣ ହରାଉଛନ୍ତି। ଅନ୍ୟପକ୍ଷରେ ୪୫ ବର୍ଷରେ ପ୍ରଥମ ଥର ପାଇଁ ଆଣ୍ଟାର୍କଟିକାରେ ତରଳି ଥିବା ବରଫ ଜମା ହୋଇନାହିଁ। ସେହପରି ରେକର୍ଡ ମାତ୍ରାରେ ବରଫ ତରଳି ଯାଇଛି। ସୂଚନାଯୋଗ୍ୟ ଯେ ପ୍ରତି ବର୍ଷ ଖରାଦିନେ (ଫେବୃଆରୀ ଶେଷ ସୁଦ୍ଧା) ଆଣ୍ଟାର୍କଟିକା ସମୁଦ୍ରରେ ଜମା ବରଫ ତରଳି ଯାଇଥାଏ। ଶୀତ ଦିନେ ପୁଣି ଏହା ଜମା ହୋଇଥାଏ। କିନ୍ତୁ ଚଳିତ ଥର ଏପରି ହୋଇନାହିଁ। ପୂର୍ବ ବର୍ଷ ଅପେକ୍ଷା ୧.୬ ମିଲିୟନ ବର୍ଗ କିମି କମ୍ ଅଞ୍ଚଳରେ ବରଫ ସ୍ତର କମ୍ ରହିଛି।

## ଆମେରିକା ରାଷ୍ଟ୍ରପତି ଦୌଡ଼ରେ ତିନି ଭାରତୀୟ ବଂଶୋଦ୍ଭବ

**ନୂଆଦିଲ୍ଲୀ:** ପୂର୍ବଥର ଆମେରିକା ଉପ-ରାଷ୍ଟ୍ରପତି ଦୌଡ଼ରେ ଥିଲେ ଜଣେ ଭାରତୀୟ ବଂଶୋଦ୍ଭବ। ଆଉ ଏବେ ରାଷ୍ଟ୍ରପତି ଦୌଡ଼ରେ ଅଛନ୍ତି ତିନି ଇଣ୍ଡୋ-ଆମେରିକାନ୍। ୟୁଏସରେ ହାକିମଗିରି ଚଳାଇବାକୁ ପ୍ରସ୍ତୁତ ହେଲେଣି ଏମାନେ। ପ୍ରାର୍ଥୀ ହେବା ପାଇଁ କରିଛନ୍ତି ଘୋଷଣା। ୨୦୨୪ ପାଇଁ ରିପବ୍ଲିକାନ୍ ପାର୍ଟି ପାଇଁ ନାମାଙ୍କନ ଭରିବା ରେସରେ ଆଗରେ ଅଛନ୍ତି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଇଣ୍ଡୋ-ଆମେରିକୀୟ ବିବେକ ରାମସ୍ୱାମୀ, ନିକ୍କି ହେଲି ଏବଂ ହର୍ଷବର୍ଦ୍ଧନ ସିଂ। ଇଣ୍ଡୋ-ଆମେରିକୀୟ ରିପବ୍ଲିକାନ୍ ନେତା ନିକ୍କି ହେଲି। ଦୁଇଥର ଦକ୍ଷିଣ କାରୋଲିନାର ରାଜ୍ୟପାଳ ଏବଂ ମିଳିତ ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ଭାବରେ କାମ କରିଛନ୍ତି। ଲଗାତାର ତିନିଟି ନିର୍ବାଚନରେ ଆମେରିକାର ରାଷ୍ଟ୍ରପତି ପଦ ପାଇଁ ନିକ୍କି ହେଲି ପ୍ରତିଯୋଗିତା କରିଥିଲେ। ଯଦିଓ ଅଧିକାଂଶ ସର୍ଭେରେ ୫୧ ବର୍ଷୀୟ ହେଲିଙ୍କ ପ୍ରଦର୍ଶନ କମ୍ ବୋଲି କୁହାଯାଉଛି। ଅଜିତ ସିଂ ରାନ୍ଧୱା ଏବଂ ରାଜ କୌର ରାନ୍ଧୱାଙ୍କ ଝିଅ ହାଲୀ। ଯେଉଁମାନେ ପଞ୍ଜାବରୁ କାନାଡା ଏବଂ ପରେ ୧୯୬୦ ଦଶକରେ ଆମେରିକା ଯାଇଥିଲେ। ୩୯ ବର୍ଷ ବୟସରେ ହେଲି ଆମେରିକାର ସବୁଠାରୁ କନିଷ୍ଠ ରାଜ୍ୟପାଳ ଥିଲେ। ଯେତେବେଳେ ସେ ୨୦୧୧ରେ କାର୍ଯ୍ୟଭାର ଗ୍ରହଣ କରିଥିଲେ, ସେ ରାଜ୍ୟର ପ୍ରଥମ ଇଣ୍ଡୋ-ଆମେରିକୀୟ ରାଜ୍ୟପାଳ ଥିଲେ ଏବଂ ସେହି ପଦରେ ଦୁଇ ଥର କାର୍ଯ୍ୟ କରିଥିଲେ। ଜାନୁଆରୀ ୨୦୧୭ରୁ ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ସେ ମିଳିତ ଜାତିସଂଘରେ ୨୯ ତମ ଆମେରିକୀୟ ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିଥିଲେ। ଉଦ୍ୟୋଗୀ ବିବେକ ରାମସ୍ୱାମୀ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହେବା ନେଇ ଘୋଷଣା କରିଛନ୍ତି। ସେ ରିପବ୍ଲିକାନ୍ ପାର୍ଟି ପକ୍ଷରୁ ଏହି ପଦ ପାଇଁ ଆଶାୟୀ ଅଛନ୍ତି। ଏଥିପାଇଁ ସେ ତାଙ୍କର ଅଭିଯାନ ଆରମ୍ଭ କରିସାରିଛନ୍ତି। ରାମସ୍ୱାମୀଙ୍କ ଜନ୍ମ ଆମେରିକାର ସିନସିନାଟିରେ ହୋଇଥିବା ବେଳେ ସେ ହାର୍ଭାର୍ଡ ଓ ୟେଲେ ବିଶ୍ୱବିଦ୍ୟାଳୟରେ ପଢ଼ିଛନ୍ତି। ୩୭ ବର୍ଷୀୟ ରାମାସ୍ୱାମୀଙ୍କ ବାପା ଓ ମା' କେରଳର ବାସିନ୍ଦା। ତାଙ୍କ ବାପା ଏକ ଜେନେରାଲ ଇଲେକ୍ଟ୍ରିକ୍ ପ୍ଲାଣ୍ଟରେ ଚାକିରି କରୁଥିବା ସମୟରେ ଆମେରିକା ଚାଲିଯାଇଥିଲେ। ରାମସ୍ୱାମୀ ହେଉଛନ୍ତି ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ଯିଏ ଆମେରିକାନ୍ ରିପବ୍ଲିକାନ୍ ପାର୍ଟିରେ ସାମିଲ ହୋଇଛନ୍ତି। ରିପବ୍ଲିକାନ ପାର୍ଟିରେ ୯ ପ୍ରତିଶତ ନେତାଙ୍କ ସ୍ୱାସ୍ଥ୍ୟସେବା ଏବଂ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ବିବେକ ରାମସ୍ୱାମୀଙ୍କର ସମର୍ଥନ ରହିଛି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଦୌଡରେ ଭାରତୀୟ ବଂଶୋଦ୍ଭବ ହର୍ଷ ବର୍ଦ୍ଧନ ସିଂ ଅଛନ୍ତି। ଏରୋସ୍ପେସ୍ ଇଞ୍ଜିନିୟର ହର୍ଷ ବର୍ଦ୍ଧନ କହିଛନ୍ତି; ସେ ଜୀବନସାରା ରିପବ୍ଲିକାନ୍ ପାର୍ଟିରେ ରହିବେ। ସେ ସର୍ବଦା ଆମେରିକା ଫାର୍ଷ୍ଟ ପଲିସି ପାଇଁ କାମ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ଆସିଛି। ସେଥିପାଇଁ ପରିବର୍ତ୍ତନକୁ ଓଲଟାଇବା ଏବଂ ଆମେରିକୀୟ ମୂଲ୍ୟବୋଧ ପ୍ରତିଷ୍ଠା ପାଇଁ ଦୃଢ଼ ନେତୃତ୍ୱ ଆବଶ୍ୟକ। ଏହି କାରଣରୁ, ସେ ଆମେରିକାର ରାଷ୍ଟ୍ରପତି ପାଇଁ ରିପବ୍ଲିକାନ୍ ପାର୍ଟି ତରଫରୁ ନାମାଙ୍କନ ଭରି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

### ଅକ୍ଟୋବରରୁ ମହଙ୍ଗା ହେବ ଅନ୍‌ଲାଇନ ଗେମ୍

# ଆଦାୟ ହେବ ୨୮ ପ୍ରତିଶତ ଜିଏସ୍‌ଟି

**ନୂଆଦିଲ୍ଲୀ :** ଅନଲାଇନ୍ ଗେମିଂ, କ୍ୟାସିନୋ ଓ ଘୋଡ଼ାଚଢ଼ା ଭଳି କ୍ରୀଡ଼ା ଉପରେ ୨୮ ପ୍ରତିଶତ ଜିଏସଟି ଲାଗୁ ହେବ। ଜିଏସଟି ପରିଷଦର ୫୧ ତମ ବୈଠକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ଅନଲାଇନ୍ ଗେମିଂ ଉପରେ ୨୮ ପ୍ରତିଶତ ଜିଏସଟି ଅକ୍ଟୋବର ୧ରୁ ଲାଗୁ ହେବ। ଏହା କାର୍ଯ୍ୟକାରୀ ହେବାର ୬ ମାସ ପରେ ଏହାର ସମୀକ୍ଷା କରାଯିବ। ଦୀର୍ଘ ୩ ବର୍ଷର ଆଲୋଚନା ପରେ ୨୮ ପ୍ରତିଶତ ଟିକସ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଏସଟି କାଉନସିଲ ଅନଲାଇନ୍ ଗେମିଂ ଉପରେ ଟିକସ ଲଗାଇବା ପାଇଁ ଆବଶ୍ୟକ ସଂଶୋଧନ ଉପରେ ଆଲୋଚନା କରିଛି। ଜିଏସଟି କାଉନସିଲ ବୈଠକରେ ଦିଲ୍ଲୀ, ଗୋଆ ଏବଂ ସିକ୍କିମ ଅନଲାଇନ ଗେମିଂ ଉପରେ



୨୮ ପ୍ରତିଶତ ଜିଏସଟି ନିଷ୍ପତ୍ତିର ସମୀକ୍ଷା କରିବାକୁ ଦାବି କରିଥିଲେ। ଗେମିଂ କମ୍ପାନିମାନେ ବି ଏହାକୁ ବିରୋଧ କରିଥିଲେ। କିନ୍ତୁ ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ବିହାର ସମେତ ଅନ୍ୟାନ୍ୟ ରାଜ୍ୟ ୨୮ ପ୍ରତିଶତ ଟିକସ ସପକ୍ଷରେ ଅଛନ୍ତି ଏବଂ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ସେ ଚାହୁଁଛନ୍ତି।

# ହଷ୍ଟେଲ ଭଡ଼ା ଉପରେ ଦେବାକୁ ପଡ଼ିବ ୧୨% ଜିଏସ୍‌ଟି

**ନୂଆଦିଲ୍ଲୀ :** ହଷ୍ଟେଲ କିମ୍ବା ପେଇଂ ଗେଷ୍ଟ (ପିଜି) ଭାବରେ ରହୁଥିବା ଲୋକଙ୍କ ପାଇଁ ଖରାପ ଖବର। କାରଣ ଏଣିକି ପିଜି ଏବଂ ହଷ୍ଟେଲ ଭଡା ପାଇଁ ଆପଣଙ୍କୁ ଅଧିକ ଦେୟ ଦେବାକୁ ପଡିବ। ଜିଏସ୍‌ଟି –ଅଥରିଟି ଫର ଆଡଭାନ୍ସ ରୁଲିଂ (ଏଏଆର) ବେଙ୍ଗାଲୁରୁ ପୀଠଙ୍କ ପକ୍ଷରୁ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଦୁଇଟି ପୃଥକ ମାମଲାର ଶୁଣାଣିବେଳେ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାଫଳରେ ହଷ୍ଟେଲ ଏବଂ ପିଜି ଭଡା ଉପରେ ୧୨ ପ୍ରତିଶତ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବ। ଏଭଳି ପରିସ୍ଥିତିରେ, ଏହି ସ୍ଥାନଗୁଡିକରେ ରହୁଥିବା ଲୋକମାନଙ୍କୁ ବର୍ତ୍ତମାନ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିବ। ମାମଲାର ଶୁଣାଣିବେଳେ ଏଏଆର୍ର ବେଙ୍ଗାଲୁରୁ ପୀଠ କହିଛନ୍ତି ଯେ କୌଣସି ଆବାସିକ ଫ୍ଲାଟ କିମ୍ବା ଘର କିମ୍ବା ହଷ୍ଟେଲ କିମ୍ବା ପିଜି ଏକ ସମାନ ନୁହଁନ୍ତି। ଏଭଳି ପରିସ୍ଥିତିରେ ହଷ୍ଟେଲ ଏବଂ ପିଜି ପରି ବ୍ୟବସାୟିକ କାର୍ଯ୍ୟକଳାପ କରୁଥିବା ସ୍ଥାନକୁ ୧୨ ପ୍ରତିଶତ ଜିଏସ୍‌ଟି ଦେବା ବାଧ୍ୟତାମୂଳକ। ସେମାନଙ୍କୁ ଜିଏସ୍‌ଟିରୁ ମୁକ୍ତ କରାଯିବା ଉଚିତ ନୁହେଁ। ଶ୍ରୀସାଇ ଲକ୍‌ଜ୍ୟୁରୀ ଷ୍ଟେ ଏଲ୍‌ଏଲ୍ପିର ଆବେଦନ ଉପରେ ଏଏଆର୍ କହିଛି ଯେ ୨୦୨୨ ଜୁଲାଇ ୧୭ ପର୍ଯ୍ୟନ୍ତ ବେଙ୍ଗାଲୁରୁରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ନିଆଯାଉଥିବା ହୋଟେଲ, କ୍ୟାମ୍ପସିଟ୍ କିମ୍ବା କ୍ଲବ୍ ଜିଏସ୍‌ଟି ବାହାରେ ଥିଲେ, କିନ୍ତୁ ଏଆର କହିଛି ଯେ ହଷ୍ଟେଲ କିମ୍ବା ପିଜି ଜିଏସ୍‌ଟି ଛାଡ ପାଇଁ ଯୋଗ୍ୟ ନୁହେଁ। ଏହାସହିତ ବେଞ୍ଚ କହିଛନ୍ତି ଯେ ଆବାସିକ ସମ୍ପତ୍ତି ଏବଂ ପିଜି, ହଷ୍ଟେଲ ସମାନ ନୁହେଁ। ଏପରି ପରିସ୍ଥିତିରେ ଉଭୟଙ୍କ ପାଇଁ ସମାନ ନିୟମ ଲାଗୁ କରାଯାଇପାରିବ ନାହିଁ। ଏହା ମଧ୍ୟ କୁହାଯାଇଛି ଯେ ଯଦି କେହି ଆବାସିକ ସମ୍ପତ୍ତିକୁ ଗେଷ୍ଟ ହାଉସ୍ କିମ୍ବା ଲଜ୍ ଭାବରେ ବ୍ୟବହାର କରନ୍ତି, ତେବେ ଏହା ଜିଏସ୍‌ଟି ପରିସରର୍ଭୁକ୍ତ ହେବନାହିଁ। ବେଙ୍ଗାଲୁରୁ ବ୍ୟତୀତ ନୋଏଡାର ଭିଏସ୍ ଇନଷ୍ଟିଚ୍ୟୁଟ୍ ଏବଂ ହଷ୍ଟେଲ ପିଭି ଲିମିଟେଡ୍ର ଆବେଦନ ଉପରେ ଲକ୍ଷ୍ନୌ ପୀଠ କହିଛନ୍ତି ଯେ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ହଷ୍ଟେଲ ଉପରେ ମଧ୍ୟ ଜିଏସ୍‌ଟି ଲାଗୁ ହେବ। ଏହି ନିୟମ ୧୮ ଜୁଲାଇ ୨୦୨୨ରୁ ପ୍ରଯୁଜ୍ୟ। ଉଲ୍ଲେଖନୀୟ ବିଷୟ ହେଉଛି, ଏହି ନିଷ୍ପତ୍ତି ସେହି ଛାତ୍ର ତଥା ପିଜି କିମ୍ବା ହଷ୍ଟେଲରେ ରହୁଥିବା ଚାକିରୀ କରୁଥିବା ବ୍ୟକ୍ତିଙ୍କ ଉପରେ ଭାର ବଢ଼ାଇବ। ଜିଏସଷ୍ଟି-ଏଏଆର୍ କହିବାନୁଯାୟୀ, ହଷ୍ଟେଲ ପାଇଁ ଦିଆଯାଇଥିବା ଭଡା ଜିଏସ୍‌ଟି ଛାଡ ଅଧୀନରେ ଆସିବନାହିଁ, କାରଣ ଏହା ଏକ ଆବାସିକ ଆବାସ ସ୍ଥଳ ନୁହେଁ। ଏହା ବ୍ୟତୀତ ଜିଏସଷ୍ଟି-ଏଏଆର୍ କହିଛି ଯେ ହଷ୍ଟେଲରେ ଦିଆଯାଇଥିବା ଟିଭି, ୱାଶିଂ ମେସିନ୍ ଇତ୍ୟାଦି ସୁବିଧା ବଣ୍ଡଲ୍ (କ୍ଲବ୍)ସେବା ନୁହେଁ। ତେଣୁ ସେମାନଙ୍କ ଉପରେ ପୃଥକ ଭାବରେ ଟିକସ ଲାଗୁ କରାଯିବା ଉଚିତ୍।

### ଆରମ୍ଭ ହେଲା ଷ୍ଟଡି ଇନ୍ ଇଣ୍ଡିଆ ପୋର୍ଟାଲ

# ଗୋଟିଏ ପ୍ଲାଟଫର୍ମରେ ସବୁ ସମସ୍ୟାର ହେବ ସମାଧାନ

**ନୂଆଦିଲ୍ଲୀ :** ଭାରତରେ ପଢିବାକୁ ଚାହୁଁଥିବା ବିଦେଶୀ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ କରକମଳରେ 'ଷ୍ଟଡି ଇନ୍ ଇଣ୍ଡିଆ'(ଏସଆଇଆଇ) ପୋର୍ଟାଲର ଶୁଭାରମ୍ଭ ହୋଇଛି। ଉନ୍ମୋଚିତ ପୋର୍ଟାଲ ଭାରତରେ ପଢିବାକୁ ଚାହୁଁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ଏକାଡେମିକ୍ ଯାତ୍ରାକୁ ସହଜ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ମନ୍ତ୍ରଣାଳୟ, ବୈଦେଶିକ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହି ପୋର୍ଟାଲ ପ୍ରସ୍ତୁତ ହୋଇଛି। ଷ୍ଟଡି ଇନ୍ ଇଣ୍ଡିଆ ପୋର୍ଟାଲ ଭାରତରେ ପାଠ ପଢୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କୁ ସୁବିଧା ପ୍ରଦାନ କରିବ। ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ ଓ ଭିସା ଆବେଦନ ସହ ଗୋଟିଏ ପ୍ଲାଟଫର୍ମରେ ସବୁ ସମସ୍ୟାର ସମାଧାନ ହେବ। ଏହି ପୋର୍ଟାଲରେ ବିଦେଶରୁ ଆସି ଭାରତରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ଡାଟା ବ୍ୟାଙ୍କ୍ ରହିବ, ଯାହା ମାଧ୍ୟମରେ ଭାରତକୁ ଆସୁଥିବା ବିଦେଶୀ ଛାତ୍ରଛାତ୍ରୀମାନେ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗସୂତ୍ର ରକ୍ଷା କରିପାରିବେ। ଷ୍ଟଡି ଇନ୍ ଇଣ୍ଡିଆ ଭାରତ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ, ଯାହା ସରକାରଙ୍କ ମଧ୍ୟରେ ନୀତିଗତ ଓ ଉଚ୍ଚଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ମଜଭୁତ୍ କରିବ ଓ ଯୁବବର୍ଗଙ୍କୁ ବୈଶ୍ୱିକ ନେତୃତ୍ୱ ଭାବରେ ପ୍ରତିଷ୍ଠା କରିବ। ଭାରତ ନବସୃଜନ ଓ ଟେକ୍ନୋଲୋଜିର କେନ୍ଦ୍ରସ୍ଥଳୀ ହେବା କାରଣରୁ ବିଶ୍ୱର ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟୟନ କରିବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ଭାବରେ ଉଭା ହୋଇଛି। ସୁଲଭ ଓ ଗୁଣାତ୍ମକ ଶିକ୍ଷାର ସନ୍ତୁଳନ ହିଁ ଭାରତରେ ଅଧ୍ୟୟନ କରିବା ପାଇଁ ଏକ ବିଶେଷ ସୁଯୋଗ ପ୍ରଦାନ କରୁଛି। ଯୋଗ ଓ ଆୟୁର୍ବେଦ ଭଳି ପାରମ୍ପରିକ ଜ୍ଞାନ, ଏଆଇ, ରୋବୋଟିକ୍ସ, ସେମି କଣ୍ଡକ୍ଟର ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଭଳି ଉଭା ହେଉଥିବା ଟେକ୍ନୋଲୋଜି ଉପରେ ଭାରତର ବିଶ୍ୱବିଦ୍ୟାଳୟ ଗୁଡିକ ଶିକ୍ଷା ପ୍ରଦାନ କରୁଛନ୍ତି। ବିବିଧ କାର୍ଯ୍ୟକ୍ରମ ଓ ପାଠ୍ୟଖସଡା ଛାତ୍ରଛାତ୍ରୀଙ୍କୁ ନିଜର ଏକାଡେମିକ ଯାତ୍ରାକୁ ସ୍ୱରୂପ



ଦେବା ସହ ନିଜ ଲକ୍ଷ୍ୟ ପୂରଣ ଦିଗରେ ସାହାଯ୍ୟ କରିବ। ଏହି ୱେବସାଇଟ୍ ଛାତ୍ରଛାତ୍ରୀଙ୍କୁ ଭାରତର ଉଚ୍ଚ ଶିକ୍ଷାନୁଷ୍ଠାନରେ ଥିବା ବିଭିନ୍ନ ଉପକ୍ରମ ଓ ପାଠ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବ। ସେହିପରି ଜାତୀୟ ଶିକ୍ଷା ନୀତି ଅଧିକରୁ ଅଧିକ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଭରତରେ ପଢିବା ପାଇଁ ଗୁରୁତ୍ୱ ଦେଉଛି। ଏହା ଦ୍ୱାରା ଶିକ୍ଷାର ଆନ୍ତର୍ଜାତିକକରଣର ଲକ୍ଷ୍ୟ ପୂରଣ ହୋଇପାରିବ। ବିଦେଶୀ ବିଶ୍ୱବିଦ୍ୟାଳୟ ସହ ସହଭାଗୀତା, ଉଚ୍ଚଶିକ୍ଷାନୁଷ୍ଠାନ ଗୁଡିକରେ ଅନ୍ତରାଷ୍ଟ୍ରୀୟ କାର୍ଯ୍ୟାଳୟ ସ୍ଥାପନ କରିବା, ବିଦେଶୀ ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ଆକୃଷ୍ଟ କରାଯାଉଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟତାର ସମୃଦ୍ଧ ଇତିହାସ ରହିଛି। ନାଳନ୍ଦା, ତକ୍ଷଶିଳା, ବିକ୍ରମଶୀଳା, ବଲ୍ଲଭି ଭଳି ଆମ ପ୍ରାଚୀନ ଭାରତର ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ସମଗ୍ର ବିଶ୍ୱରୁ ଛାତ୍ରଛାତ୍ରୀ ଏବଂ ମେଧାବୀଙ୍କୁ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷାର ଏକ ବିଶ୍ୱମାନର ମାପକାଠି ପ୍ରସ୍ତୁତ କରିଥିଲେ। ଚୀନ ପରିବ୍ରାଜକ ହୁଏନ ସାଂ ନାଳନ୍ଦାରେ ୫ ବର୍ଷ ଅଧ୍ୟୟନ କରିବା ସହ ଶିକ୍ଷାଦାନ କରିଥିଲେ। ପଞ୍ଚମ ଶତାବ୍ଦୀରେ ସ୍ଥାପିତ ହୋଇଥିବା ବିଶ୍ୱର ପ୍ରତିଷ୍ଠିତ ଏହି ଜ୍ଞାନ କେନ୍ଦ୍ରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ୩ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷା ଦାନ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତକୁ ପୁଣି ଥରେ ଜ୍ଞାନର ପେଣ୍ଠସ୍ଥଳୀ ଭାବରେ ହେବା ପାଇଁ କାର୍ଯ୍ୟ କରୁଛି। ଏହାବ୍ୟତିତ ପ୍ରଧାନମନ୍ତ୍ରୀ ମୋଦି ଦେଶ ଗୁଡିକ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ, ଛାତ୍ରଛାତ୍ରୀଙ୍କ ମୋବିଲିଟି ଏବଂ ଶିକ୍ଷକଙ୍କ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଭାରତର ଜି-୨୦ ପ୍ରେସିଡେନ୍ସି 'ବସୁଧୈବ କୁଟୁମ୍ବକମ'ର ବିଚାରକୁ ଦର୍ଶାଉଛି। ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଭାରତକୁ ବୈଶ୍ୱିକ ଶିକ୍ଷାର ଏକ ପେଣ୍ଠସ୍ଥଳୀ କରିବା ଉଦ୍ଦେଶ୍ୟରେ ଆଜି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଫସଲ ବୀମା ପଞ୍ଜୀକରଣ ସମ୍ପର୍କିତ ସମୀକ୍ଷା ବୈଠକ

# ନିର୍ଦ୍ଧାରିତ ସମୟରେ ୨୫ ଲକ୍ଷ ଚାଷୀଙ୍କ ପଞ୍ଜୀକରଣ ଲକ୍ଷ୍ୟ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କ ପଞ୍ଜୀକରଣର ଅଗ୍ରଗତି ସଂପର୍କରେ ଆଜି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମୀକ୍ଷା କରିଛନ୍ତି। କୃଷି ଓ କୃଷକ ସଶକ୍ତିକରଣ ଓ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଓ ସମବାୟ ସମିତିର ରେଜିଷ୍ଟ୍ରାର ଡଃ. ଉଦ୍ଧବ ଚନ୍ଦ୍ର ମାଝୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ଏବଂ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ଜିଲ୍ଲାର ସମସ୍ତ ଜିଲ୍ଲାପାଳଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ଥିଲେ। ଜିଲ୍ଲାପାଳମାନଙ୍କ ନେତୃତ୍ୱରେ ଅଳ୍ପ ଦିନ ମଧ୍ୟରେ ୧୩ ଲକ୍ଷରୁ ଅଧିକ ଚାଷୀଙ୍କୁ ପଞ୍ଜୀକୃତ କରିବାରେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଉଦ୍ୟମକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ। ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ନାମଲେଖାର କଟ୍ ଅଫ୍ ତାରିଖ ଅଗଷ୍ଟ ୫ ତାରିଖକୁ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ବୈଠକରେ ସେ ସୂଚନା ଦେଇଥିଲେ। ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ବ୍ୟାଙ୍କିଙ୍ଗ୍ ନେଟୱାର୍କ ଦ୍ୱାରା ନଗଣ୍ୟ ସଂଖ୍ୟକ ଅଣଋଣୀ ଚାଷୀଙ୍କ ନାମ ପଞ୍ଜୀକରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସମବାୟ ବ୍ୟାଙ୍କଗୁଡ଼ିକୁ ଅଗଷ୍ଟ ୫ ତାରିଖ ସୁଦ୍ଧା ୧ ଲକ୍ଷ ଅଣଋଣୀ କୃଷକଙ୍କୁ ପଞ୍ଜୀକୃତ କରିବାକୁ ଲକ୍ଷ୍ୟ ଦିଆଯାଇଛି ଏବଂ ଅନ୍ୟ ବାଣିଜ୍ୟକ ବ୍ୟାଙ୍କଗୁଡ଼ିକୁ ମଧ୍ୟ ୧ ଲକ୍ଷ ଅଣଋଣୀ କୃଷକଙ୍କୁ ପଞ୍ଜୀକରଣ କରିବାକୁ କୁହାଯାଇଛି। ବର୍ଦ୍ଧିତ କଟ୍ ଅଫ୍ ତାରିଖ ମଧ୍ୟରେ ୪ ଲକ୍ଷ ଅଣଋଣଧାରୀ କୃଷକଙ୍କୁ ପଞ୍ଜୀକୃତ କରିବାକୁ କମନ୍ ସର୍ଭିସ୍ ସେଣ୍ଟର (ଜନସେବା କେନ୍ଦ୍ର) ଗୁଡ଼ିକୁ ଲକ୍ଷ୍ୟ ଦିଆଯାଇଛି। ବୈଠକ ପରେ ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ ଯେ, ରାଜ୍ୟ ସରକାର ଚାଷୀଙ୍କ ଭାଗ ପ୍ରିମିୟମ୍ ବହନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ୨୫ ଲକ୍ଷ ଚାଷୀଙ୍କ ନାମ ପଞ୍ଜୀକରଣ ଲକ୍ଷ୍ୟ କଟ୍ ଅଫ୍ ତାରିଖ ମଧ୍ୟରେ ସହଜରେ ହାସଲ ହୋଇପାରିବ, ଯାହାଦ୍ୱାରା ରାଜ୍ୟର କୃଷକମାନଙ୍କ ହିତକର ନିଷ୍ପତ୍ତି ଦୃଷ୍ଟିରୁ ଅତିକମରେ ଏତେ ସଂଖ୍ୟକ କୃଷକ ଉପକୃତ ହୋଇପାରିବେ।

# ଓଡିଶା ଅଣସଂଗଠିତ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ ହେବେ ୫୦ ବର୍ଗ

**ଭୁବନେଶ୍ୱର :** ଶ୍ରମିକ ତଥା ଗରିବ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସାମାଜିକ ନିରାପତ୍ତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ବୁଲାବିକାଳୀ, ଛୋଟ ଦୋକାନୀ, ଘରୋଇ ସହାୟକ, ରିକ୍ସାବାଲା, ଅଟୋ ଡ୍ରାଇଭର, ମୋଚି, କୃଷି ଶ୍ରମିକ, ଜଙ୍ଗଲ ଶ୍ରମିକ, ସମ୍ବାଦପତ୍ର ହକର ଏବଂ ସଫେଇ କର୍ମଚାରୀଙ୍କ ପରି ୧୦ଟି ବର୍ଗର ଲୋକ ବୋର୍ଡର କଲ୍ୟାଣ ଯୋଜନାରେ ସୁବିଧା ପାଉଛନ୍ତି। ଏବେ ଆଉ ୫୦ ବର୍ଗର ଅଣସଂଗଠିତ କର୍ମଚାରୀଙ୍କୁ ଏହି ବୋର୍ଡର କଲ୍ୟାଣ ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ଦରଜୀ, ଏମ୍ବ୍ରୋଡୋରୀ କାରିଗର, ବାରିକ, ସ୍ପା, ସେଲୁନ ଓ ବିଉଟି ପାର୍ଲୋରରେ କାମ କରୁଥିବା କର୍ମଚାରୀ, ମହାରଣା, ମତ୍ସ୍ୟଜୀବୀ, କମାର, ରେଳବାଇ କୁଲି, ମାଲ ଲୋଡିଂ ଏବଂ ଅନ୍‌ଲୋଡିଂରେ ନିୟୋଜିତ ଶ୍ରମିକ ତଥା ମୁଣ୍ଡରେ ବୋଝ ବୋହୁଥିବା ଶ୍ରମିକ, କୁମ୍ଭାର, ପଥର ଶିଳ୍ପୀ ଏବଂ ସହାୟକ, ଜରି ଗୋଟାଳି, ପରିମଳ କର୍ମଚାରୀ,



ରଜକ/ ଲଣ୍ଡ୍ରୀ ଓ ଡ୍ରାଏ କ୍ଲିନର କର୍ମଚାରୀ, ବୁଣାକାର, ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର, କଂସା ଶିଳ୍ପ ଶ୍ରମିକ, ଲୋକକଳା କଳାକାର, ଚିତ୍ରଶିଳ୍ପୀ/ପଟ୍ଟଚିତ୍ର ଶିଳ୍ପୀ, ମାଂସ କଟାଳି, ରତ୍ନ ପଥର ତଥା ସୁନାରୂପା କାରିଗର, ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାରେ କାର୍ଯ୍ୟରତ ଶ୍ରମିକ, ଫଟୋଗ୍ରାଫର ଓ ଭିଡିଓଗ୍ରାଫର, ୱେଲ୍ଡିଂ କାରିଗର, ୱେଲ୍ଡିଂ ସହାୟକ, ଇଲେକ୍ଟ୍ରିସିଆନ, ପାଣି ପାଇପ ମିସ୍ତ୍ରୀ, ଟୁଲ ମେକର, ଡାଏ ମେକର, ରଙ୍ଗ ପ୍ରସ୍ତୁତକାରୀ, ମେକାନିକାଲ ଓ ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ ମରାମତି କର୍ମଚାରୀ, ମାଳି, ଆସବାବପତ୍ର ମରାମତିରେ ନିୟୋଜିତ ଶ୍ରମିକ, ତେଜରାତି ଓ ପରିବା ଦୋକାନରେ କାର୍ଯ୍ୟରତ ସହାୟକ, ଫୁଲ ଦୋକାନୀ, ଟେଣ୍ଟହାଉସ/ଡେକୋରେସନ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ବ୍ୟାଣ୍ଡପାର୍ଟି ସଦସ୍ୟ, ମନୋରଞ୍ଜନ କଳାକାର, ମ୍ୟୁଜିସିଆନ ଓ କଣ୍ଠଶିଳ୍ପୀ, ଚଳଚ୍ଚିତ୍ର ଅପରେଟର/ସହାୟକ, ସିନେମା ହଲ୍ ବୁକିଂ କ୍ଲର୍କ, ବାଦ୍ୟଯନ୍ତ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ସମସ୍ତ ପ୍ରକାର କାରିଗର, ବୃକ୍ଷରୋପଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ଡଙ୍ଗା ଚାଳକ/ ସହାୟକ, ସ୍ନାକ୍ସ ମିକ୍ସଚର ଫ୍ୟାକ୍ଟ୍ରି ଶ୍ରମିକ, ଆଚାର, ବଡ଼ି, ପାମ୍ପଡ ପ୍ରସ୍ତୁତକାରୀ, ସ-ମିଲ୍ ଶ୍ରମିକ, କ୍ଷୀର ବିକ୍ରୟ କରୁଥିବା ବ୍ୟକ୍ତି, କେୟାରଟେକର / ହାଉସ କିପର / ବେଡ୍‌ସିଟ୍ ଆଟେଣ୍ଡାଣ୍ଟ, କେକ୍/କ୍ୟାଣ୍ଡି ପ୍ରସ୍ତୁତକାରୀ, ବରଫ ପ୍ରସ୍ତୁତକାରୀ/ ଆଇସକ୍ରିମ ପ୍ରସ୍ତୁତକାରୀ, ଡାଇରୀ ପ୍ରଡକ୍ଟ ପ୍ରସ୍ତୁତକାରୀ, ଟ୍ରାଭେଲ ଓ ଟୁରିଷ୍ଟ ଗାଇଡ, ଡେଲିଭରୀ ବଏ, କୃଷି ଶ୍ରମିକ। ବୋର୍ଡରେ ରେଜିଷ୍ଟ୍ରିଭୁକ୍ତ ଶ୍ରମିକ ମାନଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତାକୁ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି । ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସହାୟତାକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭ ମଇ ପହିଲାରୁ ଆରମ୍ଭ ହୋଇଥିବା ଏହି ବୋର୍ଡ ଜରିଆରେ ବର୍ତ୍ତମାନ ୧୦ଟି ବର୍ଗର ପ୍ରାୟ ୩.୬୫ ଲକ୍ଷ ପଞ୍ଜୀକୃତ ଶ୍ରମିକ ସୁବିଧା ପାଉଛନ୍ତି । ଏବେ ଆଉ ୫୦ ବର୍ଗର ଅଣସଂଗଠିତ ଶ୍ରମିକ ଏହି ଯୋଜନାରୁ ଉପକୃତ ହେବେ।

## ଖୁବଶୀଘ୍ର ଭୁବନେଶ୍ୱର ଓ କଲମ୍ବୋ ମଧ୍ୟରେ ବିମାନ ଚଳାଚଳ

**ଭୁବନେଶ୍ୱର :** ଖୁବଶୀଘ୍ର ଭୁବନେଶ୍ୱରରୁ ଶ୍ରୀଲଙ୍କାକୁ ସିଧା ଉଡ଼ିବ ବିମାନ। ଭୁବନେଶ୍ୱର ଓ କଲମ୍ବୋ ମଧ୍ୟରେ ସିଧା ବିମାନ ଚଳାଚଳ ଆରମ୍ଭ ହେବ। ଶ୍ରୀଲଙ୍କାନ ଏୟାର ଲାଇନ୍ସ ପକ୍ଷରୁ ଉଡ଼ିବ ବିମାନ। ଏନେଇ ଶ୍ରୀଲଙ୍କାନ ଏୟାର ଲାଇନ୍ସ ସୂଚନା ଦେଇଛି। ଶ୍ରୀଲଙ୍କା ଏୟାର ଲାଇନ୍ସ ରିଜିଓନାଲ ମ୍ୟାନେଜର ଭି. ରବୀନ୍ଦ୍ରନ କହିଛନ୍ତି, ପୂର୍ବ ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ପର୍ଯ୍ୟଟନ କ୍ଷେତ୍ରରେ ବହୁତ ବିକାଶ ହୋଇଛି। ଓଡ଼ିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ଥିବାରୁ ଶ୍ରୀଲଙ୍କାରୁ ଭୁବନେଶ୍ୱରକୁ ସିଧା ବିମାନ ଚଳାଚଳ କଲେ ଓଡ଼ିଶା ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ। ଉଭୟ ସ୍ଥାନର ପର୍ଯ୍ୟଟନସ୍ଥଳୀର ଆହୁରି ବିକାଶ ହୋଇପାରିବ। ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦୃଷ୍ଟିରୁ ବିମାନ ସେବାର ଗୁରୁତ୍ୱ ବୃଦ୍ଧି ପାଇଛି। ରାଜ୍ୟ ଭିତରେ ଓ ଆନ୍ତଃରାଜ୍ୟ ବିମାନ ଚଳାଚଳ ସହ ବର୍ତ୍ତମାନ ଅନ୍ତର୍ଜାତୀୟ ଉଡ଼ାଣକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଦେଶର ପ୍ରଥମ ରାଜ୍ୟ ଭାବରେ ନିଜ ଉଦ୍ୟମରେ ଆନ୍ତର୍ଜାତୀୟ ବିମାନ ଉଡ଼ାଣ ନିମନ୍ତେ ପଦକ୍ଷେପ ନେଇଛି ଓଡ଼ିଶା। ସରକାରଙ୍କ ଏହି ପଦକ୍ଷେପ ରାଜ୍ୟବାସୀଙ୍କ ପାଇଁ ସ୍ୱପ୍ନ, ସୁଯୋଗ ଓ ଅପାର ସମ୍ଭାବନା ସୃଷ୍ଟି କରିଛି। ଦୁବାଇ, ବ୍ୟାଙ୍କକ୍ ଓ ସିଙ୍ଗାପୁର ବିମାନ ଚଳାଚଳ ଦ୍ୱାରା ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ଆଇଟି, ବାଣିଜ୍ୟ ଓ ଆଇଟିଇଏସ୍ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଆଶା ସୃଷ୍ଟି ହୋଇଛି। ଆଉ ଏହାରି ମଧ୍ୟରେ ଶ୍ରୀଲଙ୍କାକୁ ସିଧାସଳଖ ବିମାନ ଉଡିଲେ ପର୍ଯ୍ୟଟନ ଶିଳ୍ପରେ ଦ୍ରୁତ ବିକାଶ ହୋଇପାରିବ।

## କେନ୍ଦ୍ରର ଚାଷୀ ମାରଣ ନୀତି

# ଦେଉନାହିଁ ଧାନ ସବସିଡି ଅର୍ଥ



**ଭୁବନେଶ୍ୱର :** ସହଯୋଗ କରୁନି କେନ୍ଦ୍ର। ନାଁ ଦେଉଛି ବକେୟା ଅର୍ଥ, ନାଁ ଉଠାଉଛି ଚାଉଳ। ଧାନ କିଣା ସବସିଡି ବାବଦକୁ କେନ୍ଦ୍ର ଉପରେ ରାଜ୍ୟର ୧୧ ହଜାର କୋଟିରୁ ଅଧିକ ଟଙ୍କା ବକେୟା ପଡ଼ିଛି। ବର୍ଷ ବର୍ଷ ଧରି ରାଜ୍ୟ ସରକାର କେନ୍ଦ୍ର ପାଖରେ ଦାବି କରୁଥିଲେ ମଧ୍ୟ କେନ୍ଦ୍ର ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ବକେୟା ନଦେବା ଠାରୁ ବଳିଯାଇଛି ଏଫସିଆଇର ଚାଉଳ ଉଠାଣରେ ମନମାନି। ଏଫସିଆଇ ଚୁକ୍ତି ମୁତାବକ ଚାଉଳ ଉଠାଉନଥିବାରୁ ଏହାର ପ୍ରଭାବ ସିଧାସଳଖ ଚାଷୀଙ୍କ ଉପରେ ପଡୁଛି। ଯାହାକୁ ନେଇ କେନ୍ଦ୍ର ବିରୋଧରେ ପ୍ରତିବାଦର ସ୍ୱର ଉଠାଇଛି ରାଜ୍ୟ। କେନ୍ଦ୍ର ଚାଷୀ ମାରଣ ନୀତି ଯୋଗୁଁ ରାଜ୍ୟ ସରକାର ଋଣ କରି ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଥିବା ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଅନ୍ୟପଟେ ରାଜ୍ୟର ଚାଷୀଙ୍କ ପ୍ରତି କେନ୍ଦ୍ରର ଲଗାତର ଅବହେଳାକୁ ନେଇ ବର୍ଷିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ। ତୁରନ୍ତ କେନ୍ଦ୍ର ସରକାର ଚାଷୀଙ୍କ ପ୍ରାପ୍ୟ ଦିଅନ୍ତୁ ବୋଲି ସୁର ଯୋଗାଣ ମନ୍ତ୍ରୀଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି। ସେପଟେ ମୌସୁମୀ ରାଜ୍ୟରେ ସକ୍ରିୟ ହେବା ପରେ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଣ୍ଟା ଭିଡ଼ିଛି କୃଷି ବିଭାଗ। ରାଜ୍ୟର ୨ଟି ଜିଲ୍ଲାକୁ ଛାଡ଼ିଦେଲେ ପ୍ରାୟ ସବୁ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ତେଣୁ ଚାଷ କାର୍ଯ୍ୟରେ କୌଣସି ବ୍ୟାଘାତ ସୃଷ୍ଟି ହେବ ନାହିଁ ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢୀ କହିଛନ୍ତି। ଲଗାତର ଭାବେ ରାଜ୍ୟ ସରକାର ସ୍ଥିତି ଉପରେ ନଜର ରଖିବା ସହ ସ୍ୱତନ୍ତ୍ର ବିହନ ପଲିସି ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକ ବିହନ ଓ ସାର ଯୋଗାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରି ଅନ୍ନଦାତାଙ୍କ ହାତମୁଠାକୁ ଟାଣ କରୁଛନ୍ତି। ଅନ୍ୟପଟେ ଏମଏସପି ନକରିବା, ଧାନ ସବସିଡି ବକେୟା ଅର୍ଥ କେନ୍ଦ୍ର ଉପରେ ବଢିବଢି ଚାଲିବା, ଆବଶ୍ୟକ ସାର ଯୋଗାଇ ନଦେବା, ଏଫସିଆଇ ଚାଉଳ ନଉଠାଇବା ପରି ନୀତି ଅବଲମ୍ବନ କରି ଚାଷୀଙ୍କ ସିଧାସଳଖ ହାଇରଣ କରୁଛି କେନ୍ଦ୍ର। ଯାହାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ତେଜିବାରେ ଲାଗିଛି ଅସନ୍ତୋଷର ନିଆଁ।

# ଓଡ଼ିଶା ବିଜେପିର ୩୫ ଜଣିଆ ନୂଆ ଟିମ୍

**ଭୁବନେଶ୍ୱର :** ରାଜ୍ୟ ବିଜେପିର ନୂଆ ଟିମ୍ ଗଠନ ହୋଇଛି। ବିଜେପି ରାଜ୍ୟ ପଦାଧିକାରୀଙ୍କ ୩୫ ଜଣିଆ କାର୍ଯ୍ୟକର୍ତ୍ତା ତାଲିକା ଜାରି ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦ୍ୱାରା ଜାରି ହୋଇଥିବା ତାଲିକାରେ ୧୦ ଜଣ ଉପସଭାପତି, ୫ ଜଣ ସାଧାରଣ ସମ୍ପାଦକ, ୧୦ ଜଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଏହା ସହ ମନମୋହନଙ୍କ ନୂଆ ଟିମ୍‌ରେ ରାଜ୍ୟ ବିଜେପିର ବିଭିନ୍ନ ମୋର୍ଚ୍ଚାର ନୂଆ ସଭାପତିଙ୍କ ନାମ ମଧ୍ୟ ରହିଛି। ରାଜ୍ୟ ବିଜେପିର ଉପସଭାପତି ତାଲିକାରେ ଅଛନ୍ତି ନାଉରୀ ନାୟକ, ଅପରାଜିତା ଷଡ଼ଙ୍ଗୀ, ରବି ନାଏକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲକ ମହାପାତ୍ର, କୁସୁମ ଟେଟେ, ସୁକେଶି ଓରାମ, ବିରଞ୍ଚିନାରାୟଣ ତ୍ରିପାଠୀ ଓ ଲେଖାଶ୍ରୀ ସାମନ୍ତସିଂହାର। ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ତାଲିକାରେ ଅଛନ୍ତି ସାରଦା ପ୍ରସାଦ ଶତପଥୀ, ଯତୀନ ମହାନ୍ତି, ପୂର୍ଣ୍ଣିମା କେର୍କେଟ୍ଟା, ସୀମାଞ୍ଚଳ ଖଟେଇ ଓ ମାନସ କୁମାର ମହାନ୍ତି। ରାଜ୍ୟ ବିଜେପିର ସମ୍ପାଦକ ତାଲିକାରେ ଅଛନ୍ତି ରମେଶ ଚନ୍ଦ୍ର ସାହୁ,ଟଙ୍କଧର ତ୍ରିପାଠୀ, ନବୀନ ରାମ, ସିପ୍ରା ବାଜପେୟୀ, ଅଭିମନ୍ୟୁ ସେଠୀ, ସରୋଜ କୁମାର କର, ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, କସ୍ତୁରୀ ମିଶ୍ର, ପୂର୍ଣ୍ଣିମା ନାୟକ ଓ ଇରାଶିଷ ଆଚାର୍ଯ୍ୟ। ସେହିପରି ବିଜେପି ଯୁବ ମୋର୍ଚ୍ଚା ସଭାପତି ଭାବେ ଅଭିଲାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ମହିଳା ମୋର୍ଚ୍ଚା ସଭାପତି ହେଲେ ଡକ୍ଟର ଐଶ୍ୱର୍ଯ୍ୟା ବିଶ୍ୱାଳ, କିଷାନ ମୋର୍ଚ୍ଚା ସଭାପତି ଭାବେ ମହେଶ୍ୱର ସାହୁଙ୍କୁ ମିଳିଛି ନିଯୁକ୍ତି। ଏସଟି ମୋର୍ଚ୍ଚା ସଭାପତି ଭାବେ ନିତ୍ୟାନନ୍ଦ ଗଣ୍ଡ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ବିଭୁପ୍ରସାଦ ତରାଇ ଓ ଓବିସି ମୋର୍ଚ୍ଚା ସଭାପତି ଭାବେ ସୁରଥ ବିଶ୍ୱାଳଙ୍କୁ ମିଳିଛି ନୂଆ ଦାୟିତ୍ୱ। ବିଜେପି ପକ୍ଷରୁ ଜାରି ନୂଆ ତାଲିକାରେ ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର ଓ ପ୍ରଦୀପ ପୁରୋହିତଙ୍କୁ ଏହି ତାଲିକାରେ ସାମିଲ କରାଯାଇନି। ସେମାନେ ଆଗାମୀ ନିର୍ବାଚନରେ ମଇଦାନକୁ ଓହ୍ଲାଇବା ନିମନ୍ତେ ଆଲୋଚନା ହେଉଥିବାରୁ ନିଜ ନିର୍ବାଚନ ମଣ୍ଡଳୀରେ ଅଧିକ ସମୟ ବିତାଇବାକୁ ସେମାନଙ୍କୁ ଦଳୀୟ ଦାୟିତ୍ୱରୁ ମୁକ୍ତ ମିଳିଛି। ବିଜେପି ନୂଆ ଟିମ୍‌କୁ ନେଇ ଦଳର ଉପସଭାପତି ଗୋଲକ ମହାପାତ୍ର ବେଶ୍ ଉତ୍ସାହିତ ଥିବା କହିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଏହି କମିଟି ପୂରା ଦମ୍‌ରେ କାମ କରି ଦଳକୁ ମଜଭୁତ କରିବ। ଆସନ୍ତା ଥର ହେବାକୁ ଥିବା ନିର୍ବାଚନ ଜିତି ସରକାର ଗଠନ ପାଇଁ ଅକ୍ଳାନ୍ତ ପରିଶ୍ରମ ଜାରି ରହିବ। ଦଳର ବିଭିନ୍ନ ପଦ ପଦବୀରେ ସାମିଲ ହୋଇଥିବା କର୍ମକର୍ତ୍ତା ଦୀର୍ଘ ଦିନ ହେଲା ବିଜେପି ସହ ଜଡ଼ିତ ଅଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେପି ଆଗାମୀ ନିର୍ବାଚନ ବୈତରଣୀ ପାର କରିବ। ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିରୋଧୀ ଓ ଶାସକ ଦଳ ଭିତରେ ରାଜାନୈତିକ ଉଷ୍ମତା ଦେଖିବାକୁ ମିଳୁଛି। ବିରୋଧୀ ଓ ଶାସକ ଦଳ ନିଜ ନିଜ କର୍ମକର୍ତ୍ତାଙ୍କୁ ନେଇ ମାନସ ମନ୍ଥନ ଆରମ୍ଭ କରି ଦେଇଛନ୍ତି। ଶାସକ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ରମ କରି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ପଟ୍ଟନାୟକ ସୁଶାସନ ବିଷୟରେ ବୁଝାଉଥିବା ବେଳେ ଅନ୍ୟପକ୍ଷରେ କେନ୍ଦ୍ରର ହେଭିୱେଟ୍‌ଙ୍କ ବାରମ୍ବାର ଓଡ଼ିଶା ଗସ୍ତ ରାଜ୍ୟ ରାଜନୀତିକୁ ସରଗରମ କରିଛି।

# ସ୍ୱର୍ଗଦ୍ୱାରରେ ହରିଶ୍ଚନ୍ଦ୍ର ସହାୟତା ନେଲେ ମିଳିବ ୪ ହଜାର



**ଭୁବନେଶ୍ୱର :** ପୁରୀ ସ୍ୱର୍ଗଦ୍ୱାରରେ ଶବ ଦାହ ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ହରିଶ୍ଚନ୍ଦ୍ର ସହାୟତା ରାଶି ବୃଦ୍ଧି କରାଯାଇଛି। ଯେକେହି ଏହି ସହାୟତା ରାଶିର ସୁବିଧା ନେଇ ଏଠାରେ ଆତ୍ମିୟଙ୍କ ଶେଷ ସଂସ୍କାର କରିପାରିବ। ପୂର୍ବରୁ ଏଠାରେ ହରିଶ୍ଚନ୍ଦ୍ର ସହାୟତା ରାଶି ୩ ହଜାର ଟଙ୍କା ଦିଆଯାଉଥିବା ବେଳେ ଏବେ ଏହି ସହାୟତା ରାଶିକୁ ୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ୪ ହଜାର ଟଙ୍କା ଭିତରେ ସେମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ଜଣେ ହିତାଧିକାରୀ ପୂର୍ବରୁ ହରିଶ୍ଚନ୍ଦ୍ର ସହାୟତାରେ ଦାହ କାର୍ଯ୍ୟ ପାଇଁ ଦେଢ଼ କ୍ୟୁଣ୍ଟାଲ କାଠ ପାଉଥିବା ବେଳେ ଏବେ ଏହାକୁ ବୃଦ୍ଧି କରି ୧ କ୍ୟୁଣ୍ଟାଲ ୮୦ କେଜିକୁ ବୃଦ୍ଧି କରାଯାଇଛି। ସେହିପରି ପଥଶ୍ରାଦ୍ଧ ସାମଗ୍ରୀ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶିରେ ଅନ୍ତର୍ଭୁକ୍ତ କରାଯାଇଛି। ସଂସ୍କାର ସାମଗ୍ରୀରେ ଘିଅ ପରିମାଣ ବୃଦ୍ଧି କରି ୨୦୦ଗ୍ରାମରୁ ୩୦୦ ଗ୍ରାମ କରାଯାଇଛି। ଶବ ସଂସ୍କାର କରିବାକୁ ଆସୁଥିବା ବ୍ୟକ୍ତି କାଠ ବୋହି ନେବା ପାଇଁ ପୂର୍ବରୁ କେବଳ ଟ୍ରଲି ସୁବିଧା ପାଉଥିଲେ, ଏବେ ଏହି ବ୍ୟବସ୍ଥାରେ ସୁଧାର ଆଣି କାଠ ବୋହିବା ପାଇଁ ୭ ଜଣ ପରିବହନ ସେବକ ମୁତୟନ କରାଯାଇଛି। ଯାହା ଫଳରେ ମୃତବ୍ୟକ୍ତିଙ୍କ ଦାହ ସଂସ୍କାର ସ୍ଥାନକୁ ଏହି ସେବକ ମାନେ ଟ୍ରଲି ସାହାଯ୍ୟରେ କାଠ ବୋହି ନେଇ ଥୋଇବେ। ଏହା ସହିତ ସ୍ୱର୍ଗଦ୍ୱାର ସେବାକେନ୍ଦ୍ରରୁ ସେବା ନେଇଥିବା ବ୍ୟକ୍ତିମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏସଏମଏସ ମାଧ୍ୟମରେ ବାର୍ତ୍ତା ପଠାଇବା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଯାହା ଫଳରେ ଯଦି କେହି ତାଙ୍କ ରସିଦ ହଜାଇ ଦେଇଥାନ୍ତି ତେବେ ରେଜିଷ୍ଟ୍ରେସନ ନମ୍ବର ଦେଖାଇ ପୁଣି ସହଜରେ ଏହାର ରସିଦ ନକଲ ପାଇ ପାରିବେ। ଆଗକୁ ଲୋକେ ସେମାନଙ୍କ ପରିଜନଙ୍କ ମୃତଦେହକୁ ଏଠାରେ ସୁବିଧାରେ ଶେଷ ସଂସ୍କାର କରିବା ନିମନ୍ତେ ସ୍ୱର୍ଗଦ୍ୱାର ଆପ୍ ଓ ୱେବସାଇଟର ସୁବିଧା ପାଇବେ। ମୃତଦେହ ସଂସ୍କାର ନିମନ୍ତେ ଏଠାରେ ନିଯୁକ୍ତ ସଂସ୍କାର ସେବକଙ୍କୁ ବୀମା ଅନ୍ତର୍ଭୁକ୍ତ କରାଯିବା ସହ ମୃତ୍ୟୁକାଳୀନ ଓ ବିବାହ ସହାୟତା ରାଶି ମଧ୍ୟ ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ପୁରୀ ସ୍ୱର୍ଗଦ୍ୱାରକୁ ଦାହ ସଂସ୍କାର ପାଇଁ ଆସୁଥିବା ବ୍ୟକ୍ତି ବିଶେଷମାନଙ୍କୁ ଶୋଷଣ ମୁକ୍ତ ଓ ବାଧା ରହିତ ବ୍ୟବସ୍ଥା ଦେବା ପାଇଁ ପରିଚାଳନା ଦାୟିତ୍ୱରେ ଥିବା ସ୍ୱର୍ଗଦ୍ୱାର ସେବା ସମିତି ଏହି ପଦକ୍ଷେପ ନେଇଛି। ଏନେଇ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲ୍ଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ସ୍ୱର୍ଗଦ୍ୱାର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁରୀ ପୌରସଂସ୍ଥା ଠାରୁ ଦାୟିତ୍ୱ କାଢ଼ି ନେଇ ସ୍ୱର୍ଗଦ୍ୱାର ସେବା ସମିତି ହାତରେ ଦିଆଯାଇଛି। ସ୍ୱର୍ଗଦ୍ୱାରରେ ଅବ୍ୟବସ୍ଥା, ଶବ ସଂସ୍କାରରେ ତ୍ରୁଟି, ହରିଶ୍ଚନ୍ଦ୍ର ସହାୟତା ରାଶି ବାଟମାରଣ, ଜନ ଅସନ୍ତୋଷକୁ ନେଇ ଆରଡିସି ତଦନ୍ତ ରିପୋର୍ଟ ଆସିବା ପରେ ପରିଚାଳନା ଦାୟିତ୍ୱକୁ ପୁରୀ ପୌରସଂସ୍ଥା ଠାରୁ କାଢ଼ି ନିଆଯାଇ ନୂତନ ଭାବେ ଗଠିତ କମିଟି ହାତରେ ଦିଆଯାଇଥିଲା।

## ରାଜ୍ୟ ଫରେନସିକ୍ ଲାବ୍‌ର ହେବ ଆଧୁନିକୀକରଣ

**ଭୁବନେଶ୍ୱର :** ରାଜ୍ୟ ଫରେନସିକ୍ ଲାବ୍ର ହେବ ଆଧୁନିକୀକରଣ। ଏଥି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ମଜବୁତ କରିବାକୁ ପଦକ୍ଷେପ ସ୍ୱରୁପ ଫରେନସିକ୍ ଲାବ୍ର ଆଧୁନିକୀକରଣ ସହ ବାଲେଶ୍ୱର ଓ ସମ୍ବଲପୁରରେ ଫରେନ୍ସିକ୍ ଲାବ୍ ଖୋଲିବାର ନିଷ୍ପତ୍ତି ହୋଇଛି। ୫ଟି ଉପକ୍ରମରେ ଅପରାଧିକ ନ୍ୟାୟ ପଦ୍ଧତିକୁ ଏହା ଅଧିକ ସୁଦୃଢ଼ କରିବ। ମର୍ଡନାଇଜେସନ ଅଫ ଫରେନ୍ସିକ ସାଇନ୍ସ ସର୍ଭିସ ଅର୍ଗାନାଇଜେସନ ବା ଏମ୍‌ଏଫ୍‌ଏସ୍‌ଏସ୍‌ଓ ନାଁରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ବାଲେଶ୍ୱର ଓ ସମ୍ବଲପୁରରେ ହେବ ଆଞ୍ଚଳିକ ଫରେନ୍ସିକ ଲାବ୍। ଦୁଇଟି ଆଞ୍ଚଳିକ ଲାବ୍ ନିର୍ମାଣ ପାଇଁ ଖର୍ଚ୍ଚ ହେବ ୨୦ କୋଟି ଟଙ୍କା। ଏଥି ସହିତ ରାଜ୍ୟ ଫରେନସିକ୍ ଲାବ୍ର ଆଧୁନିକୀକରଣରେ ବିଭିନ୍ନ ସାମଗ୍ରୀ ପାଇଁ ୧୨୫ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ମୋବାଇଲ ଫରେନ୍ସିକ ଭ୍ୟାନ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

## ଗୁପ୍ତେଶ୍ୱର ପୀଠର ହେବ ବିକାଶ

### ୨୦ କୋଟି ମଞ୍ଜୁର କଲେ ରାଜ୍ୟ ସରକାର

**ଭୁବନେଶ୍ୱର :** ଜୈବ ବିବିଧତା ଐତିହ୍ୟସ୍ଥଳୀର ମାନ୍ୟତା ପାଇବ ଗୁପ୍ତେଶ୍ୱର। ଦକ୍ଷିଣ ଓଡ଼ିଶା ପ୍ରଶିଦ୍ଧ ଶୈବପୀଠକୁ ମିଳିବ ନୂଆ ପରିଚୟ। ମହାଦେବଙ୍କ ଆରାଧନା ସହ ମିଳିବ ପର୍ଯ୍ୟଟନର ମଜା। କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ ହଳଦିକୁଣ୍ଡ ପଞ୍ଚାୟତରେ ଅବସ୍ଥିତ ଗୁପ୍ତେଶ୍ୱର ପୀଠର ହେବ ବିକାଶ। ଏଥିପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାରି ଭିତରେ ଏହାକୁ ସ୍ଥାନୀୟ ଜୈବ ବିବିଧତା ପରିଚାଳନା କମିଟି ଏନେଇ ଆଉ ପାଦେ ଆଗେଇଛି। ୨୦୧୮ ରୁ ଆଗତ ହୋଇଥିବା ଏକ ଲିଖିତ ପ୍ରସ୍ତାବକୁ ବୋର୍ଡ ନିକଟରେ ଉପସ୍ଥାପନ କରିଛି କମିଟି। ରାଜ୍ୟ ଜୈବ ବିବିଧତା ବୋର୍ଡ ଏକ ଟିମ୍ ପ୍ରସ୍ତାବିତ ଅଞ୍ଚଳରେ ସର୍ଭେ କରିବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଦିଆଯାଉଥିବା ସୂଚନା ଦେଇଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱାମିନାଥନ କୃଷୀ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁପ୍ତେଶ୍ୱର ଶୈବ ପୀଠକୁ ଲାଗି ରହିଥିବା ବିସ୍ତିର୍ଣ୍ଣ ଜଙ୍ଗଲରେ ପୁର୍ବରୁ ବିଭିନ୍ନ ପ୍ରକାର ବିରଳ ଜୀବଜନ୍ତୁ ରହୁଥିଲେ। ସେମାନଙ୍କୁ କିପରି ସୁରକ୍ଷା ଦିଆଯିବ ସେନେଇ ଗୁରୁତ୍ୱ ଦିଆଯାଇଛି। ଜଙ୍ଗଲରେ ବିଭିନ୍ନ ପ୍ରକାର ବିରଳ ଔଷଧିୟ ଗଛକୁ ସୁରକ୍ଷିତ ରଖିବାକୁ କରାଯିବ ପ୍ରୟାସ। ଏନେଇ ଏକ ସ୍ୱତନ୍ତ୍ର ଟିମ୍ ହଳଦିକୁଣ୍ଡ ପଞ୍ଚାୟତ ପ୍ରତିନିଧି ଓ ସ୍ଥାନିୟ ଜୈବ ବିବିଧତା ପରିଚାଳନା କମିଟି ସହ ଆଲୋଚନା କରିଛନ୍ତି।

# ଶିମିଳିପାଳରେ ବୃଦ୍ଧି ପାଇଛି କଳା ବାଘଙ୍କ ସଂଖ୍ୟା : କ୍ଷେତ୍ର ନିର୍ଦ୍ଦେଶକ



**ବାରିପଦା,(ବିଜୁ ସିଂ):** ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଥିବାର କହିଛନ୍ତି କ୍ଷେତ୍ର ନିର୍ଦ୍ଦେଶକ। ପୃଥିବୀର ଶିମିଳିପାଳ ହେଉଛି ଏକମାତ୍ର ସ୍ଥାନ ଯେଉଁଠି କଳା ମହାବଳ ବାଘ ଦେଖାଯାଆନ୍ତି। ହେଲେ କଳା ବାଘକୁ ନେଇ ଦ୍ୱନ୍ଦ, ଏହା ପରିବେଶ ପାଇଁ ଶୁଭ ନା ବିପଦ ସଂକେତ। ଜାତୀୟ ପଶୁ ତଥା ବନ୍ୟଜନ୍ତୁଙ୍କ ରାଜା ମହାବଳ ବାଘ। ଆପଣ ମାନେ ତ ଦେଖିଥିବେ ଈଷତ୍ ହଳଦିଆ ଦେହରେ କଳା ପଟି ପଟିର ମହାବଳବାଘ ବାଘ ହେଲେ ଶିମିଳିପାଳ ଅଭୟାରଣ୍ୟରେ କଳା ମହାବଳ ବାଘ। ଯାହାର ଦେହରେ ଅଧିକାଂଶ ଅଂଶ କଳା ଆଉ ଏହାକୁ ଏବେ ଅନନ୍ୟ କଳା ବାଘ ଭାବେ ପରିଚିତ। ପୃଥିବୀର ଶିମିଳିପାଳ ହେଉଛି ଏକ ମାତ୍ର ସ୍ଥାନ ଯେଉଁଠି କଳା ରଙ୍ଗର ମହାବଳ ବାଘ ଦେଖାଯାଆନ୍ତି। ଏହି ବାଘକୁ ବୈଜ୍ଞାନିକ ଭାଷାରେ ମିଲାନେଷ୍ଟିକ ବାଘ କୁହାଯାଏ, ଅର୍ଥାତ୍ ଅସ୍ୱାଭାବିକ ପ୍ରଜୋଜନ ରେ ଏହି ପ୍ରଜାତି ର ବାଘ ର ଜନ୍ମ ବୋଲି କୁହାଯାଉଛି। ଶିମିଳିପାଳ ଅଭୟାରଣ୍ୟରେ ଏହି କଳା ମହାବଳ ବାଘ ୧୯୮୭ ମସିହାରୁ ଥିବା ଜଣା ପଡିଥିଲା ହେଲେ କେମେରା ଟ୍ରାପିଙ୍ଗରେ ୨୦୦୮ ମସିହାରେ ଏହାର ଫୋଟ କଏଦ ହେବା ପରେ ଶିମିଳିପାଳରେ କଳା ବାଘର ସ୍ଥିତି ଜଣା ପଡିଥିଲା। ତେବେ ଗୋଟିଏ କଳା ବାଘ ଶିମିଳିପାଳରେ ଥିବା କୁହା ଯାଉଥିବା ବେଳେ ଚଳିତ ବର୍ଷ ଏହି ବାଘଙ୍କ ସଂଖ୍ୟା ପନ୍ଦରରୁ ଉର୍ଦ୍ଧ୍ୱ ବୋଲି କହିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ। ଗୋଟିଏ ପଟେ ଗର୍ବ ଓ ଗୌରବର ଶିମିଳିପାଳ ଏକ ମାତ୍ର ସ୍ଥାନ କଳାବାଘଙ୍କ ବୋଲି କୁହା ଯାଉଥିବା ବେଳେ କଳାବାଘ ବଂଶ ବୃଦ୍ଧିକୁ ନେଇ ଖୁସି ଦେଖା ଦେଇଥିବା ବେଳେ ଅନ୍ୟ ପଟେ ଏହା ବାଘ ବଂଶ ପାଇଁ ଠିକ୍ ନୁହେଁ ବୋଲି ଦାବି କରିଛନ୍ତି ପରିବେଶ ପ୍ରେମୀ। ଶିମିଳିପାଳରେ କଳା ବାଘ କାହିଁକି ବଢୁଛନ୍ତି ଏ ନେଇ ପରିବେଶବିତ କୁହନ୍ତି ଶିମିଳିପାଳରେ ବାଘ ସଂଖ୍ୟା କମିଯିବାରୁ ସେମାନଙ୍କ ଅପ୍ରାକୃତିକ ପ୍ରଜୋଜନ। ଅତ୍ୟଧିକ ଶିକାର ଯୋଗୁଁ ବାଘ ବଂଶ ଉପରେ ନିଭୟ ଚଳପ୍ରଚଳରେ ଚାପ। ବାଘଙ୍କ ଶିକାରୀ ଭୟ। ବାଘ ଆଶ୍ରୟସ୍ଥଳୀ ରେ ବିଭାଗ ର ଅଫିସ କାର୍ଯ୍ୟାଳୟ। ବାଘ ଆଶ୍ରୟସ୍ଥଳୀରେ ଏପରିକି ବନ କର୍ମଚାରୀଙ୍କୁ ନିଷେଧ ଆବଶ୍ୟକ। ତେବେ ଏ ସବୁ ଭିତରେ ଶିମିଳିପାଳରେ କଳାବାଘ ବଂଶ ବୃଦ୍ଧି ଏହା ପରିବେଶ ପାଇଁ ଶୁଭକି ଅଶୁଭ ଏ ନେଇ ପ୍ରଥମ କରି ଜଣେ ବୈଜ୍ଞାନିକଙ୍କୁ ଅନୁଧ୍ୟାନ ପାଇଁ ଅନୁମତି ଦିଆଯାଇଥିବା କରିଛନ୍ତି ଆରସିସିଏଫ୍ ତେବେ ମିଲାନେଷ୍ଟିକ ବାଘ କେବେ ହେଲେ ପରିବେଶ ଉପଯୋଗୀ ନୁହେଁ ଏ ନେଇ ଅଧିକ ଅନୁଧ୍ୟାନ ଆବଶ୍ୟକ ବୋଲି ନିଜସ୍ୱ ମତ ରଖିଛନ୍ତି ଆରସିସିଏଫ୍। ଶିମିଳିପାଳରେ କଳା ବାଘ ବଂଶ ବିଷୟରେ ବାଙ୍ଗାଲୋରର ଜଣେ ବୈଜ୍ଞାନିକ ଦାଇତ୍ୱ ନେଇଛନ୍ତି, କଳା ବାଘର ଲଣ୍ଡି, ଆମ୍ପୁଡା ଦାଗ, ବାନ୍ତି ଆଦି ବିଭିନ୍ନ ସେମ୍ପୁଲକୁ ସଂଗ୍ରହ କରି ଅନୁଧ୍ୟାନ କରାଯାଉଛି। ବାଘ ବଂଶ ବୃଦ୍ଧି ପାଇଁ ଶିମିଳିପାଳ ହେଉଛି ଉତ୍କୃଷ୍ଟ ସ୍ଥାନ, ମିଲାନେଷ୍ଟିକ ବାଘ ବଂଶ ବୃଦ୍ଧି ଗୋଟିଏ ପଟେ ଶିମିଳିପାଳ ପାଇଁ ଗୌରବର ଖବର ଅନ୍ୟ ପଟେ ଏହା ପରିବେଶ ପାଇଁ କେତେ ଠିକ୍ ଏ ନେଇ ଉଠିଛି ଦ୍ୱନ୍ଦ। ଏ ନେଇ ଅଧିକରୁ ଅଧିକ ଗବେଷଣା ଏବେ ଆବଶ୍ୟକ।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



ଭୁବନେଶ୍ୱର, ୭ - ୧୩ ଅଗଷ୍ଟ, ୨୦୨୩

# ଦେଖାଯାଉ, ଆଗକୁ କ'ଣ

ସମ୍ପାଦକୀୟ

ତାରକ ମହାନ୍ତି



ଏବେ ରାଜ୍ୟରେ କଂଗ୍ରେସ ଅଭିଯୋଗ କରୁଛି ଯେ, ଓଡିଶା ବିଜେପି ଓ ବିଜୁ ଜନତା ଦଳ ଗୋଟିଏ ବୋଲି। ଏହାର କାରଣ କେନ୍ଦ୍ରର ଏନଡିଏ ଶାସନକୁ କୌଣସି ପ୍ରସଙ୍ଗରେ ବିଜେଡି ଏଯାଏ ମୋଦି ସରକାରକୁ ବିରୋଧ କରିନାହିଁ. ଏହାର କାରଣ ଯାହା ହୋଇଥାଉ ନା କାହିଁ ଏଥିରେ ଦ୍ୱିମତ ଅଛି କି! ତେବେ ବର୍ତ୍ତମାନର ପ୍ରସଙ୍ଗକୁ ନେଇ ଆଲୋଚନା କରିବା। ଲୋକସଭାରେ ଦିଲ୍ଲୀ ସେବା ବିଲ ପାରିତ ହୋଇଯାଇଛି। ବିରୋଧୀଙ୍କ ତମାମ ହଟଗୋଳ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ ଆଗତ କରିଥିଲେ। ଦିଲ୍ଲୀରେ ସରକାରୀ ଅଧିକାରୀଙ୍କ ନିଯୁକ୍ତି ଓ ବଦଳିକୁ ନେଇ ଉପରାଜ୍ୟପାଳ ହିଁ ନିଷ୍ପତ୍ତି ନେବେ ବୋଲି ବିଲରେ ପ୍ରସ୍ତାବ ରହିଛି। ବିଲ ଆଗତ ପରେ ବିରୋଧୀମାନେ ଗୃହରେ ହଙ୍ଗାମା କରିଥିଲେ। ତେବେ ଏବେ ଏହାକୁ ରାଜ୍ୟସଭାରେ ଆଗତ କରାଯିବ. ରାଜ୍ୟସଭାରେ ଗୃହୀତ ହେବା ପରେ ବିଲ ରାଷ୍ଟ୍ରପତିଙ୍କ ପାଖକୁ ଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଦିଲ୍ଲୀ ପାଇଁ କେନ୍ଦ୍ର ଆଣିଥିବା ଅଧ୍ୟାଦେଶ ସ୍ଥାନରେ ନୂଆ ବିଲ କାର୍ଯ୍ୟକାରୀ ହେବ। ବିଲ ଉପରେ ଚର୍ଚ୍ଚା ଆରମ୍ଭ ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିଜ ଜବାବ ରଖିଥିଲେ। ଶାହଙ୍କ ଜବାବ ସମୟରେ କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ଡ଼ିଏମକେ ସମେତ ଅନ୍ୟ ବିରୋଧୀ ଦଳଗୁଡିକ ଏହାକୁ କଡା ବିରୋଧ କରି ହୋହଲ୍ଲା ଆରମ୍ଭ କରିଥିଲେ। କିନ୍ତୁ ଶାହ ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ ଯେ, ମେଣ୍ଟ ପାଇଁ ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଅନାହିଁ। ତେଣୁ ମେଣ୍ଟ କଥା ଭୁଲି ଦିଲ୍ଲୀ ଲୋକଙ୍କ କଥା ଚିନ୍ତା କର ବୋଲି କହିଥିଲେ ଶାହ। ବିରୋଧୀ ସାଂସଦମାନେ ନିର୍ବାଚନ ଜିତିବା ଆଶାରେ କୌଣସି ବିଲକୁ ବିରୋଧ କରିବା ଉଚିତ ନୁହଁ ବୋଲି ଶାହ କହିଥିଲେ। ବିତର୍କ ସମୟରେ ଶାହ କହିଥିଲେ, ଦିଲ୍ଲୀ ଏକ ସମ୍ପୂର୍ଣ୍ଣ ପ୍ରଦେଶ ବା କେନ୍ଦ୍ର ଶାସିତ ଅଞ୍ଚଳ ନୁହେଁ। ଧାରା ୨୩୯ ଏଏ ଅନୁସାରେ ଦିଲ୍ଲୀ ପ୍ରସଙ୍ଗରେ ଆଇନ ତିଆରି କରିବା ପାଇଁ ସଂସଦର ଅଧିକାର ରହିଛି। ତେବେ ଦିଲ୍ଲୀ ସେବା ବିଲକୁ ଲୋକସଭାରେ ସମର୍ଥନ କରିଛି ବିଜେଡି। ଆଲୋଚନା ଶେଷ ପରେ କଂଗ୍ରେସ ଓ ଅନ୍ୟ ବିରୋଧୀଦଳ କକ୍ଷ ତ୍ୟାଗ କରିଥିଲାବେଳେ ବିଜେଡି ଏଥିରେ ସାମିଲ ହୋଇନଥିଲା. ଆଲୋଚନାରେ ଭାଗ ନେଇ ବିଜେଡିର ଲୋକସଭା ନେତା ପିନାକୀ ମିଶ୍ର କେନ୍ଦ୍ର ସରକାରକୁ ସୁରକ୍ଷା ଦେଇଛନ୍ତି। ସେ କହିଛନ୍ତି, ବିଲକୁଲ ସମର୍ଥନ କରାଯାଉଛି ଅର୍ଥ ନୁହେଁ ଯେ ବିଜେଡି ଏବେ ବିଜେପିକୁ ସମର୍ଥନ କରୁଛି। ପିନାକୀ ସମଦୂରତ୍ୱ କଥା ମଧ୍ୟ କହିଥିଲେ। ଏହି ପ୍ରସଙ୍ଗକୁ ସାମ୍ନାକୁ ଆଣି ପିନାକୀ କହିଥିଲେ ଯେ ବିଲ ଆଗତ ସମୟରେ ସେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ଅନ୍ୟପକ୍ଷେ ପିନାକୀ କହିଥିଲେ ରାଜ୍ୟରେ ବିଜେଡିର ବଡ଼ ଶତ୍ରୁ ହେଉଛି ବିଜେପି। କଂଗ୍ରେସ ସମ୍ପୂର୍ଣ୍ଣ ରୂପେ ଧ୍ୱସ୍ତ ହୋଇସାରିଲାଣି। ତୃଣମୂଳ ସ୍ତରରେ ବିଜେଡି ବିଜେପି ସହିତ ଲଢେଇ କରୁଛି। କଂଗ୍ରେସର ଭୋଟ ପ୍ରତିଶତ ୧୦%କୁ ଖସି ଆସିଲାଣି। ତେବେ ଦିଲ୍ଲୀ ଲୋକସଭା ବିଲ୍‌କୁ ବିଜେଡିର ସମର୍ଥନ ପରେ ଅଚାନକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତକୁ ନେଇ ନାନା କଳ୍ପନାଜଳ୍ପନା ଦେଖାଦେଇଛି। ଶ୍ରୀ ଶାହାଙ୍କ ଆସିବା ନେଇ ପୂର୍ବରୁ ଓଡ଼ିଶା ବିଜେପି ଶିବିରରେ କୌଣସି ଚର୍ଚ୍ଚା ନଥିଲା ବେଳେ ମାତ୍ର ଦୁଇଦିନ ପୂର୍ବରୁ ସେ ଓଡ଼ିଶା ଆସୁଛନ୍ତି ବୋଲି ସୂଚନା ମିଳିଥିଲା। ଗତ ଶୁକ୍ରବାର ରାତି ୧୨ଟାରେ ଶ୍ରୀ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ଶନିବାର ଦିନ ଲୋକସଭା ଭବନରେ ଭର୍ଚୁଆଲ ମାଧ୍ୟମରେ ସୁକିନ୍ଦା-କାମାକ୍ଷାନଗର, ଚଣ୍ଡିଖୋଲ-ଭଦ୍ରକ ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗ ଦେଇଥିଲେ। ଶନିବାର ଲୋକସଭା ଭବନରେ ନକ୍ସଲ ଦମନ ପଦକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୀକ୍ଷା ବୈଠକରେ ମଧ୍ୟ ଶ୍ରୀ ଶାହା ଯୋଗ ଦେଇଥିଲେ। ତେବେ ଶାହାଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ କେବଳ ଓଡ଼ିଶା ବିଜେପିର ହାତମୁଠାକୁ ଟାଣ କରିବ ନା ବିଜେଡି-ବିଜେପି ସମ୍ପର୍କକୁ ମଜଭୁତ କରିବ ତାହା ଦେଖିବାକୁ ବାକି ରହିଲା। ଯେହେତୁ ଶ୍ରୀ ଶାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଥିଲେ ଏଥିରେ ଫୋକସରେ କ'ଣ ରହିଛି ତାହା ସାଧାରଣରେ ଜଣା ନପଡିଥିଲେ ବି କିଛିଗୋଟେ ଭିତିରି ସମ୍ପର୍କ ଥିବା ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି। ଏହି ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ନୂଆ ଟିମ୍ ମଧ୍ୟ ଘୋଷଣା ହୋଇଛି।

# ଭାରତ-ଚୀନ୍ ସମ୍ପର୍କ: ଦୁଇଟି ପଥ, ଦୁଇଟି ସମ୍ଭାବ୍ୟ ଫଳାଫଳ



ଅସିତ ମହାନ୍ତି

ଗତ ବର୍ଷ ନଭେମ୍ବରରେ ଇଣ୍ଡୋନେସିଆର ବାଲି ସହରରେ ଅନୁଷ୍ଠିତ ଜି -୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିବା ନେଇ ଆଠ ମାସ ଧରି ଭାରତର ଜନସାଧାରଣ ଅନ୍ଧକାରରେ ରହିଥିଲେ। ତା'ପରେ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ଦୁଇ ଦେଶ ମଧ୍ୟରେ କିଛି 'ସହମତି' କରାଯାଇଥିଲା। ବାଲି ଶିଖର ସମ୍ମିଳନୀରେ ଏକ ଭିଡିଓ ଭାଇରାଲ ହୋଇଥିଲା ଯେଉଁଥିରେ ମୋଦୀ ସିଙ୍କୁ ଭେଟିବାକୁ ଯାଉଥିବାର ନଜର ଆସିଥିଲେ। ତା'ପରେ ଭାରତର ବୈଦେଶିକ ସଚିବ ବିଜୟ ମୋହନ କାତ୍ରାଙ୍କୁ ସାମ୍ବାଦିକମାନେ ପଚାରିଥିଲେ ଯେ ଦୁଇ ନେତାଙ୍କ ମଧ୍ୟରେ କଥାବାର୍ତ୍ତା କ'ଣ ହେଲା? ଏହା ଉପରେ କାତ୍ରା କହିଥିଲେ ଯେ ଉଭୟଙ୍କ ମଧ୍ୟରେ କେବଳ ଶୁଭେଚ୍ଛା ବିନିମୟ ହୋଇଛି। ତା'ପରେ ଚୀନ୍ ଏହା ମଧ୍ୟ କହି ନାହିଁ ଯେ ଦୁଇ ନେତା କେବଳ ଶୁଭେଚ୍ଛା ବିନିମୟ କରିନାହାଁନ୍ତି, ବରଂ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବ୍ରିକ୍ସ (ବ୍ରାଜିଲ-ଋଷ-ଭାରତ-ଚୀନ୍-ଦକ୍ଷିଣ ଆଫ୍ରିକା)ର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ବୈଠକର ଆଠ ମାସ ପରେ ଚୀନ୍ ଏହି ତଥ୍ୟ ପ୍ରକାଶ କରିଛି। ଏହି ବୈଠକରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚୀନ୍ର ପ୍ରତିନିଧୀ ୱାଙ୍ଗ ୟିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରିଛି। ଏଥିରେ ୱାଙ୍ଗ ଡୋଭାଲଙ୍କୁ କହିଛନ୍ତି ଯେ ବାଲିରେ ମୋଦୀ ଏବଂ ସିଙ୍କ ମଧ୍ୟରେ ହୋଇଥିବା ସହମତି ଆଧାରରେ ଦୁଇ ଦେଶ ଆଗକୁ ବଢିବା ଉଚିତ। ସାଧାରଣ ସହମତି ହେଲା ଯେ ଭାରତ ଏବଂ ଚୀନ୍ ପରସ୍ପର ପାଇଁ ବିପଦ ନୁହଁନ୍ତି, ବରଂ ସେମାନେ ପରସ୍ପର ପାଇଁ ବିକାଶର ସୁଯୋଗ ଅଟନ୍ତି। ଏହା ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ। ଏହି ବିବୃତ୍ତି ପ୍ରକାଶ ହେବାର ଗୋଟିଏ ଦିନ ପରେ ଯେତେବେଳେ ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କ ସହ ଯୋଗାଯୋଗ କରାଯାଇଥିଲା, ସେତେବେଳେ ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କିଛି କହିବାକୁ ମନା କରିଦେଇଥିଲା। କିନ୍ତୁ ଏହାର ଆଉ ଗୋଟିଏ ଦିନ ପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ୱୟଂ ସ୍ୱୀକାର କରିଛି ଯେ ବାଲିରେ ମୋଦୀ ଏବଂ ସିଙ୍କ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସ୍ଥିର କରିବା ନେଇ ପାରସ୍ପରିକ ଆଲୋଚନା ହୋଇଛି। ବିଭିନ୍ନ ଦେଶର ନେତାମାନେ ଆନ୍ତର୍ଜାତୀୟ ସମ୍ମିଳନୀ ଅବସରରେ ଦ୍ୱିପାକ୍ଷିକ ଆଲୋଚନା କରନ୍ତି। ସେଥିପାଇଁ ବାଲିରେ ମୋଦୀ ଏବଂ ସିଙ୍କ ମଧ୍ୟରେ କଥାବାର୍ତ୍ତା ହେବାବେଳେ ଲୁଚାଇବାକୁ କିଛି ନଥିଲା। କିନ୍ତୁ ଆମେ ସହଜରେ ବୁଝିପାରିବା କାହିଁକି ଏହି ତଥ୍ୟ ଲୁଚି ରହିଲା। ଏହା ସ୍ପଷ୍ଟ ଭାବରେ ଭାରତରେ ପ୍ରଚାରିତ କାହାଣୀ ବିରୁଦ୍ଧରେ ଯାଉଛି। ଏଥିରୁ ଏକ ବାର୍ତ୍ତା ଯାଉଛି ଯେ ଚୀନ୍‌କୁ ଆଂଠୁ ମାଡି ବାଧ୍ୟ କରିବା ପରିବର୍ତ୍ତେ, ଭାରତୀୟ ପ୍ରଧାନମନ୍ତ୍ରୀ ସଂଳାପ ମାଧ୍ୟମରେ ସମ୍ପର୍କକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲେ। ତେବେ, ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଏହି ସମୟରେ ଚୀନ୍ କାହିଁକି ଏହି ତଥ୍ୟକୁ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଲା?

ଉଲ୍ଲେଖନୀୟ କଥା ହେଉଛି, ଏହି ଅବସରରେ ଅରୁଣାଚଳ ପ୍ରଦେଶର ଖେଳାଳିଙ୍କୁ ଷ୍ଟେପ୍ଲଡ୍ ଭିସା ଦିଆଯିବାର ଖବର ମଧ୍ୟ ସାମ୍ନାକୁ ଆସିଥିଲା। ଏହି ଖେଳାଳିମାନେ ବିଶ୍ୱବିଦ୍ୟାଳୟ ଗେମ୍ସରେ ଭାଗ ନେବାକୁ ଚୀନ୍ ଯାଉଥିଲେ। କିନ୍ତୁ ଚୀନ୍ ସେମାନଙ୍କୁ ଏକ ସାଧାରଣ ଭିସା ଦେଇନଥିଲା, ଯେଉଁଥିପାଇଁ ଭାରତକୁ ଶେଷ ମୁହୂର୍ତ୍ତରେ ବିମାନ ବନ୍ଦରରୁ ସମଗ୍ର ଦଳକୁ ଫେରାଇ ଆଣିବାକୁ ପଡ଼ିଲା। ତେବେ ପ୍ରଶ୍ନ ହେଉଛି, ଚୀନ୍‌ର ଷ୍ଟାଣ୍ଡରେ ଏହି କଠୋରତା କାହିଁକି ଆସିଛି? ଏଥିରୁ ସ୍ପଷ୍ଟ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଛବି 'ବିରୁଦ୍ଧରେ ସୂଚନା ପ୍ରକାଶ କରି ଏବଂ ଷ୍ଟାପ୍ ଭିସା ଦେବା ଭଳି ପଦକ୍ଷେପ ନେଇ ଏହା ଏକ ଅସହଜ ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଛି। ସମାଲୋଚକମାନେ କହିଛନ୍ତି ଯେ କେବଳ ଚୀନ୍ ନୁହେଁ, ଭାରତର ବନ୍ଧୁ ଭାବରେ ପରିଗଣିତ ଦେଶ ମଧ୍ୟ ଏକ ଧାରଣା ସୃଷ୍ଟି କରିଛନ୍ତି ଯେ ମୋଦୀ ସରକାରଙ୍କ ବୈଦେଶିକ ନୀତି ଘରୋଇ ରାଜନୀତିର ଚାହିଦା ଅନୁଯାୟୀ ପରିଚାଳିତ ହେଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତାଙ୍କ ଭାବମୂର୍ତ୍ତିର ଏକ ବିଶେଷ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ନିର୍ବାଚନର ଲାଭ ଉଠାଇବା। ଏହି ପରିପ୍ରେକ୍ଷୀରେ ଚୀନ୍ ବୋଧହୁଏ ପ୍ରଥମ ଦେଶ ହୋଇପାରିଛି, ଯାହା କୂଟନୈତିକ ଉଦ୍ଦେଶ୍ୟରେ ବର୍ତ୍ତମାନର ସରକାରଙ୍କ ଏହି ଦୁର୍ବଳତାର ସୁଯୋଗ ନେବାକୁ ଚେଷ୍ଟା କରିଛି। ଏହା ଅନୁମାନ କରାଯାଇପାରେ ଯେ ଜୁନ୍ ମାସରେ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ପରେ ଚାଇନାରେ ଏଭଳି ଉଦ୍ୟମ ପାଇଁ ରଣନୀତି ପ୍ରସ୍ତୁତ କରିଥିବା। ଏହି ଗସ୍ତ ସମୟରେ ଆମେରିକାର ଅକ୍ଷ ସହିତ ଭାରତର ନିକଟତରତା ଏତେ ପରିମାଣରେ କରାଯାଇଥିଲା ଯେ ଆମେରିକାର ନୌ ସେନା ଯୁଦ୍ଧ ଜାହାଜକୁ 'ମରାମତି' ଉଦ୍ଦେଶ୍ୟରେ ଭାରତୀୟ ବନ୍ଦର ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଏହା ସହିତ, ଚୀନ୍‌କୁ ଘେରି ରହିବା ପାଇଁ ଆମେରିକାର ରଣନୀତିରେ ଭାରତ ସମ୍ପୂର୍ଣ୍ଣ ଅଂଶଗ୍ରହଣକାରୀ ହୋଇପାରିଛି। ଏହା ବ୍ୟତୀତ ଭାରତ ଏକପାଖିଆ ଭାବରେ 'ସାଂଘାଇ ସହଯୋଗ ସଂଗଠନ' (ଏସ୍‌ସିଓ)ର ଶିଖର ସମ୍ମିଳନୀକୁ 'ଭର୍ଚୁଆଲ୍ ମୋଡ୍'ରେ ଆୟୋଜନ କରିବାକୁ ଏକତରଫା ନିଷ୍ପତ୍ତି ନେଲା, ଚୀନ୍ ଗଣମାଧ୍ୟମରେ ଏହା ଉପରେ କ୍ରୋଧିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ରିକ୍ସ ସମ୍ପ୍ରସାରଣ ଏବଂ ବ୍ରିକ୍ସ ନିଜସ୍ୱ ମୁଦ୍ରା ପ୍ରଦାନ ପ୍ରସଙ୍ଗରେ ଆଜିକାଲି ଦୁଇ ଦେଶ ମଧ୍ୟରେ ମତଭେଦ ସମ୍ବାଦ ଉପରେ ଆଲୋଚନା ହେଉଛି। ତେବେ, ଏହି ବିକାଶ ମଧ୍ୟରେ ଚୀନ୍ ବର୍ତ୍ତମାନ ଭାରତ ସହିତ ମୁହାଁମୁହିଁ ବୃଦ୍ଧି ହେବାର ସିଦ୍ଧାନ୍ତରେ ପହଞ୍ଚିଛି। ଯଦି ଏହା ହୁଏ, ତେବେ ଏହା ଭାରତର ଜାତୀୟ ସୁରକ୍ଷା ପାଇଁ ଏକ ନୂତନ ଏବଂ ଅତ୍ୟନ୍ତ ଗମ୍ଭୀର ଆହ୍ୱାନ। ତେଣୁ ଦେଶରେ ଏକ ଖୋଲା ବିତର୍କ ହେବା ଉଚିତ ଯେ ଏହି ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତର ଉପଯୁକ୍ତ ରଣନୀତି କ'ଣ ହେବା ଉଚିତ୍? ଯଦି ଆମେରିକୀୟ ଅକ୍ଷର ଅଂଶ ହେବା ପାଇଁ ଭାରତ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛି, ତେବେ ଯୁଦ୍ଧ ସମେତ ଯେକୌଣସି ଘଟଣା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡିବ। କିନ୍ତୁ ଅନ୍ୟ ଏକ ଉପାୟ ହେଉଛି ଯାହା ବାଲିରେ ପ୍ରଧାନମନ୍ତ୍ରୀ ମୋଦୀ ଗ୍ରହଣ କରିଥିଲେ। ଏହି ଦୃଷ୍ଟିକୋଣରେ, ସମ୍ପର୍କକୁ ସ୍ଥିର କରିବା ଏବଂ ଦୀର୍ଘ ସମୟ ମଧ୍ୟରେ ଏହାକୁ ସୁଦୃଢ କରିବାର ଏକ ଲୁକ୍କାୟିତ ସମ୍ଭାବନା ଅଛି। ଭାରତର ସାମ୍ପ୍ରତିକ ପରିସ୍ଥିତିରେ, ଭାରତ ସରକାର ରାଜନୈତିକ ଲାଭ ପାଇଁ ଏହି ଉପାୟକୁ ଖୋଲାଖୋଲି ଭାବେ ଗ୍ରହଣ କରିବା ଅନୁକୂଳ ହୋଇନପାରେ। କିନ୍ତୁ ଦେଶର ଦୀର୍ଘକାଳୀନ ସ୍ୱାର୍ଥରେ ଏହା ହେଉଛି ସଠିକ୍ ଉପାୟ। ତେଣୁ ବାଲିରେ ସହମତି କ'ଣ ହୋଇଛି ଏବଂ ଚୀନ୍ ସହ ସମ୍ପର୍କକୁ ପରିଚାଳନା କରିବାର ଏହା ହେଉଛି ସଠିକ୍ ଉପାୟ ବୋଲି ପ୍ରଧାନମନ୍ତ୍ରୀ ଏବଂ ବର୍ତ୍ତମାନର ସରକାର ଖୋଲାଖୋଲି ଭାବେ ବାହାରକୁ ଆସିବା ଉଚିତ୍। ଏହି ସମୟ ହେଉଛି ଯେତେବେଳେ ବର୍ତ୍ତମାନର ସରକାର ମିଥ୍ୟା ଭାବମୂର୍ତ୍ତିର କାରାଗାରରୁ ବାହାରିଛନ୍ତି ଏବଂ ଭାରତୀୟ ଜନତାଙ୍କ ଦୀର୍ଘମିଆଦୀ ସ୍ୱାର୍ଥରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେଶକୁ ଉପଯୁକ୍ତ ନେତୃତ୍ୱ ପ୍ରଦାନ କରନ୍ତୁ। ସେ ଖୋଲାଖୋଲି ଭାବେ କହିବା ଉଚିତ ଯେ ସିଙ୍କ ସହ କଥାବାର୍ତ୍ତା କରି ମୋଦୀ କିଛି ଭୁଲ କରିନାହାଁନ୍ତି। କିମ୍ବା ଏହା ଦୁର୍ବଳତାର ସଙ୍କେତ ନୁହେଁ। ବରଂ ଏହି ଦୃଷ୍ଟିକୋଣରେ ଭାରତର ଏକ ବ୍ୟାପକ ଏବଂ ଦୀର୍ଘକାଳୀନ ଆଗ୍ରହ ରହିଛି। ଏଭଳି ଆଭିମୁଖ୍ୟ ଗ୍ରହଣ ନକରିବା ପାଇଁ ଭାରତ ଅତ୍ୟଧିକ ମୂଲ୍ୟ ଦେଇସାରିଛି। ଏହି ପରିପ୍ରେକ୍ଷୀରେ, ଏହା ମନେ ରଖିବାକୁ ହେବ ଯେ ଭାରତ ଏବଂ ଚୀନ୍ ମଧ୍ୟରେ ତିକ୍ତତାର ନୂତନ ପର୍ଯ୍ୟାୟ ୨୦୧୯ର ଶେଷ ମାସରେ ଆରମ୍ଭ ହୋଇଥିଲା, ଯାହା ଜୁନ୍ ୨୦୨୦ ସୁଦ୍ଧା ଏକ ଗୁରୁତର ରୂପ ନେଇଥିଲା, ଯେତେବେଳେ ଦୁଇ ଦେଶର ସୈନ୍ୟବାହିନୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗାଲୱାନ୍ ଉପତ୍ୟକା ଘଟଣା ଘଟିଥିଲା। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବଢୁଥିବାର ଟେନସନର ଉଦାହରଣ ଏହାର କିଛି ସମୟ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ଲାଇନରେ ଦେଖାଯାଉଥିଲା। ପୁଣି ଥରେ ଚୀନ୍ ସୈନ୍ୟବାହିନୀର ଆକ୍ରମଣ ହୋଇଥିଲା। ବର୍ତ୍ତମାନ ସାଧାରଣ ତଥ୍ୟ ହେଉଛି ଯେ ଚୀନ୍ ସେନା ପ୍ରାୟ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଲଦାଖ ଅଞ୍ଚଳର ଭାରତୀୟ ପାର୍ଶ୍ୱରେ ପ୍ରବେଶ କରି ସେଠାରେ ଛାଉଣି କରିଥିଲା। ଏହା ଅନ୍ୟ ଏକ ବିଷୟ ଯେ ଭାରତ ସରକାର ଆଜି ପର୍ଯ୍ୟନ୍ତ ଏହି ତଥ୍ୟ ଗ୍ରହଣ କରିନାହାଁନ୍ତି। ଜୁନ୍ ୧୫, ୨୦୨୦ରେ, ଗାଲୱାନ୍ ଭ୍ୟାଲି ଘଟଣାର ଚାରି ଦିନ ପରେ ଅର୍ଥାତ୍ ଜୁନ୍ ୧୯ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସର୍ବଦଳୀୟ ବୈଠକ ଡକାଇଥିଲେ। ଏଥିରେ ସେ ଭାରତ ସୀମାରେ କେହି ପ୍ରବେଶ କରିନାହାଁନ୍ତି ବୋଲି ଏକ ବିବୃତ୍ତି ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଭାରତର ଅଫିସିଆଲ୍ ଷ୍ଟାଣ୍ଡ ସମାନ ରହିଛି। କିନ୍ତୁ ଏହି ଅବଧି ମଧ୍ୟରେ, ଭାରତ ସରକାର ଏହା ସ୍ପଷ୍ଟ କରି ନାହାଁନ୍ତି ଯେ ଯଦି କୌଣସି ଅନୁପ୍ରବେଶ ହୋଇନାହିଁ, ତେବେ ଗାଲୱାନ ଉପତ୍ୟକାର ଘଟଣା କାହିଁକି ଘଟିଲା, ସେହି ଦିନଠାରୁ ଦୁଇ ଦେଶର ସାମରିକ କମାଣ୍ଡୋଙ୍କ ମଧ୍ୟରେ ପ୍ରାୟ ଦୁଇ ଡଜନ ରାଉଣ୍ଡ ଆଲୋଚନା ଚାଲିଛି ଏବଂ ଚୀନ୍ କମ୍ପାନୀଗୁଡିକର ନିବେଶକୁ ସୀମିତ ରଖିବା ଏବଂ ଚୀନ୍ ଠାରୁ ଶହ ଶହ ଆପ୍ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଭାରତ ସରକାର କାହିଁକି ପଦକ୍ଷେପ ଗ୍ରହଣ କଲେ? ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନେକ ଥର କହିଛନ୍ତି ଏବଂ ବର୍ତ୍ତମାନ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏହା ମଧ୍ୟ କହିଛନ୍ତି ଯେ ପ୍ରକୃତ ନିୟନ୍ତ୍ରଣ ଲାଇନରେ ଘଟିଥିବା ଘଟଣା ଦୁଇ ଦେଶ ମଧ୍ୟରେ ବିଶ୍ୱାସକୁ ହଟାଇ ଦେଇଛି। କିନ୍ତୁ ଏହି ଘଟଣାଗୁଡ଼ିକ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ପ୍ରାୟତଃ କୁହାଯାଇଛି ଯେ ଚୀନ୍ ସୈନ୍ୟ ଗଠନ କରିଛି ଏବଂ ଲାଇନ୍ ଅଫ୍ ଆକଚୁଆଲ କଣ୍ଟ୍ରୋଲର ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ନିର୍ମାଣ କରିଛି। କିନ୍ତୁ ଯଦି କୌଣସି ଦେଶ ଏହାର ସୀମା ମଧ୍ୟରେ କିଛି କରେ, ତେବେ ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଧ୍ୟରେ ତିକ୍ତତା ଏବଂ ଦ୍ୱନ୍ଦ୍ୱର କାରଣ ହୋଇପାରିବ ନାହିଁ। ଏହି ସମୟରେ, ଗଣମାଧ୍ୟମ ରିପୋର୍ଟ ଠାରୁ ଆରମ୍ଭ କରି ଲଦାଖର ପୋଲିସ ଅଧିକାରୀଙ୍କୁ କୁହାଯାଇଛି ଯେ ଏଲଏସି ଉପରେ ଚୀନ୍ ସେନା ଆକ୍ରମଣ ପରେ ଅନେକ ସ୍ଥାନରେ ଉଭୟ ପାର୍ଶ୍ୱରେ ଥିବା ସୈନିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସ୍ଥାନଗୁଡିକ ମଧ୍ୟରୁ କେତେକରେ ଚୀନ୍ ନିଜର ସୈନ୍ୟମାନଙ୍କୁ ପଛକୁ ଟାଣି ନେଇଥିଲା, କିନ୍ତୁ ସେହି ସମୟରେ ମିଡିଆ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ବଫର୍ ଜୋନ୍ ସୃଷ୍ଟି କରିଥିଲା ଯେଉଁଠାରେ ପୂର୍ବରୁ ଭାରତୀୟ ସେନା ନିୟନ୍ତ୍ରଣରେ ଥିଲା। ଏହି ଘଟଣା କ୍ରମ କାରଣରୁ, ଭାରତୀୟ ପାଟ୍ରୋଲିଂ ଆଉ ପ୍ରାୟ ଦୁଇ ଡଜନ ପୋଷ୍ଟ ପରିଦର୍ଶନ କରିବାର ସ୍ଥିତିରେ ନାହିଁ, ଯେଉଁଠାରେ ପୂର୍ବରୁ ପାଟ୍ରୋଲିଂ ସେମାନଙ୍କର ସାଧାରଣ କାର୍ଯ୍ୟକଳାପ ଥିଲା। ଭାରତୀୟ ବିଶ୍ଳେଷକମାନେ ୨୦୨୦ ରେ ସୂଚାଇ ଦେଇଥିଲେ ଯେ ଏହି ଆକ୍ରମଣ ପୂର୍ବ ବର୍ଷର ସମାନ ଘଟଣାଠାରୁ ଭିନ୍ନ ଥିଲା। ତାହା ହେଉଛି, ଏହା କେବଳ କିଛି ସ୍ଥାନୀୟ ସେନା ୟୁନିଟ୍ ଦ୍ୱାରା ଭୁଲ ବୁଝାମଣାର ବିଷୟ ନୁହେଁ, ଯେଉଁ କାରଣରୁ ସୈନ୍ୟମାନେ ପୂର୍ବରୁ ଚିହ୍ନଟ ହୋଇନଥିବା ନିୟନ୍ତ୍ରଣ ସୀମା ଅତିକ୍ରମ କରୁଥିଲେ। ବରଂ, ଏଥର ଏହା ଏକାସାଙ୍ଗରେ ଅନେକ ସ୍ଥାନରେ ଅନୁପ୍ରବେଶର ମାମଲା ଥିଲା। ଏହି ସମୟରେ ଅରୁଣାଚଳ ପ୍ରଦେଶ, ସିକ୍କିମ ଏବଂ ଉତ୍ତରାଖଣ୍ଡ ସୀମାରେ ଏଭଳି ଅନେକ ଘଟଣା ଘଟିଥିଲା ଯାହା ଉତ୍ତେଜନାକୁ ବଢ଼ାଇ ଦେଇଥିଲା। ଏହା ସୂଚାଇ ଦେଇଛି ଯେ ଚୀନ୍‌ର କାର୍ଯ୍ୟ, ତିନି ବର୍ଷ ପର୍ଯ୍ୟନ୍ତ ଜାରି ରହିଥିଲା, ଶୀର୍ଷ ଦିଗ ଏବଂ ସମନ୍ୱୟ ସହିତ କରାଯାଇଥିଲା। ୨୦୧୭ରେ ଡୋକଲାମ ଘଟଣା ପରେ ଚୀନ୍‌ର ଉହାନରେ ଏବଂ ପରେ ଭାରତର ମାଲାପୁରମରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ଏକ ଅନୌପଚାରିକ ସମ୍ମିଳନୀ ହୋଇଥିଲା। ତା'ପରେ ଉହାନ୍ ଏବଂ ମାଲାପୁରମ୍ "ଭାବନା" ବିଷୟରେ ଅନେକ ଆଲୋଚନା ହୋଇଥିଲା। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବା ପାଇଁ ଏହାକୁ ଉଭୟ ପକ୍ଷରେ ଏକ ଗ୍ରହଣୀୟ ଆଦର୍ଶ ଭାବରେ ଉପସ୍ଥାପିତ କରାଯାଇଥିଲା। ତେବେ ତତକ୍ଷଣାତ୍, ପରିସ୍ଥିତି ଏପରି ସ୍ଥିତିରେ କାହିଁକି ପହଞ୍ଚିଲା ଯେ ଗାଲୱାନ୍ ଉପତ୍ୟକା ପରି ଏକ ଘଟଣା ଘଟିଲା? ଏହି ପ୍ରଶ୍ନକୁ ବୁଝିବା ପାଇଁ ଆମକୁ ପୂର୍ବ ବର୍ଷଗୁଡ଼ିକରେ ପରିବର୍ତ୍ତିତ ନୀତି, ପ୍ରାଥମିକତା ଏବଂ ଭାରତର କିଛି ପଦକ୍ଷେପକୁ ଦେଖିବାକୁ ପଡିବ। ଭାରତର ବୈଦେଶିକ ନୀତିରେ ଆମେରିକା ପ୍ରତି ବଢୁଥିବା ପ୍ରବୃତ୍ତି ଅଟଳ ବିହାରୀ ବାଜପେୟୀଙ୍କ ଶାସନ କାଳରେ ଆରମ୍ଭ ହୋଇଥିଲା, ଯାହାକୁ ମନମୋହନ ସିଂ ସରକାର ଆଗକୁ ବଢାଇଥିଲେ। ଭାରତ-ଆମେରିକା ଆଣବିକ ଚୁକ୍ତି ଡା ସିଂଙ୍କ ସମୟରେ ଭାରତର ବୈଦେଶିକ ନୀତିର ପ୍ରାଥମିକତାର ଏକ ପ୍ରମୁଖ ଉଦାହରଣ ପାଲଟିଥିଲା। ଏହା ଚୀନ୍ ସହିତ ସମ୍ପର୍କରେ ଏକ ନୂତନ ଜଟିଳତା ସୃଷ୍ଟି କରିଛି। କିନ୍ତୁ ଡ . ସିଂ ସରକାରଙ୍କ ବୈଦେଶିକ ନୀତିରେ ଆରଆଇସିଏଚ୍ (ଋଷ-ଭାରତ-ଚୀନ୍) ଏବଂ ବ୍ରିକ୍ସ (ବ୍ରାଜିଲ-ଋଷ-ଭାରତ-ଚୀନ୍-ଦକ୍ଷିଣ ଆଫ୍ରିକା) ପରି ନୂତନ ଭାବେ ଉଭା ହୋଇଥିବା ଫୋରମ୍ ମଧ୍ୟ ପ୍ରାଥମିକତା ଉପରେ ରହିଥିଲା। ସେଥିପାଇଁ ସେହି ସମୟ ମଧ୍ୟରେ ବୈଦେଶିକ ବ୍ୟାପାରରେ ଏକ ସନ୍ତୁଳନ ରହିଥିଲା। ସେଥିପାଇଁ ଅନେକ ସ୍ଥାନରେ ଅନୁପ୍ରବେଶ ଏବଂ ମୁହାଁମୁହିଁ ହୋଇଥିଲେ ମଧ୍ୟ, ପରିସ୍ଥିତି ସେପରି ବିଗିଡି ନଥିଲା, ଯେପରି ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ଅବସ୍ଥା ଖରାପ ଆଡକୁ ଧୀରେ ଧୀରେ ଗତି କରିବାକୁ ଲାଗିଲା। ଗତ ନଅ ବର୍ଷ ମଧ୍ୟରେ ମୋଦୀ ସରକାରଙ୍କ ବୈଦେଶିକ ନୀତିରେ ଯାହା ସ୍ପଷ୍ଟ ହୋଇଛି, ତାହା ହେଉଛି ଆମେରିକାର ଅକ୍ଷ ଏବଂ ଏହା ଦ୍ୱାରା ନିଆଯାଇଥିବା ସୁଦୂରପ୍ରସାରୀ ନିଷ୍ପତ୍ତି। ଏହି ଅବଧି ମଧ୍ୟରେ, ଏସିଆ-ପ୍ରଶାନ୍ତ ମହାସାଗରରେ ଆମେରିକା-ଜାପାନ-ଅଷ୍ଟ୍ରେଲିଆକୁ ନେଇ ଗଠିତ ତ୍ରିପାକ୍ଷିକ ଅକ୍ଷ ସହିତ ଭାରତ ଆନୁଷ୍ଠାନିକ ଭାବରେ ଜଡିତ ଥିଲା, ଯାହାଫଳରେ 'ଚତୁର୍ଭୁଜ ସୁରକ୍ଷା ସଂଳାପ' (କ୍ୟୁୟୁଏଡି) ପ୍ରତିଷ୍ଠା ହେଲା। ଏହା ଅସ୍ୱୀକାରଯୋଗ୍ୟ ଯେ ଚୀନ୍ର ବୃଦ୍ଧିକୁ ଧାରଣ କରିବା ଏହି ଅକ୍ଷର ଉଦ୍ଦେଶ୍ୟ। ଭାରତ ଏହି ଅକ୍ଷରେ ସାମରିକ ବ୍ୟାୟାମ ଏବଂ ଗୁପ୍ତଚର ସୂଚନା ବାଣ୍ଟିବା ଦିଗରେ ଗତି କରିଛି। ଏହି ପ୍ରସଙ୍ଗରେ ଭାରତ ଏବଂ ଆମେରିକା ମଧ୍ୟରେ ଯୋଗାଯୋଗ ସୁସଙ୍ଗତତା ଏବଂ ସୁରକ୍ଷା ଚୁକ୍ତି The Communications Compatibility and Security Agreement (COMCASA)କୁ ବିଶେଷ ଭାବରେ ଉଲ୍ଲେଖ କରାଯାଇପାରେ। ଏହାପୂର୍ବରୁ ଚୀନ୍ର ଉଚ୍ଚାଭିଳାଷୀ ପ୍ରକଳ୍ପ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍' (ବିଆରଆଇ)କୁ ନେଇ ଗତ ବର୍ଷ ମଧ୍ୟରେ ଭାରତ ଏବଂ ଦେଶ ମଧ୍ୟରେ ବିବାଦ ବୃଦ୍ଧି ପାଇଥିଲା। ବିଶେଷକରି ଭାରତର ଆପତ୍ତି (ଯାହା ଯଥାର୍ଥ) ପାକିସ୍ତାନ ଅଧିକୃତ କାଶ୍ମୀରରେ ଏହି ପ୍ରକଳ୍ପ ଅଧୀନରେ କରାଯାଉଥିବା ନିର୍ମାଣ କାର୍ଯ୍ୟ ଉପରେ ରହିଛି। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଭାବରେ ଜଣାଶୁଣା ଏହି ପଦକ୍ଷେପ ଅନୁଯାୟୀ ଚୀନ୍ ପାକିସ୍ତାନରେ ବିପୁଳ ପୁଞ୍ଜି ବିନିଯୋଗ କରିଛି। ଭାରତ ବିନା ଅନୁମତିରେ ଚୀନ୍ ଏହି କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିଥିବାରୁ ଭାରତ ଏହାକୁ ଏହାର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ବିବେଚନା କରୁଛି। ଏହିସବୁ କାରଣରୁ, ପୂର୍ବରୁ ମୁହାଁମୁହିଁ ଏବଂ ସନ୍ଦେହର ଶିକାର ହୋଇଥିବା ଭାରତ-ଚୀନ୍ ସମ୍ପର୍କର ତିକ୍ତତା ଆହୁରି ବଢିବାରେ ଲାଗିଥିଲା। ଏହି ସମୟରେ, ଗତ ବର୍ଷେ ଭାରତ ଜାମ୍ମୁ କାଶ୍ମୀରର ସହ ଜଡିତ ଧାରା ୩୭୦ ରଦ୍ଦ କରି ଲଦାଖକୁ ଏକ ୟୁନିଅନ ଟେରିଟୋରୀ କରିଥିଲା। ଏହା ପରେ ଭାରତ ନିଜର ଏକ ନୂତନ ମାନଚିତ୍ର ପ୍ରକାଶ କରି ଆକସାଇ ଚିନ୍ ସମେତ ସମସ୍ତ ଅଞ୍ଚଳକୁ ଦର୍ଶାଇଥିଲା ଯାହା ଚୀନ୍ ଦାବି କରିଆସୁଥିଲା ଏବଂ ୧୯୬୨ ଯୁଦ୍ଧ ପରଠାରୁ ଚୀନ୍ ଦଖଲରେ ଅଛି। ଅନେକ ଆନ୍ତର୍ଜାତୀୟ ବିଶ୍ଳେଷକ ମତ ଦେଇଛନ୍ତି ଯେ ଏହି ନିୟନ୍ତ୍ରଣ ପ୍ରକୃତ ନିୟନ୍ତ୍ରଣ ଲାଇନରେ ପରିସ୍ଥିତି ପଛରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେଥିପାଇଁ ଏହି ଆଶଙ୍କା ଏପର୍ଯ୍ୟନ୍ତ ସତ୍ୟ ପ୍ରମାଣିତ ହୋଇଛି ଯେ ତିନି ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଉତ୍ତେଜନା ପୂର୍ବପରି ଚୀନ୍ ଆକ୍ରମଣ ଘଟଣାରେ ଘଟିଥିବା ପରି ଶେଷ ହୋଇନପାରେ। ଏହାପୂର୍ବରୁ ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ବାଲାକୋଟ ଭଳି ଘଟଣା ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପଠାଇଥିଲା ଯେ 'ଘରେ ପଶି ମାରିବା' ନୀତି ଅନୁଯାୟୀ ଭାରତ ଅନ୍ତର୍ଜାତୀୟ ସୀମାକୁ ସମ୍ମାନ କରେ ନାହିଁ। ଏହି ଘଟଣା ପାକିସ୍ତାନ ମାମଲାରେ ଘଟିଥିଲା, କିନ୍ତୁ ଚୀନ୍ ସମେତ ଅନ୍ୟ ପଡୋଶୀ ଦେଶ ମଧ୍ୟ ନିଜ ନିଜ ଢଙ୍ଗରେ ବାର୍ତ୍ତା ନେଇଥିଲେ। ବର୍ତ୍ତମାନ ମୋଦୀ ସରକାରଙ୍କ ସମ୍ମୁଖରେ ଆହ୍ୱାନ ହେଉଛି ଏହି ଉପାୟ ଅବଲମ୍ବନ କରିବେ ନା ବାଲିରେ ପ୍ରଧାନମନ୍ତ୍ରୀ ଯେଉଁ ଆଭିମୁଖ୍ୟକୁ ଗ୍ରହଣ କରିଥିଲେ ତାକୁ ଅନୁସରଣ କରିବେ। ଏହି ଦୁଇଟି ପଥର ସେମାନଙ୍କର ସମ୍ଭାବ୍ୟ ପରିଣାମ ଅଛି।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

# ବାସ୍ତବିକତାରୁ କେତେଦୂର !

ପବିତ୍ର ମହାରଥା



ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦେଶ କହିଲେ 'ଭାରତ' ବା 'ଇଣ୍ଡିଆ'କୁ ବୁଝାଏ। କଥାରେ ଅଛି 'ଯାହା ନାହିଁ ଭାରତେ, ତାହା ନାହିଁ ମରତେ'। ଏହି ବାଣୀ ସାରାବିଶ୍ୱରେ ବିଦିତ। ଜ୍ଞାନ ଆହରଣ ଠାରୁ ଆରମ୍ଭ କରି ପ୍ରାକୃତିକ ଓ ସାଂସ୍କୃତିକ ସମ୍ପଦ ସହ ବୈଜ୍ଞାନିକ, ଗାଣିତିକ ତଥା ଆଧ୍ୟାତ୍ମିକ ଚେତନାରେ ଭରପୁର ମୋ 'ଭାରତ' ବା 'ଇଣ୍ଡିଆ'। ଏହି ବନ୍ଦନୀୟ ନାମକୁ କଳଙ୍କିତ କରିବା ଉଦ୍ଦେଶ୍ୟରେ କେତେକ ନ୍ୟସ୍ତ ସ୍ୱାର୍ଥ ରାଜନୈତିକ ବ୍ୟକ୍ତିବିଶେଷଙ୍କ ପ୍ରୟାସ ଦୁର୍ଭାଗ୍ୟଜନକ। ବ୍ୟକ୍ତିଗତ ସ୍ୱାର୍ଥ କେବେହେଲେ ଦେଶର ସ୍ୱାର୍ଥ ହୋଇପାରେନା। ଦେଶର ହିତସାଧନ ପାଇଁ ଉଭୟ ଉଦ୍ଦେଶ୍ୟ ଓ ଭାବନା ନିହିତ ରହିବା ଆବଶ୍ୟକ ହୋଇଥିଲେ ହେଁ କିଛି ରାଜନୈତିକ ବ୍ୟକ୍ତିବିଶେଷ ଶବ୍ଦଚାତୁର୍ଯ୍ୟ ବ୍ୟବହାର କରି ନିଜ ମାତୃଭୂମିର ନାମକୁ ଢାଲ ଭାବରେ ବ୍ୟବହାର କରିବାକୁ ପଛାଉ ନାହାନ୍ତି।

ନିଜର ବ୍ୟକ୍ତି/ଗୋଷ୍ଠୀ-କୈନ୍ଦ୍ରିକ ସ୍ୱାର୍ଥ ହାସଲ କରିବା ପାଇଁ ଦେଶର ନାମକୁ ବ୍ୟବହାର କରିବା ଅତ୍ୟନ୍ତ ଗର୍ହିତ ଓ ଅପରାଧ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଖବର କାଗଜ ଏବଂ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ବୋଲି ଦାବି କରୁଥିବା ଗଣମାଧ୍ୟମ ମାନେ କିପରି ଆଇ.ଏନ.ଡି.ଆଇ.ଏ. (I.N.D.I.A.)କୁ INDIA ଭାବେ କିପରି ଲେଖି/କହି କରିପାରୁଛନ୍ତି ତାହା ବିସ୍ମୟଜନକ ଓ ଚିନ୍ତାର ବିଷୟ। ପ୍ରାୟ ସମସ୍ତ ଓଡ଼ିଆ ଖବର କାଗଜରେ ପ୍ରକାଶ ପାଇଛି ଯେ, 'ମଣିପୁରରୁ ଫେରିଲେ 'ଇଣ୍ଡିଆ' ବା 'ଇ.ଣ୍ଡି.ଆ.' ଟିମ! ଏହା କେତେ ସଠିକ ଓ କିପରି ସମ୍ଭବ ହେଉଛି? ଭାରତର ସମସ୍ତ ସାଂସଦ କଣ ମଣିପୁର ଯାଇଥିଲେ ନା ଆଇ.ଏନ.ଡି.ଆଇ.ଏ.(I.N.D.I.A.) ଗୋଷ୍ଠୀର ସାଂସଦ ମଣିପୁର ଯାଇଥିଲେ? ଯଦି ଖବର କାଗଜର ସମ୍ପାଦକ ମାନେ ଏହି ବିଷୟଟିକୁ ଗୁରୁତ୍ୱର ସହିତ ନେଇ ପାରୁନାହାନ୍ତି ଓ ଭୁଲ ବାର୍ତ୍ତା ଦେଉଛନ୍ତି, ତେବେ ପାଠକ/ଶ୍ରୋତାମାନେ ତ ସଠିକ ତଥ୍ୟ ଜାଣି ପାରିବେ ନାହିଁ। ଗଣମାଧ୍ୟମ ନିଜର ସଠିକ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି କି? ଏହାହିଁ ଏବେ ପ୍ରଶ୍ନ ଭାବେ ଉଭା ହୋଇଛି।

ଦୂରଭାଷ : ୯୪୩୭୦୨୮୮୭୪

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁଃଖିନୀ ମଣିପୁର :ଶାସନ ଉପରେ ଯେବେ ଜନ ଆକ୍ରୋଶ ଭାରି ପଡେ

ସଞ୍ଜୀବ କୁମାର ଦାସ

ମଣିପୁର ଘଟଣା ସମଗ୍ର ବିଶ୍ୱକୁ ସ୍ତମ୍ଭୀଭୂତ କରିଛି ଓ ଏଥିରେ ନାହିଁ ଦ୍ୱିମତ। ବିବଶ ମଣିପୁରର କ୍ଳେଶ ଅପରିମିତ ଓ ବାଟ ଖୋଜୁଛି, ପାଉ ନାହିଁ। ଦେଶବାସୀଙ୍କ ପାଖରେ ପ୍ରଶ୍ନ,ଶାସନରେ ଏ ପ୍ରକାର ବ୍ୟତିକ୍ରମ ହେଲା କିପରି? ଅବିଶ୍ୱସନୀୟ ଘଟଣାବଳୀ ରାଜ୍ୟଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ରାଜ୍ୟବାସୀ ତଥା ସମଗ୍ର ଭାରତ ବାସୀଙ୍କ ଆକ୍ରୋଶର ଶିକାର ହୋଇଛି ଏହି ରାଜ୍ୟ।

ନିକଟରେ ମଣିପୁରର କାଙ୍ଗପୋକପିଠାରେ ଦୁଇ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ଉଲଗ୍ନ କରି ବିଚ ରାସ୍ତାରେ ପରେଡ କରାଯାଇଥିବା ଭିଡିଓ ପ୍ରଘଟ ହୋଇଛି ଯାହା ସଭ୍ୟ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ କେବଳ ଯେ ଆଲୋଡିତ କରିଛି ତାହା ନୁହେଁ; ଏହା ଭାରତୀୟ ସଂସ୍କୃତିକୁ ନେଇ ଗର୍ବ କରୁଥିବା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ଘଟଣାଟି ଲଜ୍ଜାର ସବୁ ସୀମା ସରହଦକୁ ପାର କରିଯାଇଛି। ରାଜ୍ୟ, ଦେଶ ଏବଂ ସର୍ବୋପରି ସମଗ୍ର ବିଶ୍ୱରେ ଏପରି ଏକ ସ୍ପର୍ଶକାତର ବିଷୟକୁ ନେଇ ଚର୍ଚ୍ଚା ଗୋଟିଏ ପ୍ରଶ୍ନକୁ ବାରମ୍ବାର ଚିତ୍ରିତ କରୁଛି ଏକବିଂଶ ଶତାବ୍ଦୀର ବିକଶିତ ମାନବ ସଭ୍ୟତା ଏହି ବର୍ବରୋଚିତ ଘଟଣାଟିକୁ ଇତିହାସ ପୃଷ୍ଠାରେ କେମିତି ଲିପିବଦ୍ଧ କରିବ!

ତେବେ ବିଳମ୍ବରେ ପ୍ରଘଟ ହୋଇଥିବା ଭିଡିଓର ଉତ୍ସ ଏବଂ ତଜ୍ଜନିତ ବାଦ ବିବାଦ ଆମ ରାଜନୀତି ପୃଷ୍ଠଭୂମିରେ ଭିନ୍ନ ଭିନ୍ନ ମୋଡ଼ ନେବ, ଏ କଥା କହିବା ନିଃଷ୍ପ୍ରୟୋଜନ। ଏତାଦୃଶ କଳଙ୍କିତ ଅଧ୍ୟାୟ ଆଗାମୀ ପିଢ଼ିକୁ ଯେଉଁ ସନ୍ଦେଶ ପ୍ରଦାନ କରିବ ତାହା ଅକ୍ଳେଶରେ ଅନୁମେୟ। ତେବେ ପୂର୍ବରୁ ଏମିତି ନାରକୀୟ ଘଟଣା ଘଟି ନାହିଁ ବୋଲି କହିବା ସତ୍ୟର ଅପଳାପ ହେବ। ଅତୀତରେ ୧୯୮୦ ମସିହାରେ ଉତ୍ତର ପ୍ରଦେଶରେ ଘଟିଥିବା ଏହିପରି ଏକ ଲଜ୍ଜାଜନକ। ସମ୍ବେଦନଶୀଳ ଘଟଣାରେ ଜଣେ ସାଧାରଣ ମହିଳା ମାୟା ତ୍ୟାଗୀଙ୍କୁ ଯେପରି ଭାବେ ନିର୍ଯାତନା ଭୋଗିବାକୁ ପଡିଥିଲା ତାହା ଏବେ ବି ଭାରତୀୟଙ୍କ ମାନସ ପଟରେ ଉଜ୍ଜୀବିତ। ଏତଦ ବ୍ୟତୀତ ବର୍ତ୍ତମାନ ଆମ ଦେଶର କେତେକ ରାଜ୍ୟରେ ଅଶାଳୀନ ବ୍ୟବହାରର ଶିକାର ହୋଇ ମହିଳା ମାନଙ୍କୁ ଏହିଭଳି ଦୁର୍ବିସହ ଅବସ୍ଥା ଦେଇ ଗତି କରିବାକୁ ପଡୁଛି। ଏତାଦୃଶ ଲଜ୍ଜାଜନକ ପରିସ୍ଥିତକୁ ଟାଳି ବାକୁ ହେବ। ପ୍ରଚଳିତ ନିୟମ କାନୁନ ମଧ୍ୟରେ ଦୋଷୀ ମାନଙ୍କୁ ଉଚିତ ଦଣ୍ଡ ବିଧାନ କରାଯାଇ ନିର୍ଯ୍ୟାତିତ ମହିଳାଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳ ଏକାଠି ହେବାକୁ ପଡିବ। ଏଠାରେ ରାଜନୈତିକ ବୟାନବାଜିର ସ୍ଥାନ ନାହିଁ। ହେଲେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ଅଧିକ ମନେ ହୁଏ। ଭିଡିଓ ପ୍ରଘଟ ହେବ ଓ ପରେ ପରେ ପ୍ରଧାନମନ୍ତ୍ରୀଙ୍କ ସାମୟିକ ନୀରବତା ଏବଂ ପରେ ସ୍ୱଳ୍ପ ବୟାନ ସ୍ଥିତିର ଗମ୍ଭୀରତାକୁ ଆହୁରି ଜଟିଳ କରି ଦେଇଛି। ବିରୋଧୀଦଳ ଗୁଡିକ ଏହା ଉପରେ ସଂସଦ ଭିତରେ ବିସ୍ତୃତ ଆଲୋଚନା କରିବାକୁ ଦାବି କରୁଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ସେମାନଙ୍କ ଉପରେ ନକାରାତ୍ମକ ମନ୍ତବ୍ୟ ଅନ୍ୟ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟ ପଟରେ ଗୃହମନ୍ତ୍ରୀ ଘଟଣା ଉପରେ ଚର୍ଚ୍ଚା କରିବାକୁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହୁଛନ୍ତି। ତେବେ କୌତୁହଳର ବିଷୟ ହେଉଛି ନିଜ ନିଜର ଜିଦରେ ଅଟଳ ରହି ସରକାର ଏବଂ ବିରୋଧୀ ଦଳମାନେ ଯେଉଁ ଆଭିମୁଖ୍ୟ ବ୍ୟକ୍ତ କରୁଛନ୍ତି ତାକୁ ଜନସାଧାରଣ ଠିକ ଭାବରେ ଗ୍ରହଣ କରିପାରୁ ନାହାନ୍ତି। ତତ୍କାଳ ପଦକ୍ଷେପ ସ୍ୱରୂପ ପ୍ରଶାସନ କିଛି ଅଭିଯୁକ୍ତଙ୍କୁ ଗିରଫ କରିସାରିଛି। ଜନ ଆକ୍ରୋଶର ପ୍ରାବଲ୍ୟରେ ମୁଖ୍ୟ ଅଭିଯୁକ୍ତର ଗୃହଦାହ ଆଉ ଏକ ଦୁର୍ବଳ ଶାସନର ପ୍ରତିଛବି। ବିରୋଧୀ ଦଳଙ୍କ ଏକ ପ୍ରତିନିଧି ମଣ୍ଡଳ ଏହାମଧ୍ୟରେ ହିଂସାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି ମଧ୍ୟ ଓ ସମସ୍ତଙ୍କର ରାୟ ଗୋଟିଏ, ଦୋଷୀଙ୍କୁ କଠୋର ଶାସ୍ତି ମିଳୁ। କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ। ତେବେ କାର୍ଯ୍ୟପନ୍ଥା ବିଳମ୍ବ ହେଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କ୍ଷୋଭ ପ୍ରକାଶ କରି କହିଛନ୍ତି ଯଦି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ କୋର୍ଟ ନିଜ ଆଡୁ ହସ୍ତକ୍ଷେପ କରିବାକୁ ବାଧ୍ୟ ହେବେ। ଏସବୁ ଭିତରେ ବିଦେଶୀ ଶକ୍ତିଙ୍କ ପରୋକ୍ଷ ସମ୍ପୃକ୍ତି ରହିଥିବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି।

ମୂଳ ପ୍ରସଙ୍ଗଟିକୁ ମଣିପୁରର ସାମ୍ପ୍ରତିକ ପରିସ୍ଥିତି ଓ ଘଟଣାବଳୀ ପରିପ୍ରେକ୍ଷୀରେ ଆଲୋଚନା କରିବା ପ୍ରାସଙ୍ଗିକ ମନେ ହୁଏ। ସେଥିପାଇଁ ଏହି ପ୍ରଦେଶ ବିଷୟରେ ସମ୍ୟକ ଧାରଣା ଦେବାର ଆବଶ୍ୟକତା ରହିଛି। ସ୍ୱାଧୀନତା ସମୟରେ ମଣିପୁର ସାମ୍ରାଜ୍ୟ ନାମରେ ଥିବା ଏହି ଭୂଖଣ୍ଡ ୧୯୪୯ ମସିହାରେ ସ୍ୱାଧୀନ ଭାରତର ଅଂଶୀଦାର ହୋଇ ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରଶାସିତ ଅଂଚଳ ଭାବେ ୧୯୫୬ରେ ଯୋଗ ଦେଇଥିଲା ଏବଂ ୧୯୭୨ ମସିହା ପର୍ଯ୍ୟନ୍ତ ଏହାର ସ୍ଥିତି ଅପରିବର୍ତ୍ତିତ ରହିଥିଲା। ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଏହି ପ୍ରଦେଶଟି ୧୯୭୨ ମସିହାରେ କେନ୍ଦ୍ରଶାସିତ ଅଞ୍ଚଳ ପାହ୍ୟାରୁ ୧୯ତମ ରାଜ୍ୟ ଭାବେ ମାନ୍ୟତା ପାଇଥିଲା। ପ୍ରାୟ ୩୩ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ଏହି ରାଜ୍ୟ ଜନସଂଖ୍ୟା ଆଧାରରେ ଦେଶର ୨୩ତମ ପ୍ରଦେଶ ଭାବେ ପରିଗଣିତ। ଲୋକ ସଂଖ୍ୟାର ୩୦ ଭାଗ ସହରାଞ୍ଚଳରେ ବାସ କରୁଥିବା ବେଳେ ଅବଶିଷ୍ଟ ସିଂହ ଭାଗ ଗ୍ରାମାଞ୍ଚଳର ଅଧିବାସୀ। ଲିଙ୍ଗ ଅନୁପାତକୁ ଲକ୍ଷ କଲେ ଜଣାଯାଏ ଯେ ଏଠାରେ ପ୍ରତି ୧୦୦୦ ଜଣ ପୁରୁଷଙ୍କ ତୁଳନାରେ ୯୮୫ ଜଣ ମହିଳା ବାସ କରନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାଜ୍ୟର ସାକ୍ଷରତା ହାର ୭୭ ପ୍ରତିଶତ ଏବଂ ଜାତୀୟ ସ୍ତରରେ ଏହାର ସ୍ଥାନ ୧୮ରେ ରହିଛି। ଷୋଳଟି ଜିଲା ଥିବା ଏହି ରାଜ୍ୟରେ ୨ଟି ଲୋକସଭା ଆସନ, ୧ଟି ରାଜ୍ୟସଭା ଆସନ ରହିଥିବା ବେଳେ ଏକ ସଦନୀୟ ବିଧାନସଭାର ସିଟ ସଂଖ୍ୟା ୬୦।

ଏହି ପ୍ରଦେଶର ଭାଷା ଓ ଲିପି ହେଉଛି ମୈତେଇ ଓ ଏଠାରେ ବିଜେପି ଶାସିତ ମନ୍ତ୍ରିମଣ୍ଡଳର ମୁଖ୍ୟ ହେଉଛନ୍ତି ଚଉଦ ବର୍ଷଧରି ସୀମା ସୁରକ୍ଷା ବଳରେ କାର୍ଯ୍ୟ କରି ରାଜନୀତିକୁ ଆସିଥିବା ଜଣେ ସେନା ଅଧିକାରୀ ନଙ୍ଗଥୋମବମ ବୀରେନ ସିଂ। ସନ ୨୦୦୨ ମସିହାରୁ ରାଜନୀତିରେ ପାଦ ଥାପିଥିବା ଏହି ରାଜନେତାଙ୍କ ରାଜ୍ୟ ଶାସନରେ ଢେର ଅଭିଜ୍ଞତା ରହିଛି, ମାତ୍ର କଥିତ ଘଟଣାରେ ତାଙ୍କର କାର୍ଯ୍ୟକଳାପକୁ ନେଇ ଲୋକେ ସନ୍ଦିହାନ ଏବଂ ସେହି କାରଣରୁ ସେ ରାଜ୍ୟବାସୀଙ୍କ ଆସ୍ଥା ହରାଇଥିବା ପରିପ୍ରେକ୍ଷୀରେ ଇସ୍ତଫା ଦେବାକୁ ଦାବି ହେଉଛି। ଏହାର କାରଣ ସ୍ୱରୂପ କୁହାଯାଉଛି ଯେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏତେ ଦୁର୍ବଳ ଯେ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଜନୈକ ମହିଳା ପୀଡ଼ିତାଙ୍କ ସ୍ୱାମୀ ଜଣେ ଆସାମ ରେଜିମେଣ୍ଟର ଅବସରପ୍ରାପ୍ତ ସେନା ଯବାନ ଯିଏ କାର୍ଗିଲ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ। ସୁବେଦାର ଭାବରେ କାର୍ଯ୍ୟ କରିଥିବା ସେହି ଯବାନ ଦୁଃଖର ସହ କୁହନ୍ତି, 'ମୁଁ କାର୍ଗିଲ ଯୁଦ୍ଧରେ ଦେଶପାଇଁ ଲଢ଼ିଲି ଏବଂ ଭାରତୀୟ ଶାନ୍ତି ରକ୍ଷାକରି ବାହିନୀରେ ଭାଗ ନେଇ ଶ୍ରୀଲଙ୍କାରେ ଲଢ଼ିଚି, ମାତ୍ର ଅନ୍ୟକୁ ସୁରକ୍ଷା ଦେଇ ମୁଁ ଏବେ ନିଜ ପରିବାର, ପତ୍ନୀ ଓ ଅନ୍ୟ ଗ୍ରାମବାସୀଙ୍କୁ ସୁରକ୍ଷା ଦେଇପାରିଲି ନାହିଁ। ଏହା ମୋତେ ଅନେକ ପୀଡା ଦେଇଛି' କହି ସେ ଖୁବ ଭାଙ୍ଗି ପଡିଛନ୍ତି। ଏହାବାଦ, ଦୁଇ ମହିଳାଙ୍କ ପ୍ରତି ହୋଇଥିବା ବର୍ବର କାଣ୍ଡର ସ୍ଥାନ ସେହି ପୁଲିସ ଷ୍ଟେସନ ଠାରୁ ମାତ୍ର ୧ କିଲୋମଟର ଦୂରରେ ଅବସ୍ଥିତ ଯାହାକୁ ୨୦୨୦ ମସିହାରେ କେନ୍ଦ୍ର ସରକାର ସର୍ବଶ୍ରେଷ୍ଠ ପୁଲିସ ଷ୍ଟେସନର ମାନ୍ୟତା ଦେଇ ପୁରସ୍କୃତ କରିଥିଲେ।

କୁକି-ଜୋ ସମ୍ପ୍ରଦାୟ ଏବଂ ମୈତେଇଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ବିଚ୍ଛିନ୍ନତାବାଦ ଆଡକୁ ମୁହାଁଉଛି। ରାଜ୍ୟରେ ପ୍ରାୟ ୫୩ ପ୍ରତିଶତ ହିନ୍ଦୁ ମୈତେଇ ସମ୍ପ୍ରଦାୟ ସ୍ୱଳ୍ପ ସ୍ଥାନରେ ରହୁଥିବାବେଳେ ୪୦ ପ୍ରତିଶତ କୁକି ଓ ନାଗା ଆଦିବାସୀ ଅଧିକ ଅଞ୍ଚଳରେ ବସବାସ କରୁଛନ୍ତି। ଏଠାରେ ଧାର୍ମିକ ବିଦ୍ୱେଷ ସହିତ ନିଜ ନିଜର ଆଧିପତ୍ୟ ବିସ୍ତାର ଲାଗି ଚେଷ୍ଟିତ ଦୁଇ ଗୋଷ୍ଠୀଙ୍କ ପ୍ରୟାସ ଯୋଗୁଁ ଅନେକ ଦିନ ଧରି ସଂଘର୍ଷ ବଳବତ୍ତର ରହିଛି। ମଣିପୁରର ଦୁଃଖ ଲାଘବ ପାଇଁ ଏକ ସରକାରର ଆବଶ୍ୟକତା ରହିଛି ଯିଏ ଏଠାରେ ସୁଶାସନ ଦେଇ ପାରିବ। ଏଥକୁ ମୁଖ୍ୟମନ୍ତ୍ରୀ ମହୋଦୟ, ଗୃହମନ୍ତ୍ରୀ ଏବଂ ସର୍ବୋପରି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ପ୍ରାଥମିକତା ଦେଲେ ଜଳୁଥିବା ମଣିପୁର ଶାନ୍ତ ହେବା ସଂଗେ ସଂଗେ ଦେଶବାସୀ ଆସ୍ୱସ୍ତି ନେବେ ଓ ଅନ୍ୟ ବିକଳ୍ପ ସ୍ୱରୂପ ରାଜ୍ୟରେ ଆଉ ଜଣେ ମୁଖ୍ୟଙ୍କ ନିଯୁକ୍ତି ସମ୍ଭବତଃ ପରିସ୍ଥିତିକୁ କିଛି ସଂଜୀବନୀ ପ୍ରଦାନ କରିପାରେ। କେନ୍ଦ୍ର ସରକାର ଏହି ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟ ଯଥାଶୀଘ୍ର ଉପସ୍ଥାପିତ ହେଲେ ଉପଯୁକ୍ତ ପଦକ୍ଷେପ ନିଆଯାଇ ମଣିପୁରରେ ପୂର୍ବ ସ୍ଥିତି ଫେରେଇ ଆଣିବା ସମ୍ଭବ ହେବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି।

ମର୍କତ ନଗର, କଟକ

## ଧାରାବାହିକ ଉପନ୍ୟାସ

# ଶେଷ ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୦୬

ଏସବୁକୁ ଶୁଭକାନ୍ତ ବିରୋଧ କଲେ ସଂଜୟ କଡା ଭାଷାରେ ଜବାବ ଦେଉଥିଲା- "ତୁମକୁ କିଏ ହାତପତେଇ ମାଗୁଛି ଟଙ୍କା କି କାର୍? ସେସବୁ ବୁଝିବାକୁ ମମି ଅଛନ୍ତି। ସବୁଠୁ ଭଲ ହେବ ଓ ଆମେ ବି ଖୁସିହେବୁ ତୁମେ ଅଯଥାରେ ଏସବୁ କାମରେ ମୁଣ୍ଡ ନ ପୂରାଇଲେ। ତୁମ କାମରେ ଆମେ ହସ୍ତକ୍ଷେପ କରୁଛୁ କି? ନାଇଁଟି! ତେବେ ତୁମେ କାଇଁ ମୋର ପ୍ରତିଟି କଥା ଓ କାମରେ ନାକ ଗଳାଉଛ? ମୁଁ କଣ ଆଉ ତୁମ ଆଙ୍ଗୁଠି ଧରି ଚାଲିବା ପିଲା ହୋଇ ରହିଛି!! ବେଟର୍ ହେବ, ତୁମ କାମ ତୁମେ କର, ଆମ କାମ ଆମକୁ କରିବାକୁ ଛାଡ଼ିଦିଅ...।"

ଦିନକୁ ଦିନ ହାତମୁଠାରୁ ଖସି ଯାଉଥିଲା ସଂଜୟ। ବଦଖର୍ଚ୍ଚୀ, ଉଦ୍ଧତ, ଅହଂକାରୀ ହୋଇଯିବା ସହିତ ଉଚ୍ଛୃଙ୍ଖଳ ବି ହୋଇଗଲା। ତା ପାଇଁ ତା ମା' ହିଁ ପୃଥିବୀର ସର୍ବଶ୍ରେଷ୍ଠ ପ୍ରିୟ ମଣିଷ। ବାପା ନାମକ ମଣିଷଟି ତା' ପାଇଁ ସମ୍ପୂର୍ଣ୍ଣ ଅପରିଚିତ ଓ ଅପଦାର୍ଥ। ଏହାକୁ ସେ କେବଳ କଥାରେ ନୁହେଁ, କାମରେ ମଧ୍ୟ କରି ଦେଖାଉଥିଲା ବାରମ୍ବାର।

"ତୁମ ପୁଅ ଯଦି ଭବିଷ୍ୟତରେ ଭଲମନ୍ଦ କିଛି କରିବସିଲା, ତୁମେ ସମ୍ଭାଳିବ। ସେତେବେଳେ ସେଥିରେ ମୋତେ ଆଦୌ ସାମିଲ କରିବ ନାହିଁ।"

ଶୁଭକାନ୍ତ ଦିନେ କହିଥିଲେ ପତ୍ନୀଙ୍କୁ।

: ଭଲମନ୍ଦ ମାନେ? କ'ଣ ତୁମେ କହିବାକୁ ଚାହୁଁଛ? - ଅସନ୍ତୁଷ୍ଟ ସ୍ୱରରେ ରାଜଲକ୍ଷ୍ମୀ ପଚାରିଲେ।

: ମାନେ ହେଉଛି ଯଦି ତୁମ କୁଳନନ୍ଦନ କେଉଁଦିନ କି କି କାମ କରି ଆମ ମୁହଁରେ କଳା ବୋଳିଲା, ମୋଠାରୁ କୌଣସି ସହଯୋଗ ଆଶା କରିବ ନାହିଁ ସେତେବେଳେ।

ବୁଝାଇଦେଲେ ଶୁଭକାନ୍ତ।

: ଯାର ମନ ଯେଡ଼େ, ତାର ପ୍ରଭୁ ସେଡ଼େ। ବାହାର ଦୁନିଆ ପାଇଁ ସିନା ତୁମେ ଜଣେ ବିଖ୍ୟାତ ଡାକ୍ତର, କିନ୍ତୁ ତୁମ ଅନ୍ତଃମନଟି ଭାରି ସଂକୁଚିତ ଓ କଦାକାର। ଏପରି ନିମ୍ନ ମାନସିକତାକୁ ତୁମେ କେମିତି ଧରି ରଖିଛ କେଜାଣି? ନିଜ ରକ୍ତର ସନ୍ତାନ ଉପରେ ତୁମର ଏତେ ଟିକିଏ ବି ଭରସା ନାହିଁ! - କହିଲେ ରାଜଲକ୍ଷ୍ମୀ।

: ଭରସା! ସେଇଟି କି ଜିନିଷ? କୋଉଠି ଲୁଚାଇ ରଖିଛ ଦେଲ, ଦେଖିବା! ବାପକୁ ବାପ ପରି ମାନିଲେ ସିନା ବାପ ପୁଅ ଉପରେ ଭରସା କରିବ। ପୁଅ ଯଦି ମା'ର ଅନ୍ଧପ୍ରେମରେ ଅନ୍ଧ ହୋଇ ଧରାକୁ ସରା ମଣିଲା, କି ଭରସା ତା ଉପରେ କିଏ ରଖିବ? ପୁଅ ଗୁଣ୍ଡା ବଦମାସ ହେଲେ ତୁମ ମନ ଯଦି ଶାନ୍ତି ପାଇବ, ତେବେ ମୋର କିଛି କହିବାର ନାହିଁ...। -ଦିକ୍‌ଦାର ହୋଇ କହିଲେ ଶୁଭକାନ୍ତ।

: ପୁଅଟା ଗୁଣ୍ଡା ବଦମାସ, ବାପଟା ଗୋଟାପଣେ ତୁଳସୀ! ଆଗ ନିଜେ ସଂକୀର୍ଣ୍ଣତା ଭିତରୁ ମୁକୁଳି ଆସି ପୁଅକୁ ସ୍ନେହ ଆଦର କର। ତା'ର ଇଚ୍ଛାକୁ ସମ୍ମାନ ଦିଅ। ତା' ସହିତ ବନ୍ଧୁ ପରି କଥାବାର୍ତ୍ତା କର। ପୁଅ ବଳେବଳେ ଆସି ଠିଆହେବ ତୁମ ପାଖରେ। ସେତକ ନ କରି ସବୁ କଥାରେ ଟିଙ୍ଗିଟିଙ୍ଗି ହୋଇ ଛୁଆଟାକୁ ଦୋଷ ଦେଲେ ସେ କେତେ ବା ସହ ସମ୍ଭାଳିବ? ତୁମେ ତ କାଉଁରିଆ କାଠି ନା! ଭାଙ୍ଗିଯିବ ପଛେ ନଇଁବ ନାହିଁ...!

ରାଜଲକ୍ଷ୍ମୀଙ୍କ କଥାରେ କୌଣସି ଉତ୍ତର ଦେଲେ ନାହିଁ ଶୁଭକାନ୍ତ। ପ୍ରତିବାଦ ବି କଲେ ନାହିଁ। ତାଙ୍କର ହୃଦ୍‌ବୋଧ ହେଉଥିଲା, ମା ଓ ପୁଅ ଭିତରେ ସେ ବର୍ତ୍ତମାନ ଜଣେ ଅବାଞ୍ଛିତ ମଣିଷ। ତାଙ୍କର ପ୍ରତିଟି କଥା ସେମାନଙ୍କୁ ଗନ୍ଧାଇବ। କୋଡିଏ ବର୍ଷର ଭେଣ୍ଡା ପୁଅକୁ ମାଡମାରି କିମ୍ବା ଧମକ ଦେଇ ବାଟକୁ ଅଣାଯାଇପାରେ କି?

ଜଣେ ଉଦ୍ଧତ ପିଲାର ଯଦି ସଂଜ୍ଞା ନିରୂପଣ କରାଯାଏ, ତେବେ ସଂଜୟ ହେବ ତାର ପ୍ରକୃଷ୍ଟ ଉଦାହରଣ। ଏମିତି ଗୋଟାଏ ଦିନ ଯାଇନାହିଁ, ଯେବେ ସେ କଲେଜରେ କିଛି ନା କିଛି ଅଘଟଣ ଘଟାଇ ନାହିଁ। କଲେଜରେ ତା'ର ଦୌରାତ୍ମ୍ୟ ଆହୁରି ବଢ଼ିଗଲା। କଲେଜରୁ ତଡା ଖାଉ ଖାଉ ଅଳ୍ପକେ ବର୍ତ୍ତିଗଲା। ଶୁଭକାନ୍ତଙ୍କ ପ୍ରତିଷ୍ଠା ହିଁ ତାକୁ ନିରାପତ୍ତା ଯୋଗାଇ ଆସୁଥିଲା ସବୁ ସମୟରେ, ସବୁ ସ୍ଥାନରେ। ଠିକ୍ କହୁଥିଲେ ଇନିସ୍‌ପେକ୍ଟର। ପିଲାମାନଙ୍କର ଉଚ୍ଛୃଙ୍ଖଳତା ଓ ଉଦ୍ଧତାମି ପାଇଁ ବାପା-ମା'ମାନେ ନବେ ପ୍ରତିଶତ ଦାୟୀ।

"ଭାବିଲେ ଆଉ କ'ଣ ହେବ ଆଜ୍ଞା! ପିଲାମାନଙ୍କୁ ଆରମ୍ଭରୁ ଅନୁଶାସନ ଭିତରେ ନ ରଖିଲେ, ଶୃଙ୍ଖଳା ବିଷୟରେ ଅବଗତ ନ କରାଇଲେ, ତାଙ୍କର ମନମାନିକୁ ବିରୋଧ ନ କଲେ ଅବସ୍ଥା ଯାହା ହୁଏ ତାହା ଏବେ ଆପଣଙ୍କ ସାମ୍ନାରେ। ନେଡିଗୁଡ କହୁଣୀକୁ ବୋହିଯିବା



ପରେ ଥାଏ କି ଆଉ କିଛି ଉପାୟ! ଯାହା ଘଟିବାର ଘଟିଗଲାଣି। ମଣିଷ ଯେତେ ଚେଷ୍ଟା କଲେ ମଧ୍ୟ ସମୟର କ୍ଷତକୁ ଭରଣା କରିପାରେ ନାହିଁ। ତେବେ ମୁଁ ଆପଣଙ୍କ ପାଇଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। କିନ୍ତୁ ମୁଁ ନାଚାର ସାର୍, ଆପଣଙ୍କୁ କେବଳ ସମବେଦନା ଜଣାଇବା ବ୍ୟତୀତ ଏ ପରିସ୍ଥିତିରେ ଆଉ ଅଧିକ କିଛି କରିବା ମୋ ସାଧର ବାହାରେ।"

ଇନିସ୍‌ପେକ୍ଟରଙ୍କର ଲମ୍ବା ବକ୍ତବ୍ୟରେ ଚିନ୍ତାରାଜ୍ୟରୁ ଫେରି ଆସିଲେ ଶୁଭକାନ୍ତ।

ସେଦିନ ସେ ମନକୁ ମନ ଆସିଥିଲେ ଥାନାକୁ। ବିନା ଡାକରାରେ। ସେଦିନ ବି ତାଙ୍କୁ ବସିବା ପାଇଁ ଚୌକି ଦିଆଯାଇଥିଲା। ଦିଆଯାଇଥିଲା ଥଣ୍ଡା ପାଣି। ଚା' କିମ୍ବା କଫି ପିଇବେ କି ବୋଲି ଆତିଥ୍ୟର ପ୍ରଶ୍ନ ବି ପଚରା ଯାଇଥିଲା। ବସିବା ଓ ପାଣି ପିଇବା ବ୍ୟତୀତ ଅନ୍ୟଟିକୁ ସେ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିଲା।

"ସମବେଦନା ଟିକକ କଣ କମ୍ ମହାର୍ଘ ଆଜିର ଦୁନିଆରେ! ଏଠି ସେତକ ମୋତେ ମିଳୁଛି ମାନେ ମୁଁ ନିଜକୁ ଭାଗ୍ୟବାନ ମଣିବି।" -ଶୁଭକାନ୍ତ ଭାବିଲେ ଏବଂ ପ୍ରକାଶ୍ୟରେ କହିଲେ- "ଜଣେ ଦୁଷ୍କର୍ମକାରୀର ବାପାକୁ ଆପଣ ବସିବା ପାଇଁ ଚୌକି ଓ ପିଇବା ପାଇଁ ପାଣି ପ୍ରଦାନ କରି ଯେମରି ସମବେଦନା ଜଣାଇଛନ୍ତି, ସେକଥା ମୋତେ ଖୁବ୍ ଆସ୍ଥାବାନ କରାଇଛି ପୋଲିସ ବିଭାଗ ପ୍ରତି। ଆପଣଙ୍କ ବିଭାଗ ପ୍ରତି ଆଗରୁ ମୋ ମନରେ ଥିବା କୁଧାରଣାରେ ପରିବର୍ତ୍ତନ ଘଟିଛି।"

ଶୁଭକାନ୍ତ ଅଳ୍ପ ସମୟ ଚୁପ୍ ରହି କହିଲେ- "ମୋର ଏଠାକୁ ବାରମ୍ବାର ଆସିବା ଆପଣଙ୍କ ମନରେ ଅଲଗା ଧାରଣା ସୃଷ୍ଟି କରୁଥାଇପାରେ। ମୁଁ କିନ୍ତୁ ଆଗରୁ କହିଛି, ସଂଜୟ ବ୍ୟାପାରରେ ମୁଁ କୌଣସି ଅନୁକମ୍ପା ଆଶା କରିବି ନାହିଁ ଆପଣଙ୍କଠାରୁ।"

ଡାକ୍ତର ଶୁଭକାନ୍ତଙ୍କ କଥାରେ ବେଶ୍ ପ୍ରଭାବିତ ହେଲେ ଇନ୍‌ସପେକ୍ଟର। ସାରା ରାଜ୍ୟରେ ନିଜର ଉନ୍ନତମାନର ଚିକିତ୍ସା ସେବା ପାଇଁ ଅଶେଷ ସୁନାମ ଅର୍ଜନ କରିଥିବା ମଣିଷଟି ଏବେ ଯେଉଁ ପରିସ୍ଥିତିରେ ପଡି ଆସି ଥାନାରେ ପହଞ୍ଚିଛନ୍ତି, ସେକଥା ତାଙ୍କୁ ବାସ୍ତବିକ ଦୁଃଖିତ କଲା। ସେ କିଛି କହିବା ପୂର୍ବରୁ ଶୁଭକାନ୍ତ କହିଲେ, "ଯଦି ଆପଣଙ୍କର କୌଣସି ଆପତ୍ତି ନଥାଏ, ତେବେ ଦୁଇଟି ଅନୁରୋଧ କରିବି..."

: କୁହନ୍ତୁ ଆଜ୍ଞା! -ବ୍ୟସ୍ତ ଥିଲେ ମଧ୍ୟ ତାଙ୍କ କଥା ମନଯୋଗ ଦେଇ ଶୁଣୁଥିଲେ ଇନିସ୍‌ପେକ୍ଟର।

ଶୁଭକାନ୍ତ କହିଲେ:- 'ଆପଣ ଓ ଅନ୍ୟମାନଙ୍କ ପରି ମୁଁ ବି ଚାହେଁ ଏ ଘଟଣାରେ ଯିଏ ପ୍ରକୃତ ଦୋଷୀ, ସେ କଠୋରତର ଦଣ୍ଡ ପାଉ। କୌଣସି ପରିସ୍ଥିତିରେ ବି ସେମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ ନ ହେଉ। ତତ୍‌ସହିତ ସେଇ ପୀଡିତା ଝିଅଟି... କ'ଣ ତା'ର ନାଁ କହୁଥିଲେ ସେଦିନ...

: ସୁରେଖା! ମନେପକାଇଦେଲେ ଇନିସ୍‌ପେକ୍ଟର।

: ସୁରେଖା ନାମ୍ନୀ ସେଇ ଝିଅଟି ଉପଯୁକ୍ତ ନ୍ୟାୟ ପାଉ। ଆପଣଏ ଏମିତି ଚାର୍ଜସିଟ୍ ପ୍ରସ୍ତୁତ କରନ୍ତୁ, ଯାହାଦ୍ୱାରା ସେମାନେ ଛାଡ ପାଇବାର କୌଣସି ବାଟ ପାଇବେ ନାହିଁ। ଏପରି ଜଘନ୍ୟ ଅପରାଧର ଶାସ୍ତି ଯେତେ କଠୋର ହେଲେ ମଧ୍ୟ କମ୍ ହେବ।

ଏହା ମୋର ପ୍ରଥମ ଅନୁରୋଧ।

ଖୁବ୍ ମନଧ୍ୟାନ ଦେଇ ଶୁଣୁଥିଲେ ଇନିସ୍‌ପେକ୍ଟର, ସହରରେ ନୁହେଁ, ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ସେଇ ନାରୀୟ କାଣ୍ଡର ମାଷ୍ଟର ମାଇଣ୍ଡ ସଂଜୟ ସାମଲର ବାପା, ସୁନାମଧନ୍ୟ ଡାକ୍ତର ଶୁଭକାନ୍ତ ସାମଲଙ୍କ କଥା।

(କ୍ରମଶଃ)

## ମୋ ଅନୁଭୂତି

**ଦୁଷ୍ମନ୍ତ ବେହେରା**



ଧନ୍ୟ ମୋ ଅନୁଭୂତି ଜୀବନ
ଦୁଃଖରେ ଭାସୁଛି ଲୋଚନ
ଦୁନିଆ ମଞ୍ଚରେ ଭାସି ବୁଡୁଛି
ମୋ ସଂସାର ଲୋଭର ଜାଲ!

ଲୁହ ଅବୁଝାକୁ ମନ ଅବୁଝା
ଲୋଭ ଲାଗେ ଦୁନିଆ ରାଜା
ସାଧା ଅକ୍ଷରକୁ ମଲାଟ ଖୋଲା
ଲକ୍ଷ୍ୟ ରାଜନକୁ ରାଇଜ ଭରା।

ଦୁନିଆ ଛବି କଳା ଧଳା
ମୋ ଦଦରା ଆଶା ମେଲା କୁଲା
ପଛ ଦେଖିବ କି ଆଗ ଦେଖିବ
ଦୁଃଖ ସାଥେ ଲୁହ ଅପସରା!

ସମସ୍ତେ ନିଜର ରାତି ପାହିଲେ ପର
ଦେହ ଠାରୁ ଜୀବନ ବି ହୁଏ ପର

ଚାରିପାଖେ ଜନ ବେଳ ସରିଲେ
ନିଜ ଠାରୁ ଅନୁଭୂତି ହୁଏ ପର!

ପରିଶ୍ରମ ଦେଖି ଦିଅ ମୂଲ୍ୟ
ଜୀବନ ସେମିତି ନୁହଁ ନିଜର
ରଙ୍ଗ ସରିଲେ ଯୌବନ ସରେ
ଚେହେରା ଅନୁଭୂତି ଆପେ ମରେ!

ସଂସାର ନାଟରେ ଜୀବନ ନାଟ
ମୋ ପେଟ ଏଠି କରେ ହାଟ
ଦେଖ ଜନରେ ଯାଉଛି ଖାଲି
ଲୋଭ କରିବି କାହିଁ ପାଇଁ!

*ରାସୋଳ-ମୁଣ୍ଡିଆପକ୍ଷି, ଢେଙ୍କାନାଳ*
*ଦୂରଭାଷ : ୬୩୭୨୨୨୬୭୨୨*

## ବିଶ୍ୱଗୁରୁ ହେ !

**ଦେବସ୍ମିତା ବିଶ୍ୱାଳ**



ବିଶ୍ୱଗୁରୁ ହେ! ତୁମର ତ ନାହିଁ ତୁଳନା
କିଞ୍ଚିତ କରୁଣାରୁ ବଞ୍ଚିତ କରନା
ଲାଞ୍ଛିତର ହରିଦିଅ ଲାଞ୍ଛନା।
ବାଞ୍ଛାକଳ୍ପତରୁ ତୁମେ ମହାମେରୁ
ସନ୍ତାପେ ମଧୁର ସାନ୍ତ୍ୱନା
ବିଷୟାର ବିଷ କ୍ଷଣେ କରି ନାଶ
ଫେଡିନିଅ ଶତ ଯନ୍ତ୍ରଣା।

ଆକୀଟ ବ୍ରହ୍ମରେ ସକଳ ସତ୍ତାରେ
ତୁମେ ତ ସତ୍ତାର ବ୍ୟଞ୍ଜନା
ତୁମେ ବିଶ୍ୱରୂପ ବିଶ୍ୱ ତୁମ ରୂପ
ଏକରୁ ଅନେକ ସର୍ଜନା।

ଯୋଗୀର ସାଧନା ଭୋଗୀର ବାସନା
ତ୍ୟାଗୀର ବୈରାଗ୍ୟ ତୁମେ
ପାପୀ, ତାପୀ ଜନ ତାରଣ କାରଣ
ତପକାରୀ ତପବନ୍ଦନା।

ଖଞ୍ଜର ସଙ୍ଗୀତ ଶିଶୁ ମୁଖେ ହସ
ଅମ୍ବର ଲଉଡି ତୁମେ
ତୁମେ ପିତାମାତା ତୁମେ ବନ୍ଧୁ ସଖା
ରୂପେ ନାହିଁ ତୁମ କଳନା।

ଅନନ୍ତ ଅସୀମ ପ୍ରିୟପରମ
ଅନ୍ତର୍ଯ୍ୟାମୀ ଅନୁପମ
ତୁମେ ଅଭିନବ ତୁମେ ଅପରୂପ
ତୁମେ ହିଁ ତୁମର ଲଳନା।

*ବହୁଗ୍ରାମ, କଟକ*
*ଦୂରଭାଷ : ୭୦୦୮୧୮୧୯୯୭*

## ବୈଶିଷ୍ଟ୍ୟ କବିତା



## ଭିନ୍ନ ଏକ ନାରୀ

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ମୁଁ ଦେଖିଲି ତୁମକୁ
ପ୍ରକୃତିର ନିବୁଜ ପ୍ରାନ୍ତରେ
ନିବିଡ଼ ଅରଣ୍ୟ ବକ୍ଷେ
ପଶୁ ପକ୍ଷୀଙ୍କ ମଧୁର କୂଜନେ ।
ତୁମ ଦେହେ ନଥିଲା
ଭଞ୍ଜୀୟ ଭାବନା
ମୋତି ମାଣିକର ଧାରା
ନ ଥିଲା ବି ରେଶମୀ କପଡ଼ା ।
ପ୍ରାସାଦର ବଡ଼ଭୀ ନଥିଲା
ନଥିଲା ବି ମଣ୍ଡିବାକୁ ସଖି ଅବା ଦାସୀ
ଚାହାଁଣୀର ଅନ୍ତରାଳେ ନଥିଲା କାଣିଚେ
ଚନ୍ଦ୍ରଭାନୁ ପ୍ରୀତି ପଦ୍ମ ଲାଖି ।
ତଥାପି ସେ ରୂପ ଲାବଣ୍ୟରେ
ରହିଥିଲା ମହା ସୁଗଂଧ
ଯାହା ଦିନେ ରଞ୍ଜିଥିଲା
ଚନ୍ଦ୍ରମୁଖୀ ଲାବଣ୍ୟବତୀକୁ ।
ଚାହାଁଣୀର ଅନ୍ତରାଳେ
ଥିଲା ଉଷା ଜାଗି
କଳିବାକୁ ଜୟନ୍ତର ବଳ
ଦେହେ ଥିଲା ଅମାପ ଶକ୍ତି ।

ପ୍ରକୃତିର ସବୁଜ କ୍ରୋଡ଼ରେ
ଥିଲେ ମଧ୍ୟ ତୁମେ ମହାଦେବୀ
ଆଖିର ଅନ୍ତରାଳେ ଅଳକା ବା ପ୍ରତିମା ପରି
ଲାଖିଥିଲା ନିରାଶାର ବହ୍ନି ।
ତୁମ ଦେହେ ଆପଣାର ଦେହକୁ ମିଶେଇ
ସେକି ହେଉଥିବା କାଳିଆ ବିଲେଇ
ଆଉ କର୍କଶ କୁକୁର ଆଖି ବୁଜି
ମନେ ମନେ ଭାବି ହେଉଥିଲା ।
ମୁଁ ଦେଖିଲି ସେଇ କବିଙ୍କ ମାନସୀ
ପ୍ରକୃତିକୁ ଗୁରୁ କରି
ବୟସରେ ଗୁରୁଣ୍ଡି ଗୁରୁଣ୍ଡି
ନିଃସହାୟେ ଆଗେଇ ଚାଲିଛି ।
ସେ ଦିନ କିଶୋରୀ ଦେହେ
ଶୋଭାରାଜି ଭଙ୍ଗା ଭାଙ୍ଗୁଥିଲେ
ହସ ଆଉ ଲଜ୍ଜାର ପାଟଳି
ରଙ୍ଗ ବେରଙ୍ଗ ହୋଇ ଯୁକ୍ତି ବାଢ଼ୁଥିଲେ ।
ତାହା ଏଇ ହୃଦୟ କନ୍ଦରେ
ଗୁରୁଭାରେ ଆଉଜାଇ ଆଣେ
ସେ ଦିନର ନୀରବ ସ୍ମୃତିରୁ
କାଣିଚାଏ ପୁଣି ଆଣି ଥୁଏ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ : ୮୮୯୫୧୪୧୭୨୭*

## ବିରହି ପ୍ରେମୀର ସ୍ୱର

**ସୁବ୍ରତ କୁମାର ଜେନା**



ଏଇ ଜୀବନରୁ ତୁମେ ଗଲା ପରେ
ସବୁତ ଯାଇଛି ଚାଲି
ତୁମରି ବିହୁନେ ନିଦ ଆସେ ନାହିଁ
ଲାଗେ ଖାଲି ମରୁବାଲି।
ମନର ମଇନା ଝୁରି ଝୁରି ବୁଲେ
ଆସିବ କାଲେକି ଫେରି
ବସିଛି ଚାହିଁମୁଁ ତୁମରି ବାଟକୁ
ଦିନ ରାତି ଯାଏ ସରି।
ଆଗୋ ପ୍ରାଣପ୍ରିୟା ଚାଲିଗଲ କାହିଁ
ଦେଇ ତୁମେ ଏତେ ଦରଜ
ଆଗୋ ମଧୁମତି ପାରିବିନି ସୁଝି
ତୁମ ଦିଆ ଏତେ କରଜ।
ଭଲ ଲାଗେ ନାହିଁ ପାଦପ ସଙ୍ଗୀତ
ତାରା ଭରା ଜହ୍ନ ରାତି
ତୁମେ ନାହଁ ସାଥି ଫିକା ଜହ୍ନ ରାତି
ଅଶ୍ରୁରେ ଯାଉଛି ବିତି।
ରାଗ ପରିହରି ମନରୁ ତୁମରି
ଫେରିଆସ ତୁମେ ପ୍ରିୟା
ଆଉ ଥରେ ପୁଣି ତୁମ ହାତ ଧରି
ଗଢ଼ିବି ପ୍ରେମ ଦୁନିଆଁ।
ସବୁ ଋତୁ ଲାଗେ ବୈଶାଖ ଆଜି
ଜାଳେ ମନ ରହି ରହି
ତୁମେ ଆସ ପ୍ରିୟା ବର୍ଷା ରାଣୀ ହୋଇ
ମହୋଷଧି ସାଥେ ନେଇ।

*ଶୂରଡିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ-୯୭୭୬୨୦୮୯୩୦*

## ମଉଡମଣୀ

**ସୁନନ୍ଦା ମହାନ୍ତି**



ଧୂଆଁ ଧୂଆଁ ଜଙ୍ଗଲ ଦେଇ ସବୁଦିନ ସକାଳ ସାତରେ ଘରୁ ବାହାରି ମୀରାଙ୍କୁ ଯିବାକୁ ହୁଏ ହସ୍ପିଟାଲ. ଛୋଟ ଝିଅକୁ ଶାଶୁ ଶଶୁରଙ୍କ ପାଖେ ଛାଡ଼ି ସବୁଦିନ ଏତେ ସକାଳୁ ଯିବା ଭିତରେ ଖୁବ ଅସୁବିଧା ହୁଏ। ପ୍ରଥମତଃ ସେବା ଜନିତ କାର୍ଯ୍ୟରେ ଡାକରାଣୀ ମୀରାଙ୍କ ଫେରିବାର ନିର୍ଦ୍ଦିଷ୍ଟ ସମୟ ନଥାଏ। ଝିଅର ମଧ୍ୟ ଖୁବ ଅବହେଳା କରୁଛନ୍ତି ବୋଲି ଅନୁଭବ କଲେ ବି କିଛି ଉପାୟ ନଥାଏ। ଜୀବନର ସାୟାହ୍ନରେ ଉପସ୍ଥିତ ଶାଶୁ ଶାଶୁରଙ୍କୁ ଏତେ ଏତେ ଦାଇତ୍ୱ ପଡୁଥିବାରୁ ମନ ଓ ବିବେକ ଭିତରେ ସଂଘର୍ଷ ଚାଲୁଥିବା ବେଳେ, ସେମାନେ ତାଙ୍କ ଜଙ୍ଗଲ ପଥ ଦେଇ ଫେରିବା କାରଣ ପାଇଁ ଚିନ୍ତିତ ହୋଇପଡନ୍ତି। ଏମିତିକି ଶଶୁର ଦିନେ ଦିନେ ବାଇକ ନେଇ ତାଙ୍କୁ ସୁରକ୍ଷା ଓ ସକ୍ଷ ଦେବାକୁ ସେହି ଜଙ୍ଗଲରେ ଧୂଆଁ ଧୂଆଁ ରାସ୍ତା ଅତିକ୍ରମ କରି ଆସିବା ଓ ଫେରିବାଟା ମୀରାଙ୍କୁ କଷ୍ଟ, ଅତିଷ୍ଠ କରାଏ। ଇଂଜିନିଅର ସ୍ୱାମୀ ଏସବୁର ଧାର ନଧାରି ଫିଙ୍ଗିଲା ଫୋପାଡ଼ିଲା ଭଳି ଚାକିରୀ ଛାଡ଼ିଦେବାକୁ କୁହନ୍ତି ତ ସେହି ଜନଜାତି ଆଦିବାସୀ ଗ୍ରାମର ସେବା କରିବାକୁ ପରମ କର୍ତ୍ତବ୍ୟ, ନିଷ୍ଠା ଓ ଧର୍ମ ଭାବିନେଇଥିବା ମୀରା ଦୋଛକିରେ ପଡି ଛୁଆଟା ମୁହଁକୁ ଚାହିଁ ରହନ୍ତି. ସତରେ ମାଆ ହିସାବରେ ଝିଅର ଦାଇତ୍ୱ, ଝିଅ ପାଇଁ କର୍ତ୍ତବ୍ୟ କେତେ କରିଛନ୍ତି ସେ! ପିଲାଟାକୁ ବି ପ୍ରାୟ ଜ୍ୱର, ଥଣ୍ଡା ବାନ୍ତି ଲାଗିରହୁଛି।

ଅନେକ ଥର ସେ ସ୍ଥିର କଲେଣି ପ୍ରକୃତରେ ଚାକିରୀ ଛାଡ଼ିଦେବେ କିନ୍ତୁ ଦଉଡି ଆସନ୍ତି ସେହି ସରଳ ନିରୀହ ଆଦିବାସୀ ଭାଇ ଭଉଣୀମାନେ। କହନ୍ତି ତୁମେ ଦୁଇ ଦିନ ହେଲା ଛୁଟିରେ ରହିଲ ମାଆ, ସେପଟେ ଚାରିଜଣ ଲୋକ ମରିଗଲେ। ଏଁ ମରିଗଲେ ତାଙ୍କ ହାତର ସେବା ନପାଇ, ଚମକି ପଡି କାର୍ଯ୍ୟରେ ଯୋଗ ଦିଅନ୍ତି ମୀରା।

ଏବେ ତାଙ୍କର ରୋଗୀ ହିସାବରେ ଛୋଟ ଝିଅଟିଏ। ବାପା ମାଆ ଉଭୟ ଚାକିରିଆ. ପିଲାଟି ରହେ ଜେଜେ ଜେଜେମାଙ୍କ ପାଖେ ଆଉ ବଢୁଥାଏ ଚନ୍ଦ୍ରକଳା ପରି। ଖୁବ ସୁନ୍ଦର ଡ୍ରଇଂ କରେ, ସାବାସୀ ପାଏ ଗୁରୁମାଙ୍କ ପାଖରୁ, ପଡୋଶୀଙ୍କ ପାଖରୁ, ସାଙ୍ଗସାଥିଙ୍କ ପାଖରୁ କିନ୍ତୁ ସମୟ ନଥାଏ ବାପା ମାଆଙ୍କ ପାଖରେ। ଘରକୁ ଫେରିଲା ପରେ, ଘର କାମ କରି ବାପା ମୋବାଇଲ ଦେଖୁଥାନ୍ତି ତ ଝିଅଟି ଯାଇ ତା କୃତି ଡ୍ରଇଂ ଦେଖାଏ. ଖୁସିରେ ଦେଖିବା ପରିବର୍ତ୍ତେ ବାପା କୁହନ୍ତି ଜେଜେଙ୍କୁ ଦେଖା। ମାଆ ହାଲିଆ ହୋଇ ସ୍କୁଲରୁ ଫେରିବା ପରେ ଘରର ବାକି କାମ, ରୁଟି ତରକାରୀ କରି, ସମସ୍ତଙ୍କୁ ଖାଇବାକୁ ଦେଇ, ଝିଅର ବାକି କାମ ଡ୍ରେସ ଆଦି ସଫା କରିସାରି ହାଳିଆ ହୋଇ ଶୋଇଥିବା ବେଳେ ଝିଅ ଟିକେ ମାଆ ସହ ମିଶିବାକୁ, ଡ୍ରଇଂ ଦେଖେଇବାକୁ ଚାହେଁ ତ ମାଆ କୁହନ୍ତି ଖାଇଦେ, ମିଶିକି ଶୋଇପଡିବା। ଝିଅଟିର ମନ ମରିଯାଏ। ଗପ ଶୁଣିବା ଇଚ୍ଛାକରି ମାଆକୁ କୁହେ ତ ମାଆ କହନ୍ତି ଜେଜେମା ପାଖକୁ ଯାଆ, ସେ କହିବେ ଶୁଣିବୁ। ଏବେ ଏବେ ସେହି ଝିଅ ଜ୍ୱରରେ। ଜେଜେ ଜେଜେମା ଅନବରତ ତା ବେଡ଼ ପାଖରେ ହସ୍ପିଟାଲରେ, ହେଲେ ଝିଅଟି ଚାହିଁଛି ଦୁଆର ଆଡକୁ, ପଚାରୁଛି ମୋ ବାପା କେତେବେଳେ ଆସିବେ ଡାକ୍ତର ଦିଦି? ମୋ ମାଆ କାହିଁକି ମୋ ପାଖେ ରହୁନାଂହାନ୍ତି ଡାକ୍ତର ଦିଦି। ମୀରା ବୁଝାନ୍ତି ସେମାନେ ଆସୁଛନ୍ତି, ତୁମେ ଶୋଇଥିବାରୁ ତୁମ ମୁଣ୍ଡ ଆଉଁସି, ତୁମ ପାଇଁ ଫଳମୂଳ, ଔଷଧ ଇତ୍ୟାଦି ରଖି ଚାଲି ଯାଉଛନ୍ତି।

ଝିଅଟିକୁ ଔଷଧ କାଟୁ କରୁନି। କ୍ଷୀଣ ଓ ଦୁର୍ବଳ ଶରୀର କିଛି ଚାହିଁଛି ଯେମିତି। କାଗଜ ପେନସିଲ ମାଗିଲା ତ ଯୋଗାଇ ଦେଲେ ଡାକ୍ତର ଦିଦି। ପ୍ରତିଦିନ ଚିତ୍ର ଆଙ୍କେ ଲୁଚାଇ ରଖେ। ବାପା ମାଆଙ୍କୁ ଦେଖି ହସିଦିଏ, ଆଉ ଆଗଭଳି ଜିଦ କରୁନି ତୁମେ ଏଠାରେ ମୋ ପାଖେ ରୁହ ଅବା ମୋତେ ତୁମ ସହ ନେଇଚାଲ ବୋଲି ବରଂ ତୁନି ପଡିଛି। ସାତ ଦିନରେ ସାତଟି ଚିତ୍ର ଆଙ୍କି ଡାକ୍ତର ଦିଦିଙ୍କୁ ଦେଇ ଗୋଟେ ରବିବାର ଝିଅଟି ଆଖିବୁଜିଦେଲା, ସବୁଦିନ ପାଇଁ। ବାପା ମାଆ କାନ୍ଦୁଥିଲେ ମଥା କଚାଡି। ଜେଜେ ଜେଜେମାଙ୍କ ଅବସ୍ଥା ଶୋଚନୀୟ। ଝିଅଟିର ମୃତ ଦେହ ନେଇ ବାପା ମାଆ ଚାଲିଯିବା ପରେ ଡାକ୍ତର ମୀରା ଦେଖିଥିଲେ ଡ୍ରଇଂ କାଗଜ ଗୁଡିକ, ସପ୍ତାହର ପ୍ରତିବାର ନାମ ସହିତ ଝିଅଟି ବାପା ମାଆଙ୍କ ଡ୍ରଇଂ କରି ଲେଖିଥିଲା ମୋ ପାଇଁ ସମୟ କାହିଁକି ନାହିଁ ତୁମ ପାଖରେ ବାପା ଓ ମାଆ ଚମକି ପଡିଲେ ମୀରା। ଚାକିରୀ ଛାଡ଼ି ଇସ୍ତଫା ଲେଖି ଫେରିପଡୁଥିଲେ ସେହି ଧୂଆଁଳିଆ ଜଙ୍ଗଲ ରାସ୍ତାରେ ତ ପଛରେ ଗୋଡେଇ ଥିଲେ ସେହି ସରଳ ଆଦିବାସୀ, କହୁଥିଲେ ଆମ ଗାଁର ମଉଡମଣୀ ଝିଅ ଚାଲିଗଲା ପରେ, ଆମେ ଆଉ କୋଉ ଦେବୀଙ୍କ ଶରଣରେ ରହିବୁ ମାଆ କଣ୍ଠ ବାସ୍ପରୁଦ୍ଧ, ହୃଦୟ ଶୁନ୍ୟ ଭିତରେ ମୀରାଙ୍କ ଗାଡି ବଢୁଥିଲା ଆଗକୁ ଆଗକୁ। ଜଙ୍ଗଲ ଧୂଆଁଳିଆ ପରି ମନ ହୃଦୟ ବି ଥିଲା ଧୂଆଁଳିଆ।

*ସାକ୍ଷୀଗୋପାଳ, ପୁରୀ*



# 'ଘୋଷଣାରେ ସୀମିତ ଓଡ଼ିଆ ବିଶ୍ୱବିଦ୍ୟାଳୟ'

**ଭୁବନେଶ୍ୱର :** ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଠକିବା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟ ନାଁରେ ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରୁଛନ୍ତି। ଘୋଷଣା ସର୍ବସ୍ୱ ରାଜ୍ୟ ସରକାର ଓଡ଼ିଶାରେ ସମସ୍ତ ସରକାରୀ ନିଥିପତ୍ର ଓ ନାମଫଳକ ଓଡ଼ିଆରେ ହେବ ବୋଲି ଘୋଷଣା କରିଥିଲେ କିନ୍ତୁ ଏଯାଏଁ ତାହା ହୋଇପାରିଲା ନାହିଁ। ଓଡ଼ିଶାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯିବା ସ୍ୱାଗତ ଯୋଗ୍ୟ କିନ୍ତୁ ଅଣଓଡ଼ିଆଙ୍କ ଦ୍ୱାରା ଶାସିତ ହେଉଥିବା ଓଡ଼ିଶାରେ ଓଡ଼ିଆ ଭାଷା, ସାହିତ୍ୟକୁ ଅବହେଳା ଦୁର୍ଭାଗ୍ୟଜନକ। ଓଡ଼ିଶା ପ୍ରଥମ ଭାଷାଭିତିକ ରାଜ୍ୟଭାବେ ୧୯୩୬ମସିହାରେ ଗଠିତ ହୋଇଥିଲା। ଏହାର ଯଥେଷ୍ଟ ପୂର୍ବରୁ ୧୯୦୯-୨୬ପର୍ଯ୍ୟନ୍ତ ପଂଚସଖା ଯୁଗରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ଗୋଦାବରିଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଆ ଭାଷାର ଅସ୍ମିତା ଓ ସୁରକ୍ଷା କରିବା ସହ ଇଂଗ୍ରାଜୀ ଭାଷା ଓ ଶାସନ ବିରୋଧରେ



"ବକୁଳବନ" ମାଧମରେ ଶିକ୍ଷାଦାନ ସହ ସେମାନଙ୍କ ଲେଖନୀ ଓ ସ୍ୱରକୁ ଶାଣିତ କରିଥିଲେ। ଓଡ଼ିଆ ଭାଷାକୁ କିଭଳି ଉଜ୍ଜିବିତ କରାଯାଇପାରିବ, ପରିବେଷଣ କରାଯିବ ସେ ନେଇ ଅହରହ ଚେଷ୍ଟା କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଦୀର୍ଘ ଦଶନ୍ଧି ଧରି ଓଡ଼ିଶାରେ ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ନେଇ ଦୀର୍ଘବର୍ଷ ହେଲା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଓଡ଼ିଆ ଭାଷାପ୍ରେମୀ, ସାହିତ୍ୟକ ଓ ବ୍ୟକ୍ତିବିଶେଷ କ୍ରମାଗତ ଆନ୍ଦୋଳନ କରିଆସିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଓ ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି ଯେ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ରେ ପ୍ରଣୟନ ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟ ୨୦୧୮ରେ ପୁରୀରେ ସ୍ୱତନ୍ତ୍ର ଐତିହ୍ୟ କ୍ୟାବିନେଟ୍ ବସି ସତ୍ୟବାଦୀରେ ପତିଷ୍ଠା କରାଯିବ ବୋଲି ନିଷ୍ପତି ନେଲେ ରାଜ୍ୟ ସରକାର। ଫୁଲଅଲସା ମୌଜାର ୧୧ଏକର ଜମି ଶ୍ରୀ ଗୋପିନାଥଜୀ ଟ୍ରଷ୍ଟରୁ କ୍ରୟ କରାଗଲା। ଅକ୍ଟୋବର ୯, ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ ମଧ କଲେ। ଦୀର୍ଘ ୬ବର୍ଷ ଭିତିରେ ରାଜ୍ୟ ସରକାରଙ୍କ ଯୋଜନା ପରିକଳ୍ପନାରେ ରହିଲା, ନିର୍ମାଣ କାର୍ଯ୍ୟ ଶେଷ ହେଲା ନାହିଁ। ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଓ ଇଚ୍ଛାଶକ୍ତି ଅଭାବରୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛି। ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି ଯେ, ଚଳିତବର୍ଷ ୨୦୨୩-୨୪ରେ ଓଡ଼ିଆ ସାହିତ୍ୟ, ଭାଷାବିଜ୍ଞାନ, ଆଦିବାସୀ ଭାଷା ଓ ଐତିହ୍ୟ ବିଷୟରେ ଶିକ୍ଷାଦାନ ଆରମ୍ଭ କରିବେ। ନାକ୍, ୟୁଜିସି ଗ୍ରାଂଟ ପାଇଁ ସର୍ବନିମ୍ନ ୫ଟି ବିଷୟରେ ଶିକ୍ଷାଦାନ ଆବଶ୍ୟକତା ଥିଲାବେଳେ ମାତ୍ର ୩ଟି ବିଷୟ ଆରମ୍ଭ ହେବ ବୋଲି କୁହାଯାଉଛି। ନିର୍ମାଣ କାର୍ଯ୍ୟ ସରିନାହିଁ, ଏଯାଏଁ କୁଳପତି, ରେଜିଷ୍ଟ୍ରାର ନାହାନ୍ତି, ଅଧାପକ ନିଯୁକ୍ତି ହୋଇନାହାନ୍ତି, ଓଏସଡି ବିଜୟ ନାଏକ ରାଷ୍ଟ୍ରପତିଭବନ ଗଲାପରେ ବର୍ଷେ ହେଲା ପଦବୀ ଖାଲିପଡିଛି ଅଥଚ ଶିକ୍ଷାଦାନ ଆରମ୍ଭ କିପରି ହେବ ସେ ନେଇ ରାଜ୍ୟ ସରକାର ଉତର ରଖିବା ଆବଶ୍ୟକ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଗୋଡ଼ା ସର୍କଲ ଆରଆଇ

## ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଲେ

**ଜଗତସିଂହପୁର,(ସରୋଜ ଦାଶ) :** ଭିଜିଲାନ୍ସ ଜାଲରେ ଗୋଡ଼ା ସର୍କଲ ଆରଆଇ। ଏରସମା ତହସିଲ ଅଧୀନ ଗୋଡ଼ା ସର୍କଲର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ରାଉତଙ୍କୁ ବାନ୍ଧିଲା ଭିଜିଲାନ୍ସ। ୬ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଛନ୍ତି। ସୂଚନାନୁଯାୟୀ, ଏକ ମ୍ୟୁଟେସନ କେସ୍ ସପକ୍ଷରେ ରିପୋର୍ଟ ଦେବା ପାଇଁ ସେ ଜଣେ ଲୋକଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଧରାପଡିଛନ୍ତି। ପୂର୍ବ ପ୍ରସ୍ତୁତି ମୁତାଉବକ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। ଶ୍ରୀ ରାଉତ ପଦ୍ମପୁର ସର୍କଲର ଭାରପ୍ରାପ୍ତ ଆରଆଇ ଦାଇତ୍ୱରେ ରହିଛନ୍ତି। ଭିଜିଲାନ୍ସ ପକ୍ଷରୁ ଏବାବଦରେ ଏକ ମାମଲା



ରୁଜୁ କରାଯାଇଛି। ନୃସିଂହ ଚରଣ ରାଉତଙ୍କ ଦୁଇଟି ସ୍ଥାନରେ ରେଡ୍ କରାଯାଇଥିଲା।

# ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ସାଧାରଣ ପରିଷଦ ବୈଠକ

**ଅସ୍ତରଙ୍ଗ:** ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟ ପିର ଜାହାନିଆ ପୀଠରେ ବହୁ ପୁରାତନ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ୯ମ ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଏବଂ ବରିଷ୍ଠ ପରାମର୍ଶଦାତା ଦୁଃଶାସନ ନାୟକ, ନିରଞ୍ଜନ ଦାସ, ପ୍ରଶାନ୍ତ ବାରିକ, ଶରତ କୁମାର ପରିଡାଙ୍କ ସହିତ ସବୁ ସଦସ୍ୟଙ୍କ ପରାମର୍ଶ କ୍ରମେ ବୈଠକ ଅନୁଷ୍ଠିତ ହେଇଥିଲା। ଏହି ବୈଠକରେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘର ସାଙ୍ଗଠନିକ କାର୍ଯ୍ୟ ଉପରେ ବରିଷ୍ଠ ସଦସ୍ୟ ମାନେ ଆଲୋଚନା କରିଥିଲେ। ଏଥିସହିତ ଆଗାମୀ ଦିନରେ ସଙ୍ଘ



ସାଧାରଣ ଲୋକଙ୍କ ସ୍ୱର ହେବା ସହିତ ସାଧାରଣ ଲୋକଙ୍କ ହକ ପାଇଁ ପ୍ରଶାସନିକ ସ୍ତରକୁ ଯାଇ ସେମାନଙ୍କ ହକକୁ ପ୍ରଦାନ କରିବା ପାଇଁ ସଙ୍ଘ କାର୍ଯ୍ୟ କରିବ। ଏହି ବୈଠକରେ ବରିଷ୍ଠ ସଦସ୍ୟ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଂଘରେ ନୂତନ ଭାବରେ ଆର୍ଯ୍ୟ ବିଶ୍ୱାଳ, ସୁଧୀର କୁମାର କର, ବରିଷ୍ଠ ସାମ୍ବାଦିକ ହିମାଂଶୁ ନାୟକ ନୂତନ ଭାବରେ ସଦସ୍ୟତା ଗ୍ରହଣ କରିଥିଲେ। ଏହାପରେ ସଙ୍ଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, କାର୍ଯ୍ୟକାରୀ ସଭାପତି ରୂପେ ଯୁବ ସାମ୍ବାଦିକ ଆର୍ଯ୍ୟ ବିଶ୍ୱାଳ, ଉପସଭାପତି ସମୀର କର, ସମ୍ପାଦକ ଲୋକନାଥ ସ୍ୱାଇଁ, କୋଷାଧକ୍ଷ ବୃନ୍ଦାବନ ବିଶ୍ୱାଳ, ସଂସ୍କୃତି ସମ୍ପାଦକ ମନୋଜ ବିଶ୍ୱାଳସହ ସମ୍ପାଦକ ଭାବରେ ତ୍ରିଲୋଚନ ବେହେରାଙ୍କୁ ସର୍ବସମ୍ମତି କର୍ମେ ନିର୍ବାଚିତ କରାଯାଇଥିଲା। ଏଥିସହିତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଆଗାମୀ ବୈଠକ ପାଇଂ ନିଷ୍ପତି ନିଆଯାଇଛି, ଅସ୍ତରଙ୍ଗ ଅଞ୍ଚଳରେ ସବୁ ମୌଳିକ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସ୍ୱର ହେବା ପାଇଁ ନିଷ୍ପତି ନିଆଯାଇଛି। ପରିଶେଷରେ ସଙ୍ଘର ଆଇନ୍ ପରାମର୍ଶ ଦାତା ଦିବ୍ୟଦର୍ଶୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା

# 'ମୁକ୍ତା' ଯୋଜନା ନା 'ଶସ୍ତା' ଯୋଜନା



**ବାରିପଦା,(ବିଜୁ ସିଂ):** 'ସରକାର କ ମାଲ ଦାରିଆ ମେ ଡାଲ' ନୀତିରେ କାମ ନ ସରୁଣୁ ଭୁଷୁଡି ପଡିଲା ନୂତନ ଭାବେ ନିର୍ମିତ ଗାଡ଼ୱାଲ୍। ବାରିପଦାରେ ସାମାନ୍ୟ ବର୍ଷା ସମ୍ଭାଳି ପାରିଲା ନାହିଁ ଓଡିଶା ସରକାରଙ୍କ 'ମୁକ୍ତା' ଯୋଜନା। ବାରିପଦା ସହରର ଶ୍ରୀମା ମହିଳା କଲେଜ ନିକଟରେ ସରକାରଙ୍କ ଏହି 'ମୁକ୍ତା' ଯୋଜନାରେ ଭେଣ୍ଡିଙ୍ଗ ଜୋନ ତିଆରି ଚାଲିଥିଲା। ଯାହାର ଅଟକଳ ୧୯ ଲକ୍ଷ ୭୦ ହଜାର। ହେଲେ ସାମାନ୍ୟ ବର୍ଷାରେ କଂକ୍ରିଟ୍ ଗାଡ଼ୱାଲ ଏବଂ କଲମ ଭାଙ୍ଗିପଡିଛି। ସେପଟେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକ। ନିର୍ମାଣଧୀନ ଅବସ୍ଥାରେ ଭୁଶୁଡ଼ିଲା ମୁକ୍ତା ଯୋଜନା। ମୁକ୍ତା ଯୋଜନାରେ ନିର୍ମିତ କଂକ୍ରିଟ୍ ଗାଡ଼ୱାଲ ବର୍ଷାରେ ଭୁଶୁଡି ପଡିଛି। ବାରିପଦା ପୌର ପରିଷଦ ପକ୍ଷରୁ ବାରିପଦା ସହରର ଶ୍ରୀମା ମହିଳା କଲେଜ ନିକଟରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ତଥା 'ମୁକ୍ତା' ଯୋଜନରେ ଭେଣ୍ଡିଙ୍ଗ ଜୋନ ତିଆରି ଚାଲିଛି। ହେଲେ କାମ ଏମିତି ହେଉଛି ଯେ, ସାମନ୍ୟା ବର୍ଷାରେ କଂକ୍ରିଟ୍ ଗାଡ଼ୱାଲ ଏବଂ କଲମ ଭାଙ୍ଗିଯାଇଛି। ବର୍ଷା ସମ୍ଭାଳି ନପାରି ଗାଡ଼ ୱାଲଟି ଭାଙ୍ଗିଯାଇଥିବା ବେଳେ ନିର୍ମାଣାଧୀନ ଘରର କାନ୍ଥ ମଧ ଫାଟି ଆଁ କରିଛି। ୧୯ ଲକ୍ଷ ୭୪ହଜାର ଟଙ୍କାର ଅନୁଦାନରେ ଭେଡିଂ ଜୋନ କାମ କରାଯାଉଛି। ମାଆ କିଚକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ କାର୍ଯ୍ୟାଦେଶ ରହିଛି। ତେବେ ଏନେଇ ପୌର ପରିଷଦ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ଏହାର ବିଦ୍ଧିବଧ ତଦନ୍ତ ଦାବି କରିଛନ୍ତି ବାରିପଦା ସହରବାସୀ। ମୁକ୍ତା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ୍ ଗାଡ଼ୱାଲ ଏବଂ କଲମ ଭାଙ୍ଗି ଯିବା ପରେ କାମର ମାନକୁ ନେଇ ବୁଦ୍ଧିଜୀବି ମହଲରେ ଉଠୁଛି ପ୍ରଶ୍ନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଲିବ ...

ଉକ୍ତ ବୈଠକରେ ବନକଲାଗି ନୀତି ଦ୍ୱନ୍ଦ୍ୱର ମଧ ଅବସାନ ଘଟିଛି। ଆସନ୍ତା ବୁଧବାର ବନକଲାଗି କରାଯିବ। ବୁଧବାର କୌଣସି ବିଶେଷ ନୀତି ପାଇଁ ହୋଇନପାରିଲେ ଗୁରୁବାର କରାଯିବ। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଆଲୋଚନା ହୋଇଥିଲା। ଯାତ୍ରୀ ପରିକ୍ରମା ପ୍ରକଳ୍ପ ସରିବା ପରେ ଉତ୍ତର ଓ ଦକ୍ଷିଣ ଦ୍ୱାର ଖୋଲାଯିବ। ରତ୍ନଭଣ୍ଡାର ଯାଞ୍ଚ ପାଇଁ ଏଏସଆଇ ଅନୁମତି ମାଗିଛି। ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଯାଞ୍ଚ ହେବ। ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଯାଞ୍ଚ ପାଇଁ ଅନୁମତି ଦେବାକୁ ପ୍ରସ୍ତାବ ଦେବ। ସେବାୟତ ପାରମ୍ପରିକ କ୍ରୀଡାର ବିକାଶ ପାଇଁ ସବୁ ଯାଗା, ଆଖଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଚଳିତ ବର୍ଷର ରଥଯାତ୍ରା ଶୃଙ୍ଖଳିତ ଭାବେ ସରିଛି। ସେବାୟତ ଆବାସ ଯୋଜନା ଆରମ୍ଭ ହୋଇଛି। ହରଚଣ୍ଡି ସାହି ମୌଜାରେ ପ୍ରଥମେ କାମ ହେଉଛି ଓ ଏହା ୨୦୨୪ ସେପ୍ଟେମ୍ବର ସୁଦ୍ଧା ସରିବ। ରତ୍ନଭଣ୍ଡାର ଅନୁଧ୍ୟାନ ସମୟରେ ସୁପ୍ରିମକୋର୍ଟ ଅଥବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯିବ। ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଲେଜର ସ୍କାନିଂ ପରି ଅତ୍ୟାଧୁନିକ ଯାଞ୍ଚ ପାଇଁ ଏହି ଉଚ୍ଚ ସ୍ତରୀୟ କମିଟି ଗଠନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ଗଣମାଧ୍ୟମକୁ କହିଛନ୍ତି। ତେବେ ଆଜିର ବୈଠକରେ ଯଦି ରତ୍ନଭଣ୍ଡାର ଖୋଲାଯିବ ତେବେ ରତ୍ନ ଅଳଙ୍କାର ଆଦି ଗଣା ହେବକି ନାହିଁ ସେନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ନିଆଯାଇ ନାହିଁ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରତ୍ନଭଣ୍ଡାର ମରାମତି ନେଇ ହାଇକୋର୍ଟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ରତ୍ନଭଣ୍ଡାରରେ ରତ୍ନ ଅଳଙ୍କାର ସବୁ ସୁରକ୍ଷିତ ରହିଛି ଓ ସେଗୁଡିକର ଆଉ ଗଣତି କରାଯିବାର ଆବଶ୍ୟକତା ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିକଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଆଜିର ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅନୁପସ୍ଥିତ ରହିବାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି।

### କାହିଁକି ...

୩ଟି ସାଧାରଣ ନିର୍ବାଚନରେ ନିଜର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାବାସୀଙ୍କୁ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା' ହକ୍ ହାସଲ୍ ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତି ଦେଇଥିବା ବିଜେଡି କାହିଁକି ଏବେ ନିଜର ସ୍ୱରକୁ ବଦଳାଇଛି। ଯଦିଓ କୌଣସି ରାଜ୍ୟକୁ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା' ମାନ୍ୟତା ନଦେବା ପାଇଁ ରଘୁରାମ ରାଜନ କମିଟି ୨୦୧୩ ମସିହାରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିଲେ। ଏହା ଜାଣି ମଧ ବିଜେଡି ୨୦୧୪ ନିର୍ବାଚନୀ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକୁ ଦୋହରାଇଥିଲା। ଆଉ ନିର୍ବାଚନକୁ ଦୃଷ୍ଟିରେ ରଖି ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ କରିଥିଲା। ୨୦୧୯ ନିର୍ବାଚନୀ ଇସ୍ତାହାରରେ ବିଜେଡି ମଧ 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା'କୁ ହାସଲ ପାଇଁ ଲଢ଼େଇ କରିବ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଦିନ ଗଡ଼ିବା ସହ ବିଜେଡିର ସ୍ୱର ବଦଳିଯାଇଛି। ନବୀନ ପଟ୍ଟନାୟକଙ୍କ ବିଜେଡି ୨୦୨୦ ମସିହା ପରଠୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ଛାଡ଼ି 'ସ୍ୱତନ୍ତ୍ର ଫୋକସ ଷ୍ଟେଟ' ମାନ୍ୟତା ଦାବି କରି ଆସୁଛି। ଯଦିଓ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାରକୁ ବିଗତ ୬-୭ ବର୍ଷ ଧରି ବିଜେଡି ସବୁ ପ୍ରସଙ୍ଗରେ ସମର୍ଥନ କରି ଆସୁଛି। ଏନଡିଏ ସହ ନିଜର ଘନିଷ୍ଠ ସମ୍ପର୍କ ଥିବାର ପ୍ରମାଣ ସବୁସମୟରେ ବିଜେଡି ଦେଇ ଆସୁଥିଲେ ମଧ ଓଡ଼ିଶାର ହକ୍ ପାଇଁ ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ହାସଲ ନିମନ୍ତେ କେନ୍ଦ୍ରର ଏନଡିଏ ସରକାର ସହ କୌଣସି ପ୍ରକାରର ରାଜନୀତିକ ଡିଲ୍ ବା ଚାପ ସୃଷ୍ଟି ନିମନ୍ତେ ବିଜେଡି ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନି।

### ସଦସ୍ୟତା ...

ମାନହାନୀ ମାମଲା ରୁଜୁ କରିଥିଲା। ସୁରଟ ଟ୍ରାଏଲ କୋର୍ଟ ମାର୍ଚ୍ଚରେ ଏନେଇ ଏକ ଶୁଣାଣି କରି ରାହୁଲ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ଥ କରିବା ସହ ଦୁଇ ବର୍ଷ କାରାଦଣ୍ଡ ଆଦେଶ ଶୁଣାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ରାହୁଲ ଗାନ୍ଧୀ। ଗୁଜରାଟ ହାଇକୋର୍ଟ ମଧ ଟ୍ରାଏଲ କୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ। ଫଳରେ ସେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏ ଉପରେ ଶୁଣାଣି କରି ଟ୍ରାଏଲ୍ କୋର୍ଟ ଦେଇଥିବା ଦଣ୍ଡାଦେଶକୁ ସ୍ଥଗିତ ରଖିଛନ୍ତି। କିନ୍ତୁ ବିଶେଷ କରି ସାଧାରଣ ଜୀବନରେ ଜଣେ ବ୍ୟକ୍ତିଙ୍କ ପାଇଁ ରାହୁଲଙ୍କ ମନ୍ତବ୍ୟ ଠିକ୍ ନୁହେଁ ବୋଲି ଅଦାଲତ କହିଛନ୍ତି। ଏଥିସହ ମାମଲାରେ ଟ୍ରାଏଲ କୋର୍ଟ ବିଚାରପତି ଶୁଣାଇଥିବା ସର୍ବାଧିକ ଦୁଇ ବର୍ଷର ଦଣ୍ଡାଦେଶ ଉପରେ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ଯଦି ଦଣ୍ଡାଦେଶ ଅବଧି ଗୋଟିଏ ଦିନ କମ୍ କରାଯାଇଥାନ୍ତା ତେବେ ତାଙ୍କ ସଦସ୍ୟତା ପଦ ହରାଇବାକୁ ପଡିନଥାନ୍ତା ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ତେବେ ସଂସଦରେ ଅନାସ୍ଥା ପ୍ରସ୍ତାବ ଆସିବାକୁ ଥିବାରୁ ରାହୁଲଙ୍କ ସଦସ୍ୟତା ଫେରିବା ଉପରେ ସମସ୍ତଙ୍କ ନଜର।

### ମିଲେଟ୍ ଫୁଡ୍ ...

କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଲେଟ୍ସ ମିଶନ ସହ ସାମିଲ ହେବାକୁ ଯୋଜନା କରୁଥିବା କୁହାଯାଇଛି। ସେହିଭଳି ଓଡ଼ିଶା ମିଲେଟ୍ସ ମିଶନ ସହ ମିଳିତ ଉଦ୍ୟମରେ 'ସୁରଭି ମିଲେଟ୍' ପ୍ରତିଯୋଗିତା ସାରା ରାଜ୍ୟର ବିଦ୍ୟାଳୟଗୁଡ଼ିକ କରାଯିବ। ତେବେ ଏଥିପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ମିଳିତ ବୈଠକ ଆୟୋଜିତ ହେବ। ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଥାଳିରେ ମିଲେଟ୍ ସାମିଲ ହେବ। ରାଜ୍ୟରେ ଏଭଳି ୫୦ ହଜାରରୁ ଅଧିକ ବିଦ୍ୟାଳୟ ରହିଥିବା ସବୁ ବିଦ୍ୟାଳୟରେ ମିଲେଟ୍ ପହଞ୍ଚାଇବା ନେଇ ବ୍ୟବସ୍ଥା ହେବ। ଏହା ସହ ରାଜ୍ୟର ଘରୋଇ ବିଦ୍ୟାଳୟଗୁଡ଼ିକ ମଧ ମିଲେଟଯୁକ୍ତ ଖାଦ୍ୟ ପ୍ରଦାନ କରିବେ। ଘରୋଇ ବିଦ୍ୟାଳୟଗୁଡ଼ିକୁ ମଧ ଏନେଇ ଲିଖିତ ଚିଠି କରାଯିବ। ଏକ ସମନ୍ୱୟ ବୈଠକରେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷମାନଙ୍କୁ ମିଲେଟଯୁକ୍ତ ମିଲ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଜାରିହେବ। ସେହିଭଳି ମିଲେଟ୍ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାମାନ ମଧ ଘରୋଇ ବିଦ୍ୟାଳୟରେ ଅନୁଷ୍ଠିତ କରିବାକୁ ଚିଠି କରାଯିବ। ଏହାସହ ସରକାରୀ ଡାକ୍ତରଖାନାଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ ହିଁ ମିଲେଟକୁ ସାମିଲ କରାଯିବ। ସରକାରୀ ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କୁ ଖାଦ୍ୟ ଯୋଗାଇବା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାଗୁଡ଼ିକୁ ମଧ ଏନେଇ ନିର୍ଦ୍ଦେଶ ଜାରିହେବ। ରୋଗୀମାନେ କିଭଳି ଅତିକମ୍ରେ ସପ୍ତାହରେ ୩ଦିନ ମିଲେଟଯୁକ୍ତ ଖାଦ୍ୟ ପାଇପାରିବେ ତାହା ସରକାର ସୁନିଶ୍ଚିତ କରିବେ। ଏହା ସହ ବେସରକାରୀ ହସ୍ପିଟାଲର କ୍ୟାଣ୍ଟିନ୍ ଠାରୁ ଆରମ୍ଭ କରି ରୋଗୀଙ୍କ ଉଦ୍ଦିଷ୍ଟ ମିଲ୍‌ରେ ମଧ ମିଲେଟ ସାମିଲ ହେବ ବୋଲି ସୂଚନା ମିଳିଛି।

### ୬ ସପ୍ତାହ ...

ଉଲ୍ଲେଖ ଥାଉ କି ଗତ ଅଗଷ୍ଟ ମାସରେ ୭୯୬ଟି ଏଏସଓ ପଦବି ଲାଗି ଓପିଏସସି ପକ୍ଷରୁ ପରୀକ୍ଷା କରାଯାଇଥିଲା। ତେବେ ବିବାଦରେ ରହିଥିବା ଏଏସ୍ଓ ପରୀକ୍ଷାକୁ ନେଇ କେତେକ ପ୍ରାର୍ଥୀ ଧାରଣା ଦେଇଥିଲେ। ହାଇକୋର୍ଟଙ୍କ ନଭେମ୍ବର ୧୪ର ରାୟ ଅନୁସାରେ ଓପିଏସି ଲିଖିତ ପରୀକ୍ଷାଫଳ ପ୍ରକାଶ କରିଥିଲା। କିନ୍ତୁ ଏହା ପରେ ମଧ ଏଏସ୍ଓ ନିଯୁକ୍ତି ପ୍ରକ୍ରିୟାର ବିବାଦ ପିଛା ଛାଡ଼ି ନଥିଲା। ଏଏସ୍ଓ ପରୀକ୍ଷାରେ ନିୟମ ଉଲ୍ଲଂଘନ ହୋଇଛି। ନିୟମ ଅନୁସାରେ ମେଧା ତାଲିକା ପ୍ରସ୍ତୁତ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଥିଲା। ବିଷୟଭିତ୍ତିକ ସର୍ବନିମ୍ନ ନମ୍ବର ନିୟମ ଲାଗୁ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ପ୍ରାର୍ଥୀ ବିଭିନ୍ନ ବିଷୟରେ ରଖି ଥିବା ସର୍ବମୋଟ ନମ୍ବରକୁ ନେଇ ମେଧା ତାଲିକା ପ୍ରକାଶ କରାଯିବା କଥା। ଏପରି ନିୟମ ୨୦୧୮-୧୯ରେ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷାରେ ମଧ ଲାଗୁ କରାଯାଇଥିଲା। କିନ୍ତୁ ଏଥର ନୂଆ ନିୟମ ଲାଗୁ କରି ଲିଖିତ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ଯାହା ପରେ ହାଇକୋର୍ଟ ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### 'ଆମ ଓଡ଼ିଶା ...

ପଞ୍ଚାୟତିରାଜ ସଂସ୍ଥା ଓ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ସଂଶ୍ଳିଷ୍ଟ କରାନଯିବା ପଞ୍ଚାୟତ ପ୍ରତିନିଧି ମାନଙ୍କ ପ୍ରତି ଉପହାସ। ମୁଖ୍ୟମନ୍ତ୍ରୀ ଯେଉଁ ସରପଞ୍ଚମାନଙ୍କୁ କରୋନା ସମୟରେ ଜିଲ୍ଲାପାଳ କରିଥିଲେ ସେମାନେ ଏବେ ତାଙ୍କ ପଞ୍ଚାୟତରେ ରୂପାୟନ ହେବାକୁ ଥିବା ଯୋଜନାରେ ଭାଗିଦାର ହେବାର ସୁଯୋଗ ନପାଇବା ଦୁର୍ଭାଗ୍ୟଜନକ। ଯୋଜନାର ଗାଇଡଲାଇନ ମୁତାବକ ପଞ୍ଚାୟତ ସମିତି ପ୍ରକଳ୍ପ ଗୁଡ଼ିକର ରୂପାୟନ କରିବେ ବୋଲି ଉଲ୍ଲେଖ ଥିଲେ ମଧ ଏସବୁ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବ ଏବଂ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲାପାଳମାନେ ନେବେ ବୋଲି ନିର୍ଦ୍ଦେଶ ରହିଛି।

### କେବେ ମିଳିବ ...

କମିଟି କେଉଁ ଆଧାରରେ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି ତାହା ମଧ ଅସ୍ପଷ୍ଟ। ଏହି ରିପୋର୍ଟକୁ ଏଯାଏ ସାର୍ବଜନୀନ କରାଯାଇ ନାହିଁ।ଏହି ପରିପ୍ରେକ୍ଷୀରେ ମହାନଦୀ ବିବାଦରେ ଓଡ଼ିଶା କ୍ଷତିଗ୍ରସ୍ତ ହେଉଥିବା ସତ୍ତ୍ୱେ ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେନ୍ଦ୍ର ସରକାର ଯତ୍ପରୋନାସ୍ତି ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସେହିପରି କୌଣସି ରାଜ୍ୟ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଲେ ଏଥିରେ ସମାଧାନର ରାସ୍ତା ବାହାର କରିବାର ପ୍ରମୁଖ ଦାୟିତ୍ୱ ଦେଉଛି କେନ୍ଦ୍ର ସରକାରଙ୍କର; ମାତ୍ର ବିବାଦରେ ପକ୍ଷଭୁକ୍ତ ନ ଥିବାରୁ ଏନେଇ କୌଣସି ଆଭିମୁଖ୍ୟ କେନ୍ଦ୍ର ସରକାର ରଖିବେ ନାହିଁ ବୋଲି କହିବା ଦୁଃଖଦାୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ଏହାର ସ୍ୱାଭାବିକ ଭାବେ ପ୍ରବାହ ସଭିଙ୍କ ପାଇଁ ମଙ୍ଗଳକାରୀ। ମାତ୍ର ଟ୍ରିବ୍ୟୁନାଲ ହୁଅନ୍ତୁ କି କେନ୍ଦ୍ର ସରକାର ବିବାଦରେ ନିଜ ନିଜର ସଠିକ୍ ଭୂମିକା ନିର୍ବାହ କରୁନାହାନ୍ତି। ବିବାଦର ସମାଧାନ ଦିଗରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ, କେନ୍ଦ୍ରୀୟ ଜଳ ଆୟୋଗଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ସରକାରଙ୍କ ପ୍ରକୃତରେ ଇଚ୍ଛା ଥାଏ ତାହେଲେ ଦୁଇ ରାଜ୍ୟ ମୁଖ୍ୟଙ୍କ ସହ ଟ୍ରିବ୍ୟୁନାଲଙ୍କୁ ଡାକି ଆଲୋଚନାର ରାସ୍ତା ବାହାର କରନ୍ତୁ। ନହେଲେ ଯେଉଁ ପ୍ରକ୍ରିୟାରେ ଶୁଣାଣି ଜାରି ରହିଛି, ସେଥିରୁ ନିକଟ ଭବିଷ୍ୟତରେ କୌଣସି ପୂର୍ଣ୍ଣାଙ୍ଗ ନିର୍ଯାସ ବାହାରିବା ଆଶା କ୍ଷୀଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ ମହାନଦୀ ଜଳବିବାଦ ଘଟଣାରେ ଏଯାବତ୍ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଦୁଇଥର ବୃଦ୍ଧି ହେବା ସହ ମୋଟ ୩୭ଟି ଶୁଣାଣି ସରିଲାଣି।

# ଛାତରୁ ଗଳୁଛି ବର୍ଷା ପାଣି; ପାଠପଢା ବାଧାପ୍ରାପ୍ତ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଅଧୀନରେ ଥିବା ମହରାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହର ଅବସ୍ଥା ଅତୀବ ଶୋଚନୀୟ ହୋଇପଡ଼ିଛି। ଲଗାଣ ବର୍ଷାରେ ସବୁ ଶ୍ରେଣୀଗୃହ ଛାତରୁ ବର୍ଷା ପାଣି ଗଳୁଛି, ଫଳରେ ଛାତ୍ରଛାତ୍ରୀମାନେ ବସି ପାରୁ ନ ଥିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ବିଦ୍ୟା ଅଧ୍ୟୟନ କରନ୍ତି। ଉକ୍ତ ବିଦ୍ୟାଳୟ ପରିସରରେ ୨ ଗୋଟି କୋଠା ଘର ରହିଥିବା ବେଳେ ୨ ଗୋଟି ଆଜବେଷ୍ଟସ୍ ଘର ରହିଛି। କୋଠା ଘର ଛାତରୁ ବର୍ଷା ହେଲେ ଅନବରତ ପାଣି ଗଳୁଛି। ଯଦ୍ୱାରା ଛାତ ତଳେ ବସି ବିଦ୍ୟା ଅଧ୍ୟୟନ କରିବା ସମ୍ଭବପର ହେଉନାହିଁ। ପ୍ରାୟ ଦଶ ବର୍ଷ ତଳେ ଉକ୍ତ ବିଦ୍ୟାଳୟର କୋଠା ଗୃହ କାମ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ପାରି ନାହିଁ। ବର୍ତ୍ତମାନ ଯେଉଁ କୋଠାରେ ପାଠ ପଢା ହେଉଛି, ସେହି କୋଠା



ନିମ୍ନମାନର ହୋଇଥିବା ଯୋଗୁଁ ଛାତ ତଳ ରଡ୍ ଦେଖା ଯାଉଥିବାବେଳେ ଛାତରୁ ବର୍ଷା ପାଣି ଗଳୁଛି। ଯାହାକି କୋଠାଟି ନିମ୍ନ ମାନର ହୋଇଥିବା ଅଭିଭାବକ ଏବଂ ଗ୍ରାମବାସୀ ଦୁଃଖର ସହିତ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ମରାମତି ନ ହେଲେ ଆଗାମୀ ଦିନରେ ଛାତ ଗଳି ପଡିବାର ସମ୍ଭାବନା ଅଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। କେତେବେଳେ ଯେ ଅକାଳରେ ଛାତ୍ର ଛାତ୍ରୀ ମାନଙ୍କ ସହ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଜୀବନ ଯିବ କିଏ କହି ପାରିବ ? ଛାତ ମରାମତି ପ୍ରଶାସନ କେବେ କରିବ ତାହା ଦେଖିବାକୁ ବାକି ରହିଲା।

# ଓଏଏସ ପାଇଲେ ମଧବିତ୍ତ ପରିବାରର ରାକେଶ

**ଅସ୍ତରଙ୍ଗ:** ସୋମବାର ଦିନ ପ୍ରକାଶ ପାଇଛି ଓଡିଶା ପ୍ରଶାସନିକ ସେବାର ପରୀକ୍ଷା ଫଳ। ଏଥିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅସ୍ତରଙ୍ଗ ଗ୍ରାମର ମଧବିତ୍ତ ପରିବାରର ପୁଅ ରାକେଶ ପରିଡ଼ା କୃତକାର୍ଯ୍ୟ ହୋଇଛନ୍ତି। ଏହାକୁ ନେଇ ସମଗ୍ର ଅସ୍ତରଙ୍ଗ ବ୍ଲକରେ ଖୁସିର ଲହରୀ ଖେଳିଯାଇଛି। ଅସ୍ତରଙ୍ଗ ଗ୍ରାମର ଚନ୍ଦ୍ର ଶେଖର ପରିଡ଼ା ଓ ସାବିତ୍ରୀ ପରିଡ଼ାଙ୍କ ଜ୍ୟେଷ୍ଠ ପୁତ୍ର ରାକେଶ (୨୫) ତମ ର୍ୟାଙ୍କ ପାଇଛନ୍ତି। ପ୍ରଥମ ପ୍ରୟାସରେ ସେ ସଫଳତା ପାଇଥିବା ରାକେଶ ଆମ ପ୍ରତିନିଧିଙ୍କୁ କହିଛନ୍ତି। ରାକେଶ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ନାତି ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ପୁତୁରା। ରାକେଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୋର ସଫଳତା ପଛରେ ମୋ ବାପା ବୋଉ ଅଜା, ଆଈ, ଦାଦା ଖୁଡି ମାମୁଁ ମାଇଁ ଆଉ ଜଗନ୍ନାଥଙ୍କ ଆଶିର୍ବାଦରୁ ମିଳିଛି। ରାକେଶ ନିମାପଡ଼ାରୁ +୨ ପାସ କରିବା ପରେ ଭୁବନେଶ୍ୱରସ୍ଥିତ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ଫରେଷ୍ଟ ବିଭାଗରେ ସ୍ନାତ୍ତୋକତର ପାସ କରିଥିଲେ। ତା ପରେ ହିମାଞ୍ଚଳ ପ୍ରଦେଶ ସୋଲନା ଆଇସିଆରରୁ ଆଗ୍ରୋ ଫରେଷ୍ଟିରେ ପୋଷ୍ଟ



ଗ୍ରାଜୁଏଟ ପାସ କରିଥିଲେ। ବାପାଙ୍କ ପ୍ରେରଣାରେ ସେ (ଓଏଏସ )ପଢ଼ିବା ପାଇଁ ଆଗ୍ରହୀ ହୋଇଥିଲେ। ପ୍ରଥମ ଥର ପ୍ରୟାସରେ ସେ ସଫଳତା ପାଇଥିବାରୁ ବିଭିନ୍ନ ଆଡୁ ଶୁଭେଚ୍ଛା ବାର୍ତ୍ତା ତାଙ୍କ ପାଖକୁ ଆସୁଥିବା ରାକେଶ କହିଛନ୍ତି। ଏଣିକି ସିଧାସଳଖ ଜନସାଧାରଣଙ୍କ ସେବା କରିବା ପାଇଁ ତାଙ୍କୁ ସୁଯୋଗ ମିଳିଲା ବୋଲି କହିଛନ୍ତି ରାକେଶ। (ଓଏଏସ) ପାଇବାରେ ଅସ୍ତରଙ୍ଗ ଗ୍ରାମର ପ୍ରଥମ ପୁଅ।

# ପର୍ଯ୍ୟଟନ କ୍ଷେତ୍ରରେ ଭରପୂର ବିରମହାରାଜପୁର



ସିତାଂଶୁ ଶେଖର ମିଶ୍ର

ବିରମହାରାଜପୁର ନିର୍ବାଚନ ମଣ୍ଡଳୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପ୍ରାଚୀନ ଐତିହାସିକ ଦେବଭୂମି ହୋଇଥିଲେ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ସେମିତିକିଛି ସ୍ଥାନ ଅଳଙ୍କୃତ କରିନପାରିବା ଆଶ୍ଚର୍ଯ୍ୟ ଚକିତ କରୁଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ ପ୍ରାଚୀନଦ୍ୱେଭୂମି ବିଷୟରେ ଏବେ ବି ପର୍ଯ୍ୟଟକଙ୍କୁ ଅଜଣା। ସବୁଜପାହାଡ଼ ନଦୀ ନାଳଘେରା ମଣ୍ଡଳୀ ହେଲା ବିରମହାରାଜପୁର। ଏହାରକଳା ସାହିତ୍ୟସଂସ୍କୃତି ପରମ୍ପରା ଓ ପ୍ରାକୃତିକ







ସୌନ୍ଦର୍ଯ୍ୟର ଅଭୂତପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତିକି ନିଆରା ଜନସାଧାରଣଙ୍କ ଚାଲିଚଳନ ଜୀବନଶୈଳୀ ମଧ୍ୟ ସେତିକି ନିଆରା।

ଏଠାକାର ଜନସାଧାରଣଙ୍କ ଜୀବନଯାତ୍ରା ସହ ଅଭିନ୍ନ ଭାବରେ ଜଡ଼ିତ ହୋଇ ରହି ଆସିଛି ଏହାର ସାଂସ୍କୃତିକ ପରମ୍ପରା। ବର୍ଷର ବିଭିନ୍ନ ମାସ ଋତୁ ଅନୁଯାୟୀ ପାଳନହୋଇଥାଏ ଅନେକ ପର୍ବପର୍ବାଣୀ ଏବଂ ଯାନିଯାତ୍ରା। ଏହି ସମୟରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟ ଗୀତକଳା ଏହି ଅଞ୍ଚଳର ଏକ ଅଭିନ୍ନ ଅଙ୍ଗହୋଇ ରହିଥିବା ଦେଖିବାକୁ ମିଳିଥାଏ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ଅନେକ ପ୍ରାଚୀନ ଐତିହାସିକ ଆଧାତ୍ମିକ ସ୍ଥଳୀ। ଶୈବ, ଶାକ୍ତ, ବୈଷ୍ଣବ ସଂସ୍କୃତିର ଅନେକ ପ୍ରାଚୀନ ପୀଠ ସବୁ। ଜଗତର ନାଥ ଜଗନ୍ନାଥଙ୍କ ୧୪୪ ବର୍ଷ ପାତାଳୀ ତଥା ଲୀଳା ଭୂମି। ଯାହାକି ପାତାଳୀ ଶ୍ରୀ କ୍ଷେତ୍ରଭାବରେ ପ୍ରସିଦ୍ଧି ଲାଭ କରିଛି। ଭାରତବର୍ଷର ଦ୍ୱିତୀୟ ବୃନ୍ଦାବନ। ଯାହାକି ଖମାର ମଠଭାବରେ ପରିଚିତ। ଭଜବଳପୁର ଗ୍ରାମର ପ୍ରାଚୀନ ବଳଦେବଜୀଉ। ଠାକୁର ଏଠାରେଶୟନ ମୁଦ୍ରାରେ ଏକ ଖୋଲା ପିପ୍ପଳ ଗଛ ମୂଳରେ ରହିଥିବା ଦେଖିବାକୁ ମିଳିଥାଏ। ଯାହାକି ନିଶ୍ଚୟ ଏକ ରହସ୍ୟମୟ ସ୍ଥାନଅଟେ। ବିନିକା ରହିଲା ଗ୍ରାମରପାପକ୍ଷୟ ଘାଟ। ଉଲୁଣ୍ଡା ବ୍ଲକର କୁତମେଣ୍ଡାର ମାତା ମେଟାକାନୀ, ତେଲଣ୍ଡା ଗ୍ରାମର ପ୍ରତ୍ୟକ୍ଷ ଦେବୀମାତା ରାମଚଣ୍ଡୀ। ଏହା ସହ ଅନେକ ପ୍ରାଚୀନ ଶୈବପୀଠ ସବୁ ରହିଅଛି।

ତାହା ମଧ୍ୟରେ ରହିଅଛି ପ୍ରସିଦ୍ଧ ଶୈବପୀଠ ବାବା ଚମ୍ପେଶ୍ୱର। ଏହା ବାବା ରାମେଶ୍ୱରଙ୍କ ଅନ୍ୟ ଏକ ସ୍ୱରୂପ। ପରମ ଶୈବ ଭକ୍ତ ଚମ୍ପାମାଳ ଗ୍ରାମର ଚମ୍ପା ହୋତାଙ୍କ ଭକ୍ତିର ନିଦର୍ଶନ ଭାବରେ ବାବା ରାମେଶ୍ୱର ଚମ୍ପାମାଳ ଗ୍ରାମରେ ଆବିର୍ଭୂତ ହୋଇ ଗାଁର ନାମ ଅନୁସାରେ ଚମ୍ପେଶ୍ୱର ନାମରେ ପୂଜା ପାଇଆସୁଥିବା କିମ୍ବଦନ୍ତୀ ରହିଅଛି।

ବାବା ଗୋଧନେଶ୍ୱରଙ୍କ ଆବିର୍ଭାବର ମଧ୍ୟଏକ ଜନଶ୍ରୁତି ରହିଅଛି। ଏକଦା ମହାନଦୀର ଅପରପାଶ୍ୱରୁ ପ୍ରତିଦିନନଦୀ ପାରହୋଇ ଏକ କଳା ରଙ୍ଗର ଗାଈଆସି ଏଠାରେ କ୍ଷୀରଦାନ କରୁଥିଲା। ଏହାକୁ ଏକ ଚାଷୀ କିଛି ଦିନ ଦେଖିଲା ପରେ ଆସି ଦେଖେତ ଉକ୍ତ ସ୍ଥାନରେ ଏକ ଲିଙ୍ଗ ରହିଅଛି। ତାକୁ ଯାଇ ଗ୍ରାମରେ ଜନସାଧାରଣଙ୍କୁ ସମସ୍ତ କଥା କହିଲା ପରେ ସେଠାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ପରେ ଉକ୍ତ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଯାଇଥିବା ଜନ ଶ୍ରୁତି ରହିଅଛି। ଏହି ସୁନ୍ଦର ଶୃତିକୁ ମନେ ପକେଇବା ପାଇଁ ଆଜି ମଧ୍ୟ ମନ୍ଦିରରେ କଳା ରଙ୍ଗର ଏକ ଗାଈକୁ ସ୍ଥାପନ କରାଯାଇଅଛି। ଏହା ବିରମହାରାଜପୁରଉପଖଣ୍ଡର ଜଟେସିଂଘା ପଞ୍ଚାୟତ ଅନ୍ତର୍ଗତ ଏକତାଳ ଗ୍ରାମଠାରୁ ଦୁଇ କିଲୋମିଟର ପାଖା ପାଖି ମହାନଦୀ କୂଳରେ ରହିଅଛି।

ବାବା ସ୍ୱପ୍ନେଶ୍ୱର ପୂଜା ପାଉଛନ୍ତି ସୁରୁବାଲି ନଦୀ କୂଳରେ। ଏହା ସୁନାରିବେଣି ଗ୍ରାମ ସୁବଳୟା ନିକଟରେ ରହିଅଛି।ଏବେ ଏହାର ପୁନର କାରୁକାର୍ଯ୍ୟ ଖଚିତ କାର୍ଯ୍ୟ ସମ୍ପାଦନ ହୋଇଛି। ଏତତ୍ ବ୍ୟତିତ ଆହୁରି ଅନେକ ଗୁଡାଏ ଶୈବପୀଠ ରହିଅଛି ତନ୍ମଧ୍ୟରୁ ସିଣ୍ଢୋଳରେ ବାବା ଗୁପ୍ତେଶ୍ୱର, ତେଣ୍ଡାର ରଣେଶ୍ୱର, ପଞ୍ଚ ମହଲାର ବାଣେଶ୍ୱର, ନାକଡେଇଁର ନାଗେଶ୍ୱର, ବିଶିପଡାର କପିଳେଶ୍ୱର, ଶିରପୁରାର ସିଦ୍ଧେଶ୍ୱର, ଶହରିପାଲିର ସ୍ୱପ୍ନେଶ୍ୱର, ପାର୍ବତୀପୁରର ପାର୍ବତୀ ପତି, ଜାଲୋଇର ଜମ୍ବେଶ୍ୱର, କୀର୍ତିପୂରର ବିଶେଶ୍ୱର, ମେଣ୍ଡାମାଳର ଗୁପ୍ତେଶ୍ୱର ଓ ଟିଠିପାଲିର ରାମେଶ୍ୱର ପୂଜା ପାଉଛନ୍ତି।

ଏହାସହ ପର୍ଯ୍ୟଟନ ସକାଶେ ରହିଅଛି ଅନେକ ଆକର୍ଷଣୀୟ ସ୍ଥାନ ହରିହର ଜୋର୍ (ଢେଙ୍ଗୋ ଡେମ୍), ଖଣ୍ଡହତା ପଂଚାୟତର ଦେଉଳଝରି ଓ ମାଟୁପାଲି ନିକଟସ୍ଥ ପାହାଡ଼ ମହିଡୁମ୍ବୁରି, ସିଣ୍ଢୋଳରେରହିଅଛି ଆକର୍ଷଣୀୟ ପ୍ରାଚୀନ ସଭ୍ୟତାର ଐତିହାସିକ ପୃଷ୍ଟଭୂମି ମଣ୍ଡନ ଘନ ଜଙ୍ଗଲ ଓ ସବୁଜିମା ଭରା ସିଂହାସନ ପାହାଡ଼ ସମୂହ। ଏହାର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରି ପର୍ଯ୍ୟଟନ ସ୍ଥଳୀ ସବୁର ଭିତ୍ତିଭୂମିର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପାରିବା ଭଳିଆ ବିକାଶର ଆବଶ୍ୟକତା ରହିଛି। ଯଦ୍ୱାରା ଅଞ୍ଚଳର ସମୃଦ୍ଧି ସମ୍ଭବ ସହ ଆର୍ଥିକଅଭିବୃଦ୍ଧି ଓ କର୍ମ ସଂସ୍ଥାନର ଏକ ହବ୍ ସୃଷ୍ଟି କରି ପାରିବ। ନିର୍ବାଚନ ମଣ୍ଡଳୀ ସକାଶେ ପ୍ରକୃତି ତାର ଭଣ୍ଡାର ଖୋଲିଦେଇଥିବା ବେଳେ ଏବଂ ଏତେ ସବୁସମସ୍ତ ବୈଭବ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଫଳ ରହିବା ନିଶ୍ଚୟ ଆଶ୍ଚର୍ଯ୍ୟ ଜନକ ଅଟେ।

ଆହୁରି ଆଶ୍ଚର୍ଯ୍ୟ ଲାଗୁଅଛି ଏଠାକାର ଗଣ୍ଡାଗଣ୍ଡା ରାଜନୈତିକ ନେତୃବୃନ୍ଦଙ୍କ ମିଶନ୍ ଆଉ ଭିଜନ୍‌କୁ ନେଇ। ଗଡ଼ଜାତ ସମୟରେ ରାଜାଙ୍କବିରୁଦ୍ଧରେ ମେଳି କରିପାରୁଥିବା ଦାୟାଦମାନେ ଏବେ ଗଲେକୁଆଡ଼େ। ଏତେ ବୈଭବ ରହି ଆଜି ଅବହେଳିତ। ଏସବୁକୁ ଦେଖିଲେ ବୁଝା ପଡୁଅଛି ରାଜନୈତିକ ନେତୃବୃନ୍ଦ ଆଜି ମଧ୍ୟ ଏହି ନିର୍ବାଚନ ମଣ୍ଡଳୀର ଭୂଗୋଳ ବୁଝିବାରେ ଅସମର୍ଥ ରହିଛନ୍ତି।

ପର୍ଯ୍ୟଟନ ଏହି ନିର୍ବାଚନ ମଣ୍ଡଳୀର ବିକାଶର ମୁଖ୍ୟ ହୋଇ ଜନସାଧାରଣଙ୍କ ଜୀବନ ଜୀବିକା ସକାଶେ ମହୋଷଧିହେବ ଏହା ଜାଣି ଯୋଜନା ପ୍ରସ୍ତୁତ ନ ହେବା ଫଳରେ ଆଜି ଏତେ ସବୁ ଐତିହାସିକ କିମ୍ବଦନ୍ତୀ ମଣ୍ଡନ କରୁଥିବା ତୀର୍ଥ ସ୍ଥାନ ସବୁ ରହି ମଧ୍ୟ ପର୍ଯ୍ୟଟକଙ୍କୁ ଏହି ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନ ସ୍ଥଳୀ ବିଷୟରେ ଅଜଣା। ଫଳରେ ନିର୍ବାଚନ ମଣ୍ଡଳୀର ଆର୍ଥିକ ବିକାଶ ସହ କର୍ମ ସଂସ୍ଥାନ ଯୋଗାଇବାରେ ବିଫଳ ହୋଇଛି। ଯଦ୍ୱାରା ଏହି ଅଞ୍ଚଳରଲୋକମାନେ ଆଜି ଦେଶରବିଭିନ୍ନ ସ୍ଥାନରେ ଯାଇ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି।

ମନୋଲଭା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ଥଳସବୁ ଆଜି ଦୃଷ୍ଟି ଆଢୁଆଳରେ ରହିଯିବାର ନିଶ୍ଚୟ ଦୁଃଖ ଓ ପରିତାପର ବିଷୟ। ଏଥିପାଇଁ ଆମର ପ୍ରଚାର ପ୍ରସାର ଅଭାବ ସାଙ୍ଗକୁ ଏହାର ପ୍ରକୃତ ମୁଖ୍ୟ ବାଧକ ଉତ୍ତମ ଗମନାଗମନ।

ଆଜି ସ୍ୱାଧୀନତାର ୭୬ ତମ ପାଳନ କରି ସାରିଛେ। ଦେଶରେ ଏବେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଉଅଛି। ତାହାହେଲେ ଏହି ଉତ୍ସବ ପାଳନର ମାନେ କଣ ହୋଇପାରେ।

ଯଦି ଗୋଟାଏ ଅଞ୍ଚଳରେ ପ୍ରକୃତିର ବରଦାନ ରହି ମଧ୍ୟ ସେହି ଅଞ୍ଚଳ ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଅଛି। ଆହୁରିମଧ୍ୟ ଆଶ୍ଚର୍ଯ୍ୟ ଜନକ ଅଟେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀକୁ ରେଳ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ହେଲେ ଯାହା ଜାଣିବାକୁ ହେଉଅଛି ଏଥିପାଇଁ ନେତୃତ୍ୱ ନେଉଥିବା ନେତୃତ୍ୱ ମଧ୍ୟରେ ଏବେ ପର୍ଯ୍ୟନ୍ତ ଭାବନା ଆସିନାହିଁ।ଯାହାକି ଆଶ୍ଚର୍ଯ୍ୟ ଚକିତ କରେ।

ଐତିହାସିକ କିମ୍ବଦନ୍ତୀ ମଣ୍ଡନ ସହ ଅନେକ ପ୍ରାଚୀନ ଦ୍ୱେଭୂମିକୁ ଉତ୍ତମ ସଡ଼କପଥ ଓ ରେଳ ଯୋଗାଯୋଗର ଅଭାବ ଆଜି ଉକ୍ତ ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ ଏବଂ ପର୍ଯ୍ୟଟନ ସ୍ଥଳୀ ସବୁ ଅଜଣା ହୋଇ ରହିଯାଉଅଛି।

ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନର ବିକାଶ ପାଇଁ ନେତୃତ୍ୱ ମଣ୍ଡଳୀ ବିଶେଷ ଭାବରେ ଏବେ ଯୋଜନା ପ୍ରସ୍ତୁତ ସହ ନିର୍ବାଚନ ମଣ୍ଡଳୀ ସକାଶେ ମୋହଷଧି ସାବ୍ୟସ୍ତ ରେଳପ୍ରକଳ୍ପ ସମ୍ବଲପୁର ଗୋପାଳପୁର ରେଳପଥ ବିଷୟରେ ଚିନ୍ତା କରନ୍ତୁ। ଉକ୍ତ ରେଳପଥଟି ଯେମିତିବି ହେଉ ଏହି ନିର୍ବାଚନ ମଣ୍ଡଳୀ ଦେଇ ଯେମିତି ଯିବ ସେଥିପାଇଁ ସଚେତନ ହୁଅନ୍ତୁ।ସ୍ୱାର୍ଥପରତା ପରିହାର କରନ୍ତୁ।

ନଚେତ୍ ଏତେ ଆଭୂଷଣ ବୈଭବ ସତ୍ତ୍ୱେ ଅଜଣା ଓ ଅବହେଳିତ ରହୁଅଛି। ନିଜ ନିଜର ଟିକିଏ ସ୍ୱାର୍ଥ ପରତା ପାଇଁ 'ଜାତିନନ୍ଦିଘୋଷ ଚଳିବ କି ଆଉସ୍ୱାର୍ଥକୁ ସାରଥୀ କଲେ। ଟାଣେକିରେ ଗାଡ଼ି ଦାନାରତୋବଡା ଘୋଡ଼ା ମୁହେଁ ବନ୍ଧା ଥିଲେ।' ସୁତରାଂ ନିର୍ବାଚନମଣ୍ଡଳୀ ପାଇଁ ନିଜର ସ୍ୱାର୍ଥପରତା ପରିହାର କରି ସେବା ମନୋବୃତ୍ତି ରହିଲେ ଅଜଣା ହୋଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଉଥିବା ନିର୍ବାଚନ ମଣ୍ଡଳୀ ଏକ ସମୃଦ୍ଧ ଶାଳୀ ନିର୍ବାଚନ ମଣ୍ଡଳୀ ଭାବରେ ଖ୍ୟାତିଅର୍ଜନ କରିପାରିବ ବୋଲି ବିଶ୍ୱାସ ରହିଛି।

*ସୋନପୁର*
*ଦୂରଭାଷ: ୮୧୪୪୮୭୦୭୨୯*







### ରୋଗୀଙ୍କ ଖାଦ୍ୟ ଅନୁଦାନରେ ୩୦% ବୃଦ୍ଧି

# ଉପକୃତ ହେବେ ୪୨ ଲକ୍ଷରୁ ଅଧିକ



**ଭୁବନେଶ୍ୱର :** ଓଡିଶା ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅନେକ ଗୁଡିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହାସଲ ତଥା ଚିକିତ୍ସା ନିମନ୍ତେ ବ୍ୟକ୍ତିଗତ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ, ନିଦାନ ଜରିଆରେ ମାଗଣା ରୋଗ ଚିହ୍ନଟ ନିମନ୍ତେ ପରୀକ୍ଷା, ନିରାମୟ ଜରିଆରେ ମାଗଣା ଔଷଧ ପ୍ରଦାନ, ସହାୟ ଜରିଆରେ ମାଗଣା ଡାଇଲିସିସ୍ ସେବା, ମାଗଣା ରକ୍ତସେବା, ମାଗଣା ଆମ୍ବୁଲାନ୍ସ ସେବା ଇତ୍ୟାଦି ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ଯୋଗାଇ ଦିଆଯାଉଛି। ରୋଗୀ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଥିବା ଇନଡୋର ରୋଗୀଙ୍କ ପାଇଁ ଦିଆଯାଉଥିବା ଖାଦ୍ୟ ଅନୁଦାନରେ ୩୦ ପ୍ରତିଶତ ବୃଦ୍ଧିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହାଦ୍ୱାର ବାର୍ଷିକ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଉପକୃତ ହେବେ ୪୨ ଲକ୍ଷରୁ ଅଧିକ ରୋଗୀ। ନିଆଯାଇଥିବା ନୂଆ ନିଷ୍ପତ୍ତି ଅନୁଯାୟୀ ଡାକ୍ତରଖାନାମାନଙ୍କରେ ଶଯ୍ୟା ପିଛା ଦିଆଯାଉଥିବା ସାଧାରଣ ଦୈନିକ ଖାଦ୍ୟ ବାବଦକୁ ୮୫ ଟଙ୍କା ବଦଳରେ ୧୧୦ ଟଙ୍କା, ଶିଶୁମାନଙ୍କ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା, ଉଚ୍ଚ ପୁଷ୍ଟିସାରଯୁକ୍ତ ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୯୫ ଟଙ୍କାରୁ ୧୨୦ ଟଙ୍କା, ଶୁଖିଲା ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା ଏବଂ ତରଳ ଖାଦ୍ୟ ବାବଦକୁ ଦିଆଯାଉଥିବା ଦୈନିକ ୮୫ ଟଙ୍କାରୁ ୧୧୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ୬୧୮ଟି ସରକାରୀ ଡାକ୍ତରଖାନାରେ ଏହି ବର୍ଦ୍ଧିତ ମୂଲ୍ୟରେ ଖାଦ୍ୟ ଯୋଗାଇ ଦିଆଯିବ।

# ସୁବ୍ରତ ବାଗ୍‌ଚୀଙ୍କୁ ନୂଆ ଦାୟିତ୍ୱ



**ଭୁବନେଶ୍ୱର :** ଦୀର୍ଘ ୭ବର୍ଷ ଧରି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧକ୍ଷ ଭାବେ କାର୍ଯ୍ୟ କରି ଗତ ଜୁନ୍ ୨୯ତାରିଖରେ ପଦରୁ ଇସ୍ତଫା ଦେଇଥିବା ସୁବ୍ରତ ବାଗଚୀଙ୍କୁ ରାଜ୍ୟ ସରକାର ଆଜି ପୁଣିଥରେ ଥଇଥାନ କରିଛନ୍ତି। ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସମସ୍ତ ସୁବିଧାସୁଯୋଗ ମିଳିବ। ସେ ସଂସ୍ଥାଗତ ଦକ୍ଷତା ବିକାଶ (ଇନଷ୍ଟିଚ୍ୟୁସନାଲ କ୍ୟାପାସିଟି ବିଲିଡିଂ) କ୍ଷେତ୍ରରେ ରାଜ୍ୟ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ ଶ୍ରୀ ବାଗଚୀଙ୍କୁ ରାଜ୍ୟର ସମସ୍ତ ପ୍ରଶାସନିକ ସେବା ପ୍ରଶିକ୍ଷଣ ସଂସ୍ଥାନର ସଂସ୍ଥାଗତ କ୍ଷମତା ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଛନ୍ତି। ଏଭଳି ପଦ ପ୍ରଥମଥର ପାଇଁ ରାଜ୍ୟ ସରକାରରେ ସୃଷ୍ଟି ହୋଇଛି। ସେ ରାଜ୍ୟର ପ୍ରଶାସନିକ ସେବା ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକର ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ ଦିଗରେ କାର୍ଯ୍ୟ କରିବେ ଓ ସେସବୁକୁ ବିଶ୍ୱସ୍ତରୀୟ କରିବା ପାଇଁ ସହାୟତା ଦେବେ। ରାଜ୍ୟର ପ୍ରଶାସନିକ ସେବାରେ ଯୋଗ ଦେଉଥିବା ଅଧିକାରୀ ଓ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ ପାଇଁ ଏକୀକୃତ ଦିଗଦର୍ଶନ ଦେବେ। ସୂଚନାଯୋଗ୍ୟ, ଶ୍ରୀ ବାଗଚୀଙ୍କୁ ରାଜ୍ୟ ସରକାର ନବଗଠିତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ପ୍ରଥମ ଅଧକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ସେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ସହ ଏହି ପଦବୀରେ ୭ବର୍ଷ ଧରି କାର୍ଯ୍ୟ କରିଥିଲେ। ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଦକ୍ଷତା ବିକାଶ କରି ସେମାନଙ୍କୁ ବିଶ୍ୱସ୍ତରୀୟ ମାନବ ସମ୍ବଳ ଭାବେ ପ୍ରସ୍ତୁତ କରିବା ଲକ୍ଷ୍ୟରେ ସ୍ଥାପନ ହୋଇଥିବା ଏହି 'ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ'ର ସଫଳତା ଏବେବି ଅସ୍ପଷ୍ଟ। ଗତ ଜୁନ୍ ୨୯ତାରିଖରେ ସେ ଅଚାନକ ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ପଦରୁ ଇସ୍ତଫା ଦେଇଥିବା ନେଇ ନିଜ ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଥିଲେ। ଚର୍ଚ୍ଚା ହେଉଥିଲା, ସେ ତାଙ୍କର ନିଜ କ୍ୟାନସର ହସ୍ପିଟାଲକୁ ଅଧିକ ସମୟ ଦେବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି। ମାତ୍ର ପୁଣିଥରେ ସରକାରରେ ଥଇଥାନ ହେବାପରେ ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

### ଏମ୍‌ସ ଭୁବନେଶ୍ୱରରେ ଭାରତୀୟ ଅଙ୍ଗଦାନ ଦିବସ ପାଳିତ

## ଅଙ୍ଗଦାନ ନିମନ୍ତେ ଶପଥ ନେଲେ ଚିକିତ୍ସକ, ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଜନସାଧାରଣ




**ଭୁବନେଶ୍ୱର :** ଏମ୍‌ସ ଭୁବନେଶ୍ୱରରେ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହିତ ୧୩ତମ ଭାରତୀୟ ଅଙ୍ଗଦାନ ଦିବସ (ଆଇଓଡିଡି) ପାଳିତ ହୋଇଯାଇଛି। ଅଙ୍ଗଦାନ ଏବଂ ଅଙ୍ଗ ପ୍ରତିରୋପଣର ଆବଶ୍ୟକତା ଥିବା ରୋଗୀଙ୍କ ନିମନ୍ତେ ଏହି ଜୀବନ ପ୍ରଦାନକାରୀ ମହତ ଦିବସ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏମ୍‌ସ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍‌ସ ଓପିଡି ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିକିତ୍ସକ, ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଜନସାଧାରଣ ଅଙ୍ଗଦାନ କରିବାକୁ ଶପଥ ନେଇଥିଲେ। ସେହିପରି ଏମ୍‌ସ ନର୍ସିଂ କଲେଜ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଦର୍ଶିତ ଚମତ୍କାର ନାଟ୍ୟାଅଭିନୟ କାର୍ଯ୍ୟକ୍ରମ ଅଙ୍ଗଦାନର ମହତ୍ତ୍ୱ ବିଷୟରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏଥିସହିତ ଆକର୍ଷଣୀୟ କଳାଚାତୁରୀ ପ୍ରଦର୍ଶନ କରି ଅଙ୍ଗଦାନ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ, ଭ୍ରାନ୍ତଧାରଣା ଏବଂ ଅଜ୍ଞତାକୁ ଦୂର କରିବାରେ ସହାୟକ ହୋଇଥିଲା। ଡିନ୍ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ପି ଆର୍ ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଡି କେ ପରିଡ଼ାଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତିଙ୍କ ଅଙ୍ଗଦାନ କିପରି ଏକାଧିକଙ୍କୁ ଜୀବନଦାନ ଦେଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ ଉପସ୍ଥିତ ଅତିଥିବୃନ୍ଦ। ଡ. ସଞ୍ଜୀବ ଭୋଇ (ନ୍ୟୁରୋଲୋଜି), ଡ. ଆଶିଷ ପଟ୍ଟନାୟକ (ନ୍ୟୁରୋ ସର୍ଜରୀ), ଡ. ସଙ୍ଗୀତା ସାହୁ (ଟ୍ରମା ଏବଂ ଜରୁରୀକାଳୀନ ବିଭାଗ), ଡ. ଭାଗିରଥୀ ଦ୍ୱିବେଦୀ (ଶିଶୁରୋଗ), ଡ. ପ୍ରଭାସ ରଂଜନ ତ୍ରିପାଠୀ (ଆନାଟୋମି) ପ୍ରମୁଖ ବରିଷ୍ଠ ଚିକିତ୍ସକମାନେ ଅଙ୍ଗଦାନର ବର୍ତ୍ତମାନ ସମୟରେ ରହିଥିବା ତାତ୍ପର୍ଯ୍ୟପୂର୍ଣ୍ଣ ଆହ୍ୱାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେହିପରି ଡ. ସନ୍ଦୀପ ପଣ୍ଡା (ନେଫ୍ରୋଲୋଜି) ଏବଂ ଡ. ମନୋଜ ଦାସ (ୟୁରୋଲୋଜି) ଏମ୍ସ ଭୁବନେଶ୍ୱରରେ ସଫଳତାରେ ସହିତ ଜାରି ରହିଥିବା କିଡ୍‌ନୀ ପ୍ରତିରୋପଣ ପ୍ରସଙ୍ଗରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। କଲେଜ ଅଫ୍ ନର୍ସିଂର ଡ. ଧରିତ୍ରୀ ସ୍ୱାଇଁ ଅଙ୍ଗଦାନ କ୍ଷେତ୍ରରେ ନର୍ସିଂ କେୟାରର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ।

### କୁଏତରେ ଭାରତୀୟ ପ୍ରବାସୀ ପରିଷଦ ସଙ୍ଘର ନିର୍ବାଚନ

# ସଭାପତି ଦାୟିତ୍ୱ ଗ୍ରହଣ କଲେ ବିଶ୍ୱ ରଞ୍ଜନ



**କୁଏତ :** ଭାରତୀୟ ପ୍ରବାସୀ ସଙ୍ଘ ତରଫରୁ ବିଶ୍ୱ ରଞ୍ଜନ ସାହୁ ଭାରତୀୟ ପ୍ରବାସୀ ଓଡ଼ିଶା ସଂଘର ସଭାପତି ରୂପେ ନିର୍ବାଚିତ ସହିତ, ଭାରତୀୟ ପ୍ରବାସୀ ପରିଷଦ ର ସାମାଜିକ, ଜନ-କଲ୍ୟାଣର କେନ୍ଦ୍ରୀୟ ବୋର୍ଡରେ ମୁଖ୍ୟ ସଂଜଯୋକ, ସଙ୍ଘର ନର୍ଥ ଇଷ୍ଟ୍ ଇଣ୍ଡିଆର ସଂଯୋଜୋକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହିତ ବିଶ୍ୱ ଓଡିଶା ସମାଜ ସଙ୍ଘ କୁଏତରେ, ସଭାପତି ରୂପେ ନିର୍ବାଚିତ କରାଯାଇଅଛି। ଶ୍ରୀଯୁକ୍ତ ସାହୁ, କୁଏତ ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣ ଅନୁଷ୍ଠାନରେ ଜଡିତ ହେବା ସହିତ ଓଡ଼ିଶାର ସଂସ୍କୃତି, କଳା, ଭାସ୍କରର୍ଯ୍ୟକୁ ବିଦେଶରେ ବେଶ୍ ପ୍ରତିଫଳିନ କରିଛନ୍ତି। ଏହାସହିତ କରୋନା ସମୟରେ ପ୍ରବାସୀ ଓଡ଼ିଆ ଓ ଅଣ ଓଡିଆଙ୍କୁ ଭାରତରେ ପହଞ୍ଚାଇବା, ପ୍ରବାସୀ ଭାରତୀୟଙ୍କର ଅସହାୟ ଓ ଅସୁବିଧା ସମୟରେ ସୁଖ-ଦୁଃଖର ସାଥୀ ରୂପେ ପରିଚିତ। ତାଙ୍କର ନିସ୍ୱାର୍ଥପର ସେବା ଭାବରେ ଅସହାୟଙ୍କ ନିକଟତର ହୋଇ ଛିଡାହୁଅନ୍ତି। ଯାହା ଫଳରେ ପ୍ରବାସୀ ଭାରତୀୟର ଦୀର୍ଘ ୨୦ ବର୍ଷ ଧରି ବିଶ୍ୱାସ ଓ ଭରଷାର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଶ୍ୱ ରଞ୍ଜନ ସାହୁ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥାରେ ପ୍ରମୁଖ ଦାୟିତ୍ୱ ତୁଲାଇଛନ୍ତି। ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥା - ଜାତିସଂଘର ଅନୁଦାନପ୍ରାପ୍ତ ଇକୋସୋକ୍-ସାମାଜିକ-ଅର୍ଥନୈତିକ-ବିକାଶ କ୍ଷେତ୍ରରେ ଏକ ବିଶେଷ ଏନ୍‌ଜିଓ ସଂସ୍ଥା ରୂପେ ପରିଚିତ। ଏହି ସଂସ୍ଥା ଜାତି, ଧର୍ମ, ବର୍ଣ୍ଣ ବିନା ଭେଦ ଭାବରେ, ଏହା ସମଗ୍ର ମାନବଙ୍କ ମଧ୍ୟରେ ସ୍ନେହ ଓ ମମତା, ନିରାପତ୍ତା ଓ ସାମାଜିକ ଓ ଅର୍ଥନୈତିକ ପ୍ରଗତି ହାସଲ କରିବାରେ ସମାଜରେ ପ୍ରୋତ୍ସାହିତ କରିଛି। ବିଶ୍ୱ ରଞ୍ଜନ ସାହୁ ବିଶ୍ୱର ଆନ୍ତର୍ଜାତୀୟ ସାଧାରଣ ସମ୍ପାଦକର ଦାୟିତ୍ୱ ସହିତ, ଗଲ୍ଫ ଦେଶର ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥାର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅବଶ୍ୟ ସେ ନିଜର ବହୁମୂଲ୍ୟ ଓ କଠିନ ପରିଶ୍ରମ ମଧ୍ୟରେ ସମଗ୍ର ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଜଣେ ସକ୍ରିୟ ବନ୍ଧୁ ରୂପେ ପରିଚିତ। ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥା ଓଡିଶାରେ ଏକ ନମ୍ବର ସ୍ଥାନରେ ଓ ସମଗ୍ର ଭାରତ ବର୍ଷରେ ଅଗ୍ରଣୀ ସ୍ଥାନ ରୂପେ ପରିଚିତ। ଏହା ସହିତ ଭାରତ ସେବା ଦର୍ଶନ ଟ୍ରଷ୍ଟର ପ୍ରତିଷ୍ଠାତା ଓ ଅଧକ୍ଷ ଅଛନ୍ତି। ସେ ଜଣେ ଲେଖକ, ସମାଜସେବୀ ରୂପେ ପରିଚିତ। କୁଏତ ରାଇଟର ଫୋରମ୍ ବୋର୍ଡର ସଭ୍ୟ ଅଛନ୍ତି। ଓଡିଆ ନୈତିକ ଓ ପ୍ରେରଣା ଗଳ୍ପ ଲେଖକ ଅଟନ୍ତି। ସେ ସମାଜରେ ବିଭିନ୍ନ ସଚେତନତା ଶିବିର ଆୟୋଜନ, ରକ୍ତ ଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ଅସହାୟ ବ୍ୟକ୍ତିଙ୍କୁ କମ୍ ନିଯୁକ୍ତିରେ ସହଯୋଗ ସହିତ, ବିଭିନ୍ନ ସାମାଜିକ ଓ ଜନ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ କରିଥାନ୍ତି। ସେ ସର୍ବଦା ଗରିବ ଓ ସାମାଜିକ ଜନ କଲ୍ୟାଣରେ ଉତ୍ସର୍ଗୀକୃତ। ଶ୍ରୀ ଜଗନ୍ନାଥ ସମିତିରେ ଏକ ସେବକ ରୂପେ ନିଜକୁ ତ୍ୟାଗଶୀଳ ଓ ସାଧାରଣ ବ୍ୟକ୍ତି ରୂପେ ଦେଶ ଓ ବିଦେଶ ରୂପେ ପରିଚିତ। ତାଙ୍କର ସମ୍ପୂର୍ଣ୍ଣ ଜୀବନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏକ ସମର୍ପଣ ଭାବନା ଓ ସାଧାରଣ ଜୀବନ ଯାପନ କରିବା ପାଇଁ ଭଲପାଆନ୍ତି। ଦେଶ ଓ ବିଦେଶର ସମସ୍ତ ସଂଗଠନ ତରଫରୁ ବିଶ୍ୱ ରଞ୍ଜନ ସାହୁଙ୍କୁ ଆନ୍ତରୀକ ଶୁଭେଚ୍ଛା ଓ ଆଶ୍ରୀବାଦର ବାର୍ତ୍ତା ପଠାଯାଇଛି। ଏଥିନିମନ୍ତେ ବିଶ୍ୱ ରଞ୍ଜନ ସାହୁ, ସମସ୍ତ ସଙ୍ଗଠନର ପ୍ରତିନିଧି, ଭାଇ ଓ ଭଉଣୀଙ୍କୁ ନିଜର ଆନ୍ତରୀକ ଧନ୍ୟବାଦ୍ ପ୍ରଦାନ କରିଛନ୍ତି।

## ସାଇବର ଠକଙ୍କ କବଜାରେ ହୋଟେଲ ୱେବସାଇଟ୍ ଡାଟା

**ଭୁବନେଶ୍ୱର :** ହ୍ୟାକରଙ୍କ ହାତରେ ହୋଟେଲ ଡାଟା। ଭୁବନେଶ୍ୱର ସାଇବର ଥାନାରେ ୨୫ ହୋଟେଲ ମାଲିକଙ୍କ ଅଭିଯୋଗ। ସରକାରୀ ୱେବସାଇଟ ବି ସାଇବର ଠକଙ୍କ କବଜାରେ। ସେପଟେ ଓଏଲ୍‌ଏକ୍ସ ଠକକୁ ବାନ୍ଧିଲା ସାଇବର ପୋଲିସ। ଅବିକଳ ୱେବସାଇଟ ଡିଜାଇନ, ଅଜବ ବୁଦ୍ଧି। ଠକଙ୍କ ଜ୍ଞାନ ଆଗରେ ଯେ କେହି ବି ଧୋକା ଖାଇଯିବ। ହୋଟେଲ ଠକେଇ ନେଇ ପ୍ରଥମେ ପୁରୀରୁ ଅଭିଯୋଗ ଆସିବା ପରେ ଭୁବନେଶ୍ୱରର ୨୫ ହୋଟେଲ ମାଲିକ ଏ ନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଟୁରିଷ୍ଟ ଯେତେବେଳେ ଗୁଗୁଲରେ ହୋଟେଲ ନାଁ ସର୍ଚ୍ଚ କରୁଛନ୍ତି, ସେତେବେଳେ ଅରିଜିନାଲ ବଦଳରେ ଡୁପ୍ଲିକେଟ ୱେବସାଇଟ ବୁକ କରି ଲକ୍ଷାଧିକ ଟଙ୍କା ହରାଉଛନ୍ତି। ଏଭଳି ଅଭିଯୋଗ ବାରମ୍ବାର ହେବା ପରେ ହୋଟେଲ ମାଲିକ ସଂଘ ସହ ଆଲୋଚନା କରିଛି କ୍ରାଇମବ୍ରାଞ୍ଚ। ହୋଟେଲର ଆଇଟିକୁ ସୁଦୃଢ଼ କରିବା ଦିଗରେ କ୍ରାଇମବ୍ରାଞ୍ଚ ଏଡିଜି ମତ ଦେଇଥିବା ବେଳେ ହ୍ୟାକରଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି ପୋଲିସ। ୯୦ ପ୍ରତିଶତ ସରକାରୀ ଓ ବେସରକାରୀ ୱେବସାଇଟ ହ୍ୟାକରଙ୍କ କବଜାରେ ଥିବା ଜଣାପଡିଛି। କିଛିଦିନ ତଳେ ମୋ ସ୍କୁଲର ଅବିକଳ ନକଲ କରି ଚାକିରୀ ପାଇଁ ବିଜ୍ଞପ୍ତି ଦେଇ ଠକେଇ ଘଟଣା ନଜରକୁ ଆସିବା ପରେ ଗଣଶିକ୍ଷା ବିଭାଗ ସଚିବ ଥାନାରେ ଏତଲା ଦେଇଥିଲେ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


### ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା

# ତିନି ମହାନଗର ପାଇଁ ସ୍ୱତନ୍ତ୍ର ମାଷ୍ଟରପ୍ଲାନ



**ଭୁବନେଶ୍ୱର :** ମହାନଗର ନିଗମ ଓ ପୌରାଞ୍ଚଳରେ ଜଳବନ୍ଦୀ ତଥା ଡ୍ରେନେଜ୍ ସମସ୍ୟା ନେଇ ବୁଧବାର ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଉଦ୍ବେଗ ପ୍ରକାଶ ପାଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଡ୍ରେନେଜ୍ ତଥା ଜଳବନ୍ଦୀ ସମସ୍ୟାର ସବୁଦିନିଆ ସମାଧାନ କିପରି ହୋଇପାରିବ ସେନେଇ ବୈଠକରେ ବିଶଦ୍ ଆଲୋଚନା ହୋଇଥିବା ବେଳେ ଭୁବନେଶ୍ୱର, କଟକ ତଥା ବ୍ରହ୍ମପୁର ପାଇଁ ସ୍ୱତନ୍ତ୍ର ଭାବେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କମିଟି ବୈଠକରେ ପ୍ରସ୍ତାବ ଦେଇଥିବା କମିଟି ଅଧକ୍ଷ ତଥା ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସମାଲ ମତବ୍ୟକ୍ତ କରିଛନ୍ତି। ଆଜି ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକରେ ରାଜ୍ୟରେ ଲଗାଣ ବର୍ଷା ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନେଇ ବିଶଦ୍ ଆଲୋଚନା ହୋଇଥିଲା। ବିଶେଷକରି ଜଳବନ୍ଦୀ ସମସ୍ୟାର ସବୁଦିନିଆ ସମାଧାନ କିପରି ହୋଇପାରିବ ସେନେଇ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମତାମତ ଦିଆଯାଇଥିବା ବେଳେ ଏହାକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ସ୍ୱରେଜ ପ୍ଲାନକୁ ଶୀଘ୍ର କାର୍ଯ୍ୟକାରୀ କରିବା, ଡ୍ରେନକୁ ଶୀଘ୍ର ସଫା କରିବା ସହ ଜବରଦଖଲ ଉଚ୍ଛେଦ ସହ କଟକରେ ଜାଇକା ପ୍ରକଳ୍ପକୁ ଶୀଘ୍ର ସାରିବା ଉପରେ ଉପସ୍ଥିତ ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜଳବନ୍ଦୀ ସ୍ଥାନକୁ ଚିହ୍ନଟ କରି ପ୍ରତିକାର କରିବା, ପ୍ଲାନ ଅନୁମୋଦନ ବେଳେ ଜଳ ନିଷ୍କାସନ ଦିଗକୁ ଗୁରୁତ୍ୱ ଦେବା ସହ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ ଦେବା ନେଇ ଷ୍ଟାଣ୍ଡିଂ କମିଟି ବୈଠକରେ ମତପ୍ରକାଶ ପାଇଛି। ବୈଠକ ପରେ ଏନେଇ ଅଧିକ ସୂଚନା ଦେଇ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍ କହିଛନ୍ତି ଯେ ସହରାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା କଥା କହୁଛନ୍ତି। ମାତ୍ର ରାଜଧାନୀ ଭୁବନେଶ୍ୱର ଏବଂ ପୁରୁଣା ରାଜଧାନୀ କଟକରେ ଏଯାବତ୍ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରିଲା ନାହିଁ। ଏନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। କଟକରେ ନୂଆ କରି ଗଢ଼ି ଉଠିଥିବା ମର୍କତ ନଗର ସହର ସ୍ୱେରେଜ ପାଣିରେ ଭାସୁଛି। ଏହାର ସବୁଦିନିଆ ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳରେ ସମ୍ପୂର୍ଣ୍ଣ ନୂଆ ସ୍ୱେରେଜ ଲାଇନ ତିଆରି ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାବ୍ୟତୀତ କଟକ, ଭୁନନେଶ୍ୱର, ବ୍ରହ୍ମପୁର ପରି ସହରରେ ଜଳ ନିଷ୍କାସନ ଯେପରି ସହଜ ଢଙ୍ଗରେ ହୋଇପାରିବ ସେନେଇ ବିଶଦ୍ ଆଲୋଚନା ହୋଇଥିବା ସେ ସୂତନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଧାୟକ ଅମର ପ୍ରସାଦ ଶତପଥୀ, ଅନନ୍ତ ନାରାୟଣ ଜେନା, ବିକ୍ରମ ପଣ୍ଡା, ସୁଶାନ୍ତ ରାଉତଙ୍କ ସମେତ ଭୁବନେଶ୍ୱର ଏବଂ କଟକ ମହାନଗର ନିଗମର କମିଶନର ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


# ହାଇକୋର୍ଟଙ୍କ ନିର୍ଦ୍ଦେଶ: ଦୁଇ ମାସରେ ପୂରଣ ହେବ ମାନବାଧିକାର କମିସନ ସଦସ୍ୟ ପଦ

**କଟକ :** ଓଡ଼ିଶା ମାନବାଧିକାର କମିସନରେ ଖାଲି ପଡିଥିବା ସଦସ୍ୟ ପଦ ଆସନ୍ତା ଦୁଇ ମାସ ଭିତରେ ପୂରଣ ହେବ। ଏସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ ବିଧିସମ୍ମତ କମିସନରେ ଖାଲି ପଡିଥିବା ପଦବି ଯଥାଶୀଘ୍ର ପୂରଣ କରାଯିବା ଉଚିତ। ଦୁଇ ମାସ ଭିତରେ ମାନବାଧିକାର କମିସନ ସଦସ୍ୟ ପଦ ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ନିର୍ଦ୍ଦେଶ ଦେବା ସହ ହାଇକୋର୍ଟ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ ମାନବାଧିକାର କମିସନ ସଦସ୍ୟ ଜଷ୍ଟିସ ରଘୁବୀର ଦାଶ ଇସ୍ତଫା ଦେବା ପରେ ୨୦୨୩ ଫେବ୍ରୁଆରି ୯ରୁ ଏହି ପଦବି ଖାଲି ପଡିଛି। ସୁପ୍ରିମେକୋର୍ଟ ଡି.କେ.ବସୁ ମାମଲାରେ ପ୍ରଦାନ କରିଥିବା ରାୟରେ ରାଜ୍ୟ ମାନବାଧିକାର କମିସନ ସଦସ୍ୟ ପଦ ତିନି ମାସ ଭିତରେ ପୂରଣ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ରାଜ୍ୟ ସରକାର ନିୟମ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା କରୁଛନ୍ତି। ତିନି ମାସ ନିର୍ଦ୍ଧାରିତ ସମୟ ସୀମା ଅତିବାହିତ ହୋଇଥିଲେ ମଧ୍ୟ ରାଜ୍ୟ ମାନବ ଅଧିକାର କମିସନ ସଦସ୍ୟ ପଦ ପୂରଣ କରାଯାଇ ନାହିଁ ବୋଲି ଦର୍ଶାଇ ଶ୍ରୀ ଦାସ ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ। ମେ ୧୭ରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ତରଫରୁ ଆଇନ ବିଭାଗ ଅନୁସଚିବଙ୍କ ଜୁଲାଇ ୩୧ର ଚିଠି ଉପସ୍ଥାପନ କରାଯାଇଥିଲା। ମାନବାଧିକାର କମିସନ ସଦସ୍ୟ ପଦ ପୂରଣ ପ୍ରସଙ୍ଗରେ ସରକାର ସକ୍ରିୟ ବିଚାର କରୁଛନ୍ତି ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ସଦସ୍ୟ ପଦ ଖାଲି ହେବାର ତିନି ମାସ ଭିତରେ ଏହା ପୂରଣ ହେବା କଥା ବୋଲି ଆବେଦନକାରୀ ଯୁକ୍ତି ଉପସ୍ଥାପନ କରିଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି